

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୧ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 September 2024

Vol.No. 35 ■ No.234 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସେପ୍ଟେମ୍ବର ୮ରେ ଆମେରିକା ଯିବେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୩୧/୮ : ଲୋକସଭା ବିରୋଧୀ ଦଳ ନେତା ହେବା ପରେ ପ୍ରଥମଥର ପାଇଁ ବିଦେଶ ଗସ୍ତ କରିବେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଆସନ୍ତା ୮ରୁ ୧୦ ତାରିଖ ଯାଏ ସେ ଆମେରିକା ଗସ୍ତ କରିବେ। ଆମେରିକା ଗସ୍ତରେ ଯିବାକୁ ରାହୁଲ ଗାନ୍ଧି ଡାଲ୍ଲାସ, ଟେକ୍ସାସ ଓ ୱାଶିଂଟନ ଡିସିରେ ଭାରତୀୟ ବଂଶୋଦ୍ଭବ, ଶିକ୍ଷାର୍ଥୀ, ଶିକ୍ଷାବିତ ଓ ଆଇନ ପ୍ରଣୟନକାରୀଙ୍କୁ ଭେଟିବେ। ଭାରତୀୟ ଓଭରସିଜ କଂଗ୍ରେସର ଅଧ୍ୟକ୍ଷ ସାମ ପିତ୍ରୋଦା ଆଜି ରାହୁଲ ଗାନ୍ଧି ଆମେରିକା ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାହୁଲ ଗାନ୍ଧି ବିରୋଧୀ ଦଳ ନେତା ହେବା ପରେ ଭାରତୀୟ ବଂଶୋଦ୍ଭବ, ଡିପ୍ଲୋମାଟ, ଶିକ୍ଷାବିତ, ବ୍ୟବସାୟୀ, ନେତା, ଅନ୍ତର୍ଜାତୀୟ ମିଡିଆ ଓ ଅନେକ ଲୋକ ତାଙ୍କ ସହ କଥାବାର୍ତ୍ତା ହେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏନେଇ ଆମ ପାଖକୁ ଅନେକ ଅନୁରୋଧ ଆସିଥିଲା। ତେଣୁ ରାହୁଲ ଗାନ୍ଧି ଆମେରିକା ଗସ୍ତରେ ଆସୁଥିବା ସେ ସୂଚନା ଦେଇଛନ୍ତି। ରାହୁଲ ଗାନ୍ଧିଙ୍କ ଆମେରିକା ଗସ୍ତ ସେପଟ୍ଟେମ୍ବର ୮ରୁ ଡାଲ୍ଲାସରୁ ଆରମ୍ଭ ହେବ। ଏଠାରେ ସେ ଟେକ୍ସାସ ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀ, ଶିକ୍ଷାନୁଷ୍ଠାନ ଓ ସ୍ଥାନୀୟ ଭାରତୀୟ ବଂଶୋଦ୍ଭବ ସଦସ୍ୟମାନଙ୍କ ସହ କଥାବାର୍ତ୍ତା କରିବେ। ସେପଟ୍ଟେମ୍ବର ୯ରେ ରାହୁଲ ଗାନ୍ଧି ୱାଶିଂଟନ ଡିସିରେ ମଧ୍ୟ ସମାନ କାର୍ଯ୍ୟକ୍ରମ କରିବେ।

# ତୁରନ୍ତ ନ୍ୟାୟ ମହିଳାଙ୍କ ସୁରକ୍ଷାକୁ ନିଶ୍ଚିତ କରିବ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୩୧/୮ : ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର ତୁରନ୍ତ ନ୍ୟାୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜିଲ୍ଲା ନ୍ୟାୟପାଳିକାର ରାଷ୍ଟ୍ରୀୟ ସମ୍ମିଳନୀର ଉଦଘାଟନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଦେଶରେ ହେଉଥିବା ମହିଳା ବିରୋଧୀ ଅପରାଧ ଉପରେ ଗୁରୁତ୍ୱାରୋପ କରି ଶୀଘ୍ର ନ୍ୟାୟର ଆବଶ୍ୟକତାକୁ ଦୋହରାଇଛନ୍ତି। ଏସବୁ ଅପରାଧକୁ ରୋକିବା ପାଇଁ ଶୀଘ୍ର ନ୍ୟାୟ ପ୍ରଦାନର ଆବଶ୍ୟକତା ରହିଛି। ଏହା ମଧ୍ୟ ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ନ୍ୟାୟରେ ଘଟୁଥିବା ବିଳମ୍ବକୁ ଶେଷ କରିବା ପାଇଁ ବିଗତ ଏକ ଦଶନ୍ଧୀ ମଧ୍ୟରେ ବିଭିନ୍ନ କ୍ଷେତ୍ର ଉପରେ କାର୍ଯ୍ୟ ହୋଇଛି। ୧୦ ବର୍ଷ ମଧ୍ୟରେ ଦେଶରେ ନ୍ୟାୟିକ ଢାଞ୍ଚାର ବିକାଶ ପାଇଁ ୮,୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ବିଗତ ୨୫ ବର୍ଷ ମଧ୍ୟରେ ଖର୍ଚ୍ଚ ହୋଇଥିବା ଅର୍ଥ ସହ ସମାନ। ବର୍ତ୍ତମାନ ସମୟରେ ମହିଳାଙ୍କ ବିରୋଧରେ ହେଉଥିବା ଅତ୍ୟାଚାର, ଶିଶୁ ସୁରକ୍ଷାକୁ ନେଇ ସମାଜରେ ଏକ ଗମ୍ଭୀର ଚିନ୍ତା ପ୍ରକଟ ପାଇଛି। ଦେଶରେ ମହିଳାଙ୍କ ସୁରକ୍ଷା ପାଇଁ ଅନେକ କଠୋର ଆଇନ ପ୍ରଣୟନ ହୋଇଛି। ତଥାପି ଆମକୁ ଏହାକୁ ଆହୁରି ସକ୍ରିୟ କରିବାର ଆବଶ୍ୟକତା ରହିଛି। ମହିଳାଙ୍କ ଉପରେ ହେଉଥିବା ଅପରାଧ ସହ ଜଡ଼ିତ ମାମଲାର ଯେତେ ଶୀଘ୍ର ନ୍ୟାୟ ଆସିବ, ଦୋଷୀକୁ ଦଣ୍ଡ ମିଳିବ, ସେତେ ମହିଳାଙ୍କ ସୁରକ୍ଷା ଉପରେ ଭରସା ଆସିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଭାରତର ଲୋକମାନେ ସୁପ୍ରିମକୋର୍ଟ ଏବଂ ନ୍ୟାୟପାଳିକା ଉପରେ କେବେ ବି ଅବିଶ୍ୱାସ କରନ୍ତି ନାହିଁ। ତେଣୁ ସୁପ୍ରିମକୋର୍ଟର ଏହି ୭୫ ବର୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଭାରତର ଗର୍ବକୁ ବଢାଇଥାଏ। ସୁପ୍ରିମକୋର୍ଟର ୭୫ ବର୍ଷ... ଏହା କେବଳ ଗୋଟିଏ ଅନୁଷ୍ଠାନର ଯାତ୍ରା ନୁହେଁ। ଏହା ହେଉଛି ଭାରତର ସମ୍ବିଧାନ ଏବଂ ସାମ୍ବିଧାନିକ ମୂଲ୍ୟବୋଧର ଯାତ୍ରା। ଗଣତନ୍ତ୍ର ଭାବରେ ଅଧିକ ପରିପକ୍ୱ ହେବା ପାଇଁ ଭାରତର ଯାତ୍ରା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦିଲ୍ଲୀରେ ଆୟୋଜିକ ହୋଇଥିବା ଏହି ଉଦଘାଟନୀ ଉତ୍ସବରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ସମେତ ବହୁ ବରିଷ୍ଠ ବିଚାରପତି ଏବଂ ଓକିଲ ଯୋଗ ଦେଇଥିଲେ।

## ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥାଇପାରେ ସୁଡ଼ଙ୍ଗ ଓ ଗୁପ୍ତଭଣ୍ଡାର: ଆଇନମନ୍ତ୍ରୀ



ଭୁବନେଶ୍ୱର, ୩୧/୮ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥାଇପାରେ ସୁଡ଼ଙ୍ଗ ଓ ଗୁପ୍ତଭଣ୍ଡାର। ଏହାର ସନ୍ଧାନ ପାଇଁ ନନ୍-ପେନିଟ୍ରେଟିଂ ସର୍ଭେ କରିବାକୁ ଯୋଜନା ଅଛି। ଏହା କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କହିଛନ୍ତି, ଇଝଓ ତାର ପ୍ରାଥମିକ ଅନୁସନ୍ଧାନ ସାରିଛି। ବର୍ତ୍ତମାନ ଯୋଡ଼ିଏ କାମ। ନନପେନିଟ୍ରେଟିଙ୍ଗ ସର୍ଭେ ଗୋଟେ କରିବା ପାଇଁ ଯୋଜନା ଅଛି। ଗଜପତି ମହରାଜ ବି କହିଛନ୍ତି, ବିଭିନ୍ନ ସମୟରେ ବର୍ଗୀୟ ମୋଗଲ ଆକ୍ରମଣ ବେଳେ, କାଳେ ସେ ସମୟର କିଛି ଜନିଷ କିଛି ଅଳଙ୍କାର ଚଟାଣ ତଳେ ଥିବ, ତାହା ଦେଖିବାର ଆବଶ୍ୟକତା ରହିଛି। କିଛି ପରିକଳ୍ପନା ଆସୁଛି, ସେଠାରେ ସୁଡ଼ଙ୍ଗ ଥାଇପାରେ, ନଥାଇପାରେ। ସେ ଦୃଷ୍ଟିରୁ ଜିପିଆର୍ ସର୍ଭେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ଏସଆଇ ତାର ଦାୟିତ୍ୱ ନେଇଛି। ଗୁପ୍ତ ରତ୍ନଭଣ୍ଡାରକୁ ନେଇ ମଧ୍ୟ ସ୍ପଷ୍ଟତା ଆସିନଥିବାରୁ ଜିପିଆର ସର୍ଭେ ଓ ଟେକ୍ନିକାଲି କାମ ହେବ। କୌଣସି ଯନ୍ତ୍ର ମାଟି ଭିତରକୁ ଭର୍ତ୍ତି ନକରି,

▶▶ପୃଷ୍ଠା ୭

## ମାଡ଼ି ଚାଲିଛି ବାର୍ଡ ଫ୍ଲୁ: ଭୁବନେଶ୍ୱରରେ କଂପନ, ଚିକେନ୍ ଓ ଅଣ୍ଡାକୁ ଡରିଲେଣି ଗ୍ରାହକ



ଭୁବନେଶ୍ୱର, ୩୧/୮ (ନି.ପ୍ର): ହାଟରେ ବାଟରେ ଏବେ ଗୋଟିଏ ଚର୍ଚ୍ଚା 'ବାର୍ଡ ଫ୍ଲୁ'। କିଏ କହିଲେଣି ଅଣ୍ଡା ଖାଇବାକୁ ଡର ଲାଗୁଛି ତ ଆଉ କିଏ ପରାମର୍ଶ ଦେଲେଣି, କିଛି ଦିନ ପାଇଁ ଚିକେନ୍ ଛାଡ଼ି ଦେବାକୁ। ଆମିଷ ପ୍ରେମୀ ଚିନ୍ତାରେ, ବ୍ୟବସାୟୀ ବି ଘାଟାରେ। ପଡ଼ୋଶୀ ପୁରୀ ଜିଲ୍ଲାରେ ବାର୍ଡ ଫ୍ଲୁ ବ୍ୟାପିବା ପରେ ରାଜଧାନୀବାସୀଙ୍କୁ ଚେତାଇ ଦେଇଛି ପ୍ରଶାସନ। ଚିକେନ୍ ଖାଇବାକୁ ବାରଣ ସହ ପ୍ରଭାବିତ ଅଞ୍ଚଳରୁ କୁକୁଡ଼ା ଆଣିଲେ ବ୍ୟବସାୟୀଙ୍କ ବିରୋଧରେ ଆକ୍ସନ ଚେତାବନୀ ଦେଇଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ବାର୍ଡ ଫ୍ଲୁର ହଟସ୍ପଟ୍ ସାଜିଛି

▶▶ପୃଷ୍ଠା ୭

## ବିଧାନସଭାରେ ଛତୁଆ ତାତି: ପୁଷ୍ଟିକର ଖାଦ୍ୟ ନାଁରେ ଅଖାଦ୍ୟ ଯୋଗାଣ ଅଭିଯୋଗ



ଭୁବନେଶ୍ୱର, ୩୧/୮ (ନି.ପ୍ର): ଛତୁଆକୁ ନେଇ ବିଧାନସଭାରେ ଗଭୀର ଉଦବେଗ । ଗର୍ଭବତୀ ମହିଳା ଓ କଅଁଳ ପିଲାଙ୍କ ପୁଷ୍ଟିକର ଖାଦ୍ୟ ଛତୁଆକୁ ନେଇ ବରିଷ୍ଠ ବିଧାୟକଙ୍କ ତାଚ୍ଛଲ୍ୟ, ବ୍ୟବସ୍ଥାକୁ ତୀବ୍ର ସମାଲୋଚନା । ବର୍ଷ ବର୍ଷ ଧରି ରାଜ୍ୟବ୍ୟାପୀ ବିଶାଳ ଚେର ମାଡ଼ି ସାରିଥିବା ଛତୁଆ ଦୁର୍ନୀତିକୁ ନେଇ ବିଧାନସଭାରେ ଦେଖିବାକୁ ମିଳିଛି ଉଦବେଗ । ଆଜି ଗୃହରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପ୍ରଶ୍ନୋତ୍ତର ଆରମ୍ଭ ହେବା ମାତ୍ରେ ଛତୁଆ ମହାଦୁର୍ନୀତି ପ୍ରସଙ୍ଗରେ ମୁହଁ ଖୋଲିଥିଲେ କଂଗ୍ରେସର ବରିଷ୍ଠ ସଦସ୍ୟ ତାରା ବାହିନୀପତି । ପରେ ପରେ ବିରୋଧୀଙ୍କ ସ୍ୱର ସହ ସ୍ୱର ମିଳାଇଥିଲେ ଶାସକ ଦଳର ସଦସ୍ୟ । ବ୍ୟବସ୍ଥାରେ ନାକ ତଳେ ଚାଲୁଥିବା ଏ ମହାଦୁର୍ନୀତି ସମ୍ପର୍କରେ ସମସ୍ତେ ଅବଗତ ଥାଇ ବି କିଭଳି ବର୍ଷ ବର୍ଷ ଧରି ପୁଷ୍ଟି ନାଁରେ ଅପପୁଷ୍ଟି ବଣ୍ଟା ଚାଲିଛି ତା'ର ସ୍ପଷ୍ଟ ଅବତାରଣା କରିଥିଲେ ଜଣକ ପରେ ଜଣେ ବିଧାୟକ । ପରେ ଏ ଘଟଣାର ତଦନ୍ତ କରାଯାଇ, ବିଧାନସଭାକୁ ଜଣାଯିବ ବୋଲି ଉତ୍ତର ରଖିଥିଲେ ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା । ଏହା ପୂର୍ବରୁ ମଧ୍ୟ ଛତୁଆ ଦୁର୍ନୀତିକୁ ନେଇ ବିଭିନ୍ନ ସମୟରେ ବିରୋଧାଭାଷ ଓ ବାଦ ବିବାଦର କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା । ଗତ ୨୬ ତାରିଖରେ ଭଦ୍ରକ ତିହିଡ଼ି

▶▶ପୃଷ୍ଠା ୭

## ଲୁସି ଦାସ ଏସ୍‌ସିବିର ନୂଆ ଡିନ୍ ଓ ଅଧ୍ୟକ୍ଷ

ଭୁବନେଶ୍ୱର, ୩୧/୮ (ନି.ପ୍ର): କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ନୂଆ ଡିନ୍ ଓ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ପ୍ରଫେସର ଡାକ୍ତର ଲୁସି ଦାସ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ପ୍ରଫେସର ଡାକ୍ତର ଲୁସି ଦାସଙ୍କୁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ଅଧୀକ୍ଷକ ଦାୟିତ୍ୱ ତୁଲାଇବାକୁ ମଧ୍ୟ କୁହାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ସମ୍ଭାଳିବାକୁ ତାଙ୍କୁ କୁହାଯାଇଛି।

## ନୂଆ ଅବକାରୀ ନୀତିରେ ନିଶା ନିୟନ୍ତ୍ରଣକୁ ଗୁରୁତ୍ୱ: ଗ୍ରାମାଞ୍ଚଳରେ ବାରକୁ ମିଳିବନି ଅନୁମତି



ଭୁବନେଶ୍ୱର, ୩୧/୮ (ନି.ପ୍ର): ଆସିଲା ନୂଆ ଅବକାରୀ ନୀତି । ବନ୍ଦ ହେଲା ଡାନ୍ସ ବାର, ଖୋଲିବନି ନୂଆ ମଦ ଦୋକାନ । ଗ୍ରାମାଞ୍ଚଳରେ ବାରକୁ ମିଳିବନି ଅନୁମତି । କେବଳ ଥ୍ରୀ-ଷ୍ଟାରରୁ ଅଧିକ ହୋଟେଲ୍‌କୁ ବାର୍ ଅନୁମତି ମିଳିବ । ବାରରେ ନାଚ ଉପରେ ରୋକ୍ ଲାଗିଥିବା ବେଳେ ମହିଳାମାନେ କିନ୍ତୁ ଗୀତ ପରିବେଷଣ କରିପାରିବେ । ସବୁଠୁ ବଡ଼ କଥା ହେଲା ପ୍ରଥମ ଥର ପାଇଁ ନିଶା ବିରୋଧୀ ସଚେତନତା ପାଇଁ ୧୦୦ କୋଟି ଟଙ୍କାର ପାଣ୍ଠି ଗଠନ କରାଯାଇଛି । ଗାଁରୁ ଆରମ୍ଭ କରି ସହରାଞ୍ଚଳ ଯାଏ ସବୁଠି ନିଶା ବିରୋଧୀ

▶▶ପୃଷ୍ଠା ୭

## ରାଜ୍ୟରେ ଆରମ୍ଭ ହେଲା 'ପିଏମ୍-ଉଷା': ବଢ଼ିବ ଶିକ୍ଷାର ମାନ, ଦକ୍ଷ ହେବେ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୩୧/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ କହିଛନ୍ତି, ସାକ୍ଷରତା ଓ ପ୍ରାଥମିକ ଶିକ୍ଷା ବର୍ତ୍ତମାନ ଏକ ସମସ୍ୟା ହୋଇନାହିଁ। ଆମେ ଯୁବବର୍ଗଙ୍କୁ କିଭଳି ସାଧାରଣ ଶିକ୍ଷା ପରେ ଦକ୍ଷତା ବୃଦ୍ଧି କରିବା ତାହା ଉପରେ ଅଧିକ ଧ୍ୟାନ ଦେବାକୁ ପଡିବ। ଓଡ଼ିଶାରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ - ପିଏମ୍ ଉଷା। ଏଥିପାଇଁ କୃଷି ଭବନ ଅଡିଟୋରିୟମଠାରେ ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରାଜ୍ୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ପ୍ରଣୟନ ଜରିଆରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିକୁ ସୁଦୃଢ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଗୁଣବତ୍ତା ଶିକ୍ଷା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦଇଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାକ୍ଷରତା ଓ ପ୍ରାଥମିକ ଶିକ୍ଷା ବର୍ତ୍ତମାନ ଏକ ସମସ୍ୟା ହୋଇନାହିଁ। ଆମେ ଯୁବବର୍ଗଙ୍କୁ କିଭଳି ସାଧାରଣ ଶିକ୍ଷା ପରେ ଦକ୍ଷତା ବୃଦ୍ଧି କରିବା ତାହା ଉପରେ ଅଧିକ ଧ୍ୟାନ ଦେବାକୁ ପଡିବ। ଶିକ୍ଷା ପ୍ରଣାଳୀ ସହ ତାଳ ଦେଇ ଆମକୁ ସେହି ସ୍ତରରେ ପହଞ୍ଚିବାର ଅଛି। ଏହି ଯୋଜନା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଇର୍ଣ୍ଟର୍ନସିପ୍ ମାଧ୍ୟମରେ ଇଣ୍ଡଷ୍ଟ୍ରିଆଲ୍ ଏକ୍ସପୋଜର୍ ପ୍ରଦାନ କରାଯିବା ସହିତ ପ୍ଲେସମେଣ୍ଟ ମାଧ୍ୟମରେ ନିଯୁକ୍ତି ସୁଯୋଗ ମଧ୍ୟ ପ୍ରଦାନ କରାଯିବ । ଧନ୍ଦାମୂଳକ ଏବଂ ଉଦ୍ୟୋଗଭିତ୍ତିକ ପାଠ୍ୟକ୍ରମକୁ ପ୍ରାଧାନ୍ୟ ଦେବା ସହ ଛାତ୍ରଛାତ୍ରୀ ଯେପରି ରୋଜଗାରକ୍ଷମ ହୋଇପାରିବେ ତାହା ସୁନିଶ୍ଚିତ କରାଯିବ । ଯୋଜନା ମାଧ୍ୟମରେ ଓଡିଶାର ଆସ୍ପିରେସନାଲ୍ ଜିଲ୍ଲାରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ବିକାଶ ପ୍ରତି ବିଶେଷ ଭାବେ ଗୁରୁତ୍ୱ ପ୍ରଦାନ କରାଯିବ । ଓଡ଼ିଶାରେ ନବଗଠିତ ରାଜ୍ୟ ଏବଂ କେନ୍ଦ୍ର ସରକାରର ମିଳିତ

▶▶ପୃଷ୍ଠା ୭

## ଆଜିଠୁ ଆରମ୍ଭ ହେବ ସୁଭଦ୍ରା ଯୋଜନା ପଂଜୀକରଣ

ଭୁବନେଶ୍ୱର, ୩୧/୮ (ନି.ପ୍ର): ଆସନ୍ତାକାଲି (ରବିବାର) ଠାରୁ ଆରମ୍ଭ ହେବ ସୁଭଦ୍ରା ଯୋଜନା ପାଇଁ ପଂଜୀକରଣ ପ୍ରକ୍ରିୟା। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି। ମହିଳାମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ମଜବୁତ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ 'ସୁଭଦ୍ରା' ଯୋଜନା ଆରମ୍ଭ କରିଛନ୍ତି। ଏଥି ନିମନ୍ତେ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇସାରିଛି। ଏହି ଯୋଜନା ଅଧୀନରେ ଓଡ଼ିଶାର ଏକ କୋଟିରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି । ହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଆବେଦନ ଫର୍ମ ପଠାଯାଇଛି । ସମସ୍ତ ଜିଲ୍ଲାରେ ହିତାଧିକାରୀଙ୍କ ନିମନ୍ତେ ଆଜିଠାରୁ ଏହି ଫର୍ମ ଉପଲବ୍ଧ ହେବା ସହ ଆସନ୍ତାକାଲିଠାରୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବ ।

## ବ୍ଲକ ଶିକ୍ଷା ଅଧିକାରୀଙ୍କ ଘରେ ପଶିଲା ଭିଜିଲାନ୍ସ: ୬ଟି ସ୍ଥାନରେ ଚଢ଼ାଉ

ଛତ୍ରପୁର, ୩୧/୮ (ନି.ପ୍ର): ବ୍ଲକ ଶିକ୍ଷା ଅଧିକାରୀଙ୍କ ଘରେ ପଶିଲା ଭିଜିଲାନ୍ସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ରଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସୀତାରାମଙ୍କ ଗଞ୍ଜାମ ଜିଲ୍ଲାର ଛତ୍ରପୁର ସରକାରୀ କାର୍ଯ୍ୟାଳୟ, ବ୍ରହ୍ମପୁର ସହରର ରାମକୃଷ୍ଣନଗର ସମେତ ୩ଟି ସ୍ଥାନ ଓ ପୋଲସରାର ୨ଟି ସ୍ଥାନରେ ଏକାକାଳୀନ ଚଢାଉ କରାଯାଇଛି। ଚଢ଼ାଉ ବେଳେ ସୁନା, ରୁପା ଗିନା,ଚାମଚ, ଦାମୀ ଘଣ୍ଟା ଜବତ କରାଯାଇଛି। ଏଥିସହ ୩ଟି ବହୁ ତଳ କୋଠା, ଗୋଟିଏ ଦାମୀ କାର, ୬ ଲକ୍ଷ ୫୦ ହଜାର କ୍ୟାସ ଜବତ କରାଯାଇଛି। ସୀତାରାମ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା।



## ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଏଏସ୍‌ଆଇ

ବାରିପଦା, ୩୧/୮ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାରିପଦା ଟାଉନ ଥାନା ଏଏସ୍‌ଆଇ ରାମଚନ୍ଦ୍ର ସୋରେନ। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏକ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ସାହାଯ୍ୟ କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଏଏସ୍‌ଆଇ ରାମଚନ୍ଦ୍ର ସୋରେନ। ଅଭିଯୁକ୍ତ ଏ ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ପ୍ରକାରେ ଆଜି ଏଏସ୍‌ଆଇ ରାମଚନ୍ଦ୍ର ସୋରେନ

▶▶ପୃଷ୍ଠା ୭

# ମାରଣାସ୍ତ୍ର ଦେଖାଇ ସୁନାଗହଣା ଓ ଟଙ୍କା ଲୁଟ ଘଟଣାରେ ଲୁଟେରାଙ୍କ ସଂପୃକ୍ତି ନେଇ ସନ୍ଦେହ

ନୀଳଗିରି , ୩୧/୮ (ନି.ପ୍ର): ଘରେ ପଶି ଧମକ ଚମକ ଦେବା ସହିତ ଖଣ୍ଡା ଓ ଭୁଜାଲି ଦେଖାଇ ସୁନାଗହଣା ସମେତ ଟଙ୍କା ଲୁଟ ହୋଇଥିବା ନେଇ ଆଜି ନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧୀନସ୍ଥ ଧୋବଶିଳା ପଞ୍ଚାୟତ ଗୋପୀନାଥପୁର ଗ୍ରାମର ବଂଶୀଧର ପଣ୍ଡା ଙ୍କ ଘରେ ଗୁରୁବାର ରାତ୍ରୀ ପ୍ରାୟ ୧୨ଟା ପରେ ଏକ ହୁଣ୍ଡାଇ ନଂ ଓଆର - ୦୫- ଆର ୧୫୦୨କାରରେ ୪/ ୫ଜଣ ଦୁର୍ବୃତ୍ତ ଆସି କବାଟ ବାଡେଇଥିଲେ । ଶ୍ରୀ ପଣ୍ଡାଙ୍କ ପୁଅ ଶୁଭ୍ରଜିତ୍ କବାଟ ଖୋଲିବା ପରେ ୨ଜଣ ଯୁବକ ପରିବାର ଲୋକଙ୍କୁ ଭୁଜାଲି ଓ ଖଣ୍ଡା ଦେଖାଇ ଗଡରେଜ୍ ଚାବି ମାଗି ଗଡରେଜରେ ଥିବା ୭୦ହଜାର ଟଙ୍କା ସହ ସୁନାଗହଣା ଲୁଟି କାରରେ ପଳାଇ ଯାଇଥିବା ବେଳେ ଘରର ବାହାର ପଟୁ ବନ୍ଦ କରି ପଳାଇ ଯାଇଥିଲେ ।ଏନେଇ ଶୁକ୍ରବାର ସକାଳେ ନୀଳଗିରି ଥାନାରେ ଏକ ଏତଲା ଦେଇଛନ୍ତି ଶ୍ରୀ ପଣ୍ଡାଙ୍କ ସ୍ତ୍ରୀ ମିନତୀ ପଣ୍ଡା । ଏଥିସହିତ ଏହି ଚୋରୀ ଓ ଲୁଟ୍ ଘଟଣାରେ ତନଞ୍ଜୟ ପାତ୍ର ଓରଫ ମାନସ ପାତ୍ରଙ୍କ ନାମ ଓ ମୋବାଇଲ ନମ୍ବର ଉଲ୍ଲେଖ କରିବା ସହିତ ତାଙ୍କର ସଂପୃକ୍ତି ଥିବା ଶ୍ରୀମତୀ ପଣ୍ଡା ଏତଲାରେ ଉଲ୍ଲେଖ କରିଛନ୍ତି । ତେବେ କିଏ ସେହି ତନଞ୍ଜୟ ଓରଫ ମାନସ ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ତେବେ ମାନସର ନାମ ଉଲ୍ଲେଖ କରିବା ଏବଂ ଗାଡ଼ିର ଫଟୋ ଏବଂ ଗାଡ଼ି ନଂ ଏତଲାରେ ଦର୍ଶାଇବା ନେଇ ପ୍ରକୃତରେ ସଂପୃକ୍ତ ଚୋରୀ ଘଟଣାରେ କୌଣସି ସତ୍ୟତା ରହିଛି ନା ଏହାକୁ ଚୋରୀର ରୂପ ଦିଆଯାଇଛି ଏହାକୁ ନେଇ ସନ୍ଦେହ ଉପୁଜିଛି ।

# ଶ୍ରୀ ଅରବିନ୍ଦ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବେତନଟୀ , ୩୧/୮ (ନି.ପ୍ର): ବେତନଟୀ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ବେତନଟୀ ର ବିଦ୍ୟାଳୟ ପରିସରରେ 'ସମ୍ବାଦ' ସାହିତ୍ୟଘର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ପଦ୍ମମାଳୀ ମହିଳା ସଂଗଠନର ସଭାପତି ସଂଯୁକ୍ତ ଜୀ ଅଧକ୍ଷା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବେତନଟୀ ସମିତି ରଣଜିତ ସଂ, ବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଉପାଧ୍ୟାୟ, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ,ପଦ୍ମମାଳି ମହିଳା ସଂଗଠନ ର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତିଞ୍ଜଳି ଭୂୟାଁ, ମିନତି ସାହୁ , ରଞ୍ଜିତା କର, ଅନନ୍ଦୀତା ସାହୁ, ସାମ୍ବାଦିକ ସର୍ବେଶ୍ୱର ମହାନ୍ତ, ସଂଜୟ ମଡୁଆଳ, ବଜୟନ୍ତୀ ଜେନା, ସଂଜୀପ କୁମାର ଜେନା ଓ ବିଦ୍ୟାଳୟର କୁନିକୁନି ପିଲାମାନେ ବୃକ୍ଷରୋପଣରେ ସହଯୋଗ କରିଥିଲେ । ଶେଷରେ ବେତନଟୀ ବ୍ଲକ ସମ୍ବାଦ ପ୍ରତିନିଧି ଅନୁପ କୁମାର ଦଣ୍ଡପାଟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିବାହିତା ମହିଳାଙ୍କୁ ଗଣଦୁଷ୍କର୍ମ ନେଇ ତିନି କୋର୍ଟ ଚାଲାଣ

ଲଙ୍ଗଳେଶ୍ୱର , ୩୧/୮ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ପନ୍ତେଇ ଫେରି ଘାଟ ନିକଟରେ ଜୈନିକ ବିବାହିତ ମହିଳାଙ୍କୁ ଗଣଦୁର୍ଷ୍କମ ହୋଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ମୁତାବକ ମହିଳା ଜଣଙ୍କ ଗତ ୨୦ ତାରିଖ ଦିନ ଭୋଗରାଇ ଅଂଚଳରୁ ନିଜ ବାପ ଘରୁ ସାନ୍ଧ୍ୟ ସମୟରେ ଡଙ୍ଗା ପାରି ହୋଇ ଘରକୁ ଫେରୁଥିବା ସମୟରେ ପାଖ ରେଷ୍ଟ ରୋମରେ ବସିଥିବା ୩ ଜଣ ଯୁବକ କୁହ୍ଲା ଚଡ ଗ୍ରାମର ସୁରିଆ ଦଳାଇ, ଗୋବିନ୍ଦ ଦଣ୍ଡପାଟ ଓ ତପନ ଦଳାଇ ଗାଡି ଚାଳକଙ୍କୁ ମାଡ ମାରି ସଂପୃକ୍ତ ମହିଳାଙ୍କୁ ନଦୀ ପଠାକୁ ଉଠାଇ ନେଇ ଦୁର୍ଷ୍କମ କରିଥିଲେ । ଏ ନେଇ ମହିଳା ଜଣଙ୍କ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କଲା ପରେ ପୁଲିସ ଘଟଣାର ତଦନ୍ତ କରି ସେମାନଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି । କେଶ ନଂ ୧୮୦/୨୪ । ଏହି ଘଟଣା ଏବେ ଏଠାରେ ସବୁଠି ଚର୍ଚ୍ଚା ହେଉଛି ।

# ପାରାଦ୍ୱୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଓ ସମ୍ବର୍ଦ୍ଧନା ସଭା ମହା ସମାରୋହରେ ପାଳିତ : ୩୨ଟି ପ୍ରକଳ୍ପକୁ ଉଦ୍‌ଘାଟନ କଲେ ଶିକ୍ଷ ମନ୍ତ୍ରୀ ଓ ସାଂସଦ




ପାରାଦ୍ୱୀପ ,୩୧/୦୮ (ନି.ପ୍ର): ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଏବଂ ସମ୍ବର୍ଦ୍ଧନା ସଭା ଆଜି ମହା ସମାରୋହରେ ପାଳିତ ହୋଇଯାଇଛି । ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଯୋଗଦେଇ ପାରାଦୀପ ପୌରପାଳିକା ଦ୍ୱାରା ମିଳିଥିବା ବିଭିନ୍ନ ମୌଳିକ ସୁବିଧା, ବସ୍ତିବାସିନ୍ଦାଙ୍କ ବିକାଶ,ମହିଳା ସଶକ୍ତିକରଣ ଓ ସ୍ୱାୟତ୍ତ ଶାସନ ଦିବସର ମହତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ.ହରନାଦ, ଜେଏସଡବ୍ଲୁ ପାରାଦୀପ ଟର୍ମୀନାଲ ମୁଖ୍ୟ କ୍ୟାପଟେନ ସିଦ୍ଧାର୍ଥ ଶୁକ୍ଲା,ପୂର୍ବତନ ସାଂସଦ ଡା.କୁଳମଣି ସାମଲ, ଗୋଆ କାର୍ବନର ସାଧାରଣ ପ୍ରବନ୍ଧକ ବେନୁ ଗୋପାଲ ନାଇଡୁ ପ୍ରମୁଖ ଉପସ୍ଥିତ ରହି ପାରାଦ୍ୱୀପ ପୌରପାଳିକା ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟର ପ୍ରଶଂସା କରିଥିଲେ କ୍ଷ ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୬ ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ସହ ସମ୍ମାନିତ କରାଯାଇଥିଲା । ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ଅଗଷ୍ଟ ୧୦ ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ କୋଡିଏ ଦିନ ଧରି ସମସ୍ତ ୧୯ ଟି ୱାର୍ଡରେ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ସାମୁହିକ ବସ୍ତି ସଫେଇ, ବୃକ୍ଷ ରୋପଣ ତଥା ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଆଜି ସକାଳୁ ପାରାଦ୍ୱୀପ ଥିବ ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହ ରାମଧୂନ, ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାମାଜିକ ସଚେତନତା ଶୋଭାଯାତ୍ରା, ପୌର କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ, ଭତ୍ତା ବଣ୍ଟନ,ବୃକ୍ଷ ରୋପଣ କରାଯାଇଥିଲା । ଏତଦବ୍ୟତୀତ ସମସ୍ତ ୧୯ ଟି ୱାର୍ଡ ରେ ସର୍ବସାଧାରଣ ସ୍ଥାନ ସୌନ୍ଦର୍ଯ୍ୟକରଣ, ଭେଣ୍ଡିଙ୍ଗ ଜୋନ ଗୃହ, ବରିଷ୍ଠ ନାଗରିକ ପାର୍କ ଓ ଶିଶୁ ଉଦ୍ୟାନ, ବସ୍ତି ଉନ୍ନତିକରଣ, ମିଶନ ଶକ୍ତି ଗୃହ, ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର, ପୂଜାସ୍ଥଳୀ ଉନ୍ନତିକରଣ, ରାସ୍ତା ନିର୍ମାଣ, ଗୋଷ୍ଠି ଶୌଚାଳୟ ଓ ଗୋଶାଳା, ଜଳ ନିଷ୍କାସବ କଲଭର୍ଟ, ସଂଯୋଗୀକରଣ ଓ ସମୂହ ରାସ୍ତା ନିର୍ମାଣ, ଭିନ୍ନକ୍ଷମ ଶୌଚାଳୟ, ସର୍ବସାଧାରଣ ପରିସ୍ରାଗାର, ଚିତ୍ତ ବିନୋଦନ କେନ୍ଦ୍ର, ଶିଶୁ କ୍ରୀଡା ଉପକରଣ, ସର୍ବସାଧାରଣ ସୁବିଧା କେନ୍ଦ୍ର, ବେଳାଭୂମି ସୌନ୍ଦର୍ଯ୍ୟକରଣ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଗୋଷ୍ଠୀ ଗୃହ, ପର୍ଯ୍ୟଟକ ସୁବିଧା କେନ୍ଦ୍ର, ଅସ୍ମିରେସନାଲ ଟଏଲେଟ, କଲ୍ୟାଣ ମଣ୍ଡପ ସେବାକେନ୍ଦ୍ର ଇତ୍ୟାଦି ପ୍ରାୟ ୩୨ ପ୍ରକଳ୍ପକୁ ଶିକ୍ଷ ମନ୍ତ୍ରୀ ଓ ସାଂସଦ ଉଦଘାଟିତ କରିଥିଲେ ।

# କନ୍ଧମାଳ ଜିଲ୍ଲାରେ ଆସନ୍ତା ଚାରି ତାରିଖ ପର୍ଯ୍ୟନ୍ତ ବୁଲିବ କୌଶଳ ରଥ

କନ୍ଧମାଳ,୩୧/୦୮ (ନି.ପ୍ର): ସରକାରଙ୍କ ବିଭିନ୍ନ କ୍ଷୁଦ୍ରକାଳୀନ ଓ ଦୀର୍ଘମିଆଦୀ ଦକ୍ଷତା କାର୍ଯ୍ୟକ୍ରମ ସମ୍ପର୍କରେ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲାରେ ଚଳିତ ମାସ ୩୧ ତାରିଖରୁ ସେପଟ୍ମେର ମାସ ୪ ତାରିଖ ପର୍ଯ୍ୟନ୍ତ କୌଶଳ ରଥ ପରିକ୍ରମା କରିବ । ଅଗଷ୍ଟ ୩୧ ତାରିଖ ସନ୍ଧ୍ୟାରେ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ଚାରିଛକ ଠାରେ ସେହି ଜିଲ୍ଲାର ଅଧିକାରୀମାନଙ୍କ ଠାରୁ କୌଶଳ ରଥକୁ କନ୍ଧମାଳ ଜିଲ୍ଲା ଅଧିକାରୀମାନେ ଗ୍ରହଣ କରିବେ ଏବଂ ରାତ୍ରି ରହଣି ପାଇଁ ଫୁଲବାଣୀ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନକୁ ଅଣାଯିବ । ସେପଟ୍ମେର ୧ ତାରିଖ ସକାଳ ୧୦ ଟା ବେଳେ ରୁଟ୍ ପ୍ଲାନ୍ ଅନୁଯାୟୀ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପ୍ରଚାର ଉଦ୍ଦେଶ୍ୟରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଠାରେ ରଥ ପରିକ୍ରମାର ଶୁଭାରମ୍ଭ କରାଯିବ । ପ୍ରଚାର ସ୍ଥାନରେ ଛାତ୍ରଛାତ୍ରୀ, ଅଭିଭାବକ, ଜନ ପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ନିଯୁକ୍ତି ଆଶାୟୀ ଯୁବବର୍ଗ ଉପସ୍ଥିତ ରହିବେ । ଜିଲ୍ଲା ଦକ୍ଷତା ବିକାଶ-ତଥା-ନିୟୋଜନ ଅଧିକାରୀ, କନ୍ଧମାଳଙ୍କ ସୂଚନା ଅନୁଯାୟୀ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରୁ ସରକାରୀ ପଲିଟେକ୍‌ନିକ୍ ପର୍ଯ୍ୟନ୍ତ ରୋଡ୍ ସୋ କରିବା ପରେ ସେଠାରେ ପ୍ରଚାର କରାଯିବ । ସେଠାରୁ ରଥ ପ୍ରାୟ ଅପରାହ୍ନ ୨ଟା ବେଳକୁ ନବୋଦୟ ବିଦ୍ୟାଳୟରେ ପହଂଚିବ ଓ ପ୍ରଚାର କରାଯିବ ଏବଂ ସେଠାରୁ ଫେରି ଗୋପବନ୍ଧୁ ବାଳାଶ୍ରମ ଠାରେ ପ୍ରଚାର କରିବା ପରେ ରାତ୍ରି ରହଣି ପାଇଁ କୌଶଳ ରଥ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନକୁ ଫେରିଆସିବ ।

# ଆୟୁଷ୍ମାନ ଆରୋଗ୍ୟ ଶିବିର ଉଦ୍‌ଘାଟିତ

ଗଞ୍ଜାମ,୩୧/୦୮ (ନି.ପ୍ର): ଗଞ୍ଜାମ ଜିଲାର ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିରକୁ ଚିକିତ୍ସା ଅଧିକାରୀ ଡାକ୍ତର ମାନସ ରଂଜନ ବିଷୋଇ ପ୍ରଦୀପ ପ୍ରଜ୍ଜଳନକରି ଉଦଘାଟନ କରିବାସହ ଶିବିରର ଆଭିମୁଖ୍ୟ ସଂପର୍କରେ ଉଦବୋଧନ ଦେଇଥିଲେ । ଏହି ଶିବିରରେ ଦନ୍ତ ଚିକିତ୍ସିକ ଡାକ୍ତର ଭଗବାନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଥିଲେ । ଆୟୁଷ ଡାକ୍ତର ଦେବାଶିଷ ଶତପଥୀ ଶିବିରକୁ ପରିଚାଳନା କରିଥିଲେ, ଫାର୍ମାସୀଅଫିସର ବସନ୍ତ କୁମାର ସୁବୁଦ୍ଧି ଜନସହଯୋଗପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜନଆରୋଗ୍ୟ ସମିତିର ଏନଜିଓ ସଦସ୍ୟ ଡାକ୍ତର ହୃଷୀକେଶମହାନ୍ତି କଂସମେତ ପଂଚାନନ ଗୌଡ, ପ୍ରତିଜ୍ଞା ସାହୁ, ଶରତ ଚନ୍ଦ୍ର ପଟ୍ଟନାୟକ, ରୋହିତ ନାୟକ, ହରିବଂଧୁ ନାୟକ, ଆଶାକର୍ମୀ ରୀତାମହାପାତ୍ର, ବିଷ୍ଣୁ ପ୍ରିୟାପାଢ଼ୀ,ଯୋଛନା ନାୟକ, ମଂଜୁ ବଡୁ କଂସମେତ ସ୍ଥାନୀୟ ବହୁ ଜନସାଧାରଣ ଯୋଗଦେଇ ଥିଲେ । ପ୍ରାୟ ୧୨୯ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ପରାମର୍ଶ ଓ ଔଷଧ ପ୍ରଦାନ କରାଯାଇଥିଲା ।

# ଏଡାତାଳ ହାଟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ବାସୁଦେବପୁର,୩୧/୦୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଏଡତାଳ ପଂଚାୟତର ହାଟ ପଡିଆ ଠାରେ ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟ କ୍ରମ ରେ ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ପଲେଇ, ସରପଞ୍ଚ ଙ୍କ ସ୍ୱାମୀ ଅମରେନ୍ଦ୍ର ପଲେଇ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସବିତା କର, ଜି ଆର ଏସ ସୌଦାମିନୀ ନନ୍ଦ, ଲଳିତେନ୍ଦୁ ମହାପାତ୍ର, ନାଏବ ସରପଞ୍ଚ ସରୋଜ କାନ୍ତ ଦାସ, ସୁବାସ ଚନ୍ଦ୍ର ପଲେଇ, ସୁରେଶ ଚନ୍ଦ୍ର ସାହୁ, ଅନିତା ମଲ୍ଲିକ, ରଞ୍ଜନା ମଣ୍ଡଳ, ୱାର୍ଡ ମେମ୍ବର କାଶୀନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଭଲ ଭାବରେ ସମସ୍ତ ସଦସ୍ୟ ସଫେଇ କରିବା ସହିତ ଅଳିଆ ଗୋଟିଏ ସ୍ଥାନରେ ରଖି ପୋଡ଼ି ଦେଇଥିଲେ । ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ତଥା ସରସ ସୁନ୍ଦର୍ ରଖିବା ପାଇଁ ସମସ୍ତେ ମତ ପ୍ରକାଶ କରିଥିଲେ ।

# ଦୂରଦୃଷ୍ଟି ଅଭାବରୁ ଖୋଲୁନି ନବନିର୍ମିତ ଶୌଚାଳୟ

ଜୟପୁର,୩୧/୦୮ (ନି.ପ୍ର): କୋରାପୁଟ ଜିଲ୍ଲାର ବିକଶିତ ସହର ଭାବେ ବୋରିଗୁମ୍ମା ସହର ଜଣାଶୁଣା । ଏହି ସହର ତିନିଟି ରାଜ୍ୟ ଯଥା- ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼କୁ ସଂଯୋଗ କରୁଛି । ଏହା ହେଉଛି ଓଡ଼ିଶା ରାଜ୍ୟର ଏକ ବୃହତମ ବ୍ଲକ୍ ଯାହାର ୩୧ଟି ଗ୍ରାମ ପଂଚାୟତ ରହିଛି । ବିଗତ ଦିନରେ ବୋରିଗୁମ୍ମା ବ୍ଲକ୍ ୧ନଂ ରାଜ୍ୟରେ ବିକଶିତ ବ୍ଲକ୍ ଭାବରେ ପୁରସ୍କୃତ ମଧ୍ୟ ହୋଇଥିଲା । ବ୍ଲକକୁ ବିଭିନ୍ନ କାମରେ ଆସୁଥିବା ଲୋକଙ୍କ ପାଇଁ ବ୍ଲକ କାର୍ଯ୍ୟାଳୟ ନିକଟରେ ୧୫.୦୮.୨୦୧୯ ମସିହାର ସରକାରୀ ଅର୍ଥରେ ଏକ ଗୋଷ୍ଠି ଶୌଚାଳୟ ନିର୍ମାଣ କରାଯାଇଥିଲା ।

# ଗୀତା ଆବୃତି ପ୍ରତିଯୋଗିତା

କନ୍ଧମାଳ,୩୧/୦୮ (ନି.ପ୍ର): ସ୍ଥାନୀୟ ସ୍ୱାମୀ ଚିଦାନନ୍ଦ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଗୀତା ଆବୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଫୁଲବାଣୀ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଜ୍ଞାନ ମିଶନର ଅନିର୍ବାଣା ନନ୍ଦ ଗିରି , ବିଦ୍ୟାଳୟର ନିର୍ଦ୍ଦେଶକ କିଶୋର ପ୍ରଧାନ, ସମ୍ପାଦକ ମାନସ କହଁର, ଅଧକ୍ଷ ଶୁଭ୍ରାରାଣୀ ପଟ୍ଟନାୟକ , ଉପାଧକ୍ଷା ସସ୍ମିତା ବାଗ୍ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଚାରକ ଭାବେ ଗୌରି ଶଙ୍କର ମହାପାତ୍ର , ପ୍ରତାପ କୁମାର ପଣ୍ଡା ଏବଂ ସ୍ୱାମୀ ବିବୁଧ ନାରାୟଣ ସ୍ୱାମୀ ଯୋଗଦେଇଥିବା ବେଳେ ୩ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ବିଭନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱାଧୀ ମୌତ୍ରୀ, ସାଇ ଶୁଭମ ମହାନ୍ତି ଏବଂ ପପୁନି କହଁର ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରାକେଶ ରୋଶନ ମଲିକ, ଲିଓନାଡ୍ ନନ୍ଦ , ଚନ୍ଦ୍ର କାନ୍ତ କହଁର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଚିସ୍‌ମୁସ୍ ନାୟକ, ତେଜସ୍ୱୀ ପ୍ରଧାନ ଏବଂ ଚନ୍ଦ୍ରକାନ୍ତ କହଁର ପ୍ରମୁଖ ପ୍ରତିଯୋଗୀ ମାନେ ଆଗାମି ଦିନରେ ଅନୁଷ୍ଠିତ ହେବାକୁ ଥିବା ଜିଲା ସ୍ତରୀୟ ଗୀତା ଆବୃତି ପ୍ରତିଯୋଗିତାରେ ଭାଗନେବେ ବୋଲି କୁହାଯାଇଛି । ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ରବିନ୍ଦ୍ର ସେଠୀ, କଲ୍ୟାଣୀ ପ୍ରଧାନ, ପ୍ରଣତି ବେହେରା, ଅସ୍ମିତା ପାଢୀ ଓ ମେନସୀ ପାଟସନ୍ ପ୍ରମୁଖ ସହଯୋଗ କରିଥିଲେ । ପ୍ରତୀଯୋଗୀତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ସ୍ୱାୟତ ଶାସନ ଦିବସ ଅବସରରେ ୨୮୬ ଜଣଙ୍କୁ ଜମି ପଟ୍ଟା ବଂଟନ

ପୁରୀ,୩୧/୦୮ (ନି.ପ୍ର): ସ୍ୱାୟତ ଶାସନ ଦିବସ ଅବସରରେ ପୁରୀ ପୌର ପରିଷଦ ପକ୍ଷରୁ ୨୮୬ ଜଣ ବସ୍ତି ବାସିନ୍ଦାଙ୍କୁ ଜମି ପଟ୍ଟା ବଂଟନ କରାଯାଇଛି । ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାୟତ ଶାସନ ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ନଗରବାସୀଙ୍କୁ ସୁସ୍ଥ, ସ୍ୱଛ ଓ ସୁରକ୍ଷିତ ରଖିବା ସ୍ୱାୟତ ଶାସନର ଧେୟ ହେବା ଉଚିତ ବୋଲି କହିଥିଲେ ।ପୌରପାଳିକାର ସମସ୍ତ ଅଧିକାରୀ ଓ କର୍ମଚାରୀ ସାଧାରଣ ଜନତାଙ୍କ ମୌଳିକ ସୁବିଧା ଗୁଡିକ ଉତରଦାୟୀ ଭାବେ କାର୍ଯ୍ୟ କରିବାକୁ ଅତିଥି ମାନେ ମତଦେବା ସହ ନାଗରିକ ମାନେ ମଧ ନିଜ କର୍ତବ୍ୟ ପ୍ରତି ସଚେତନ ହେବାକୁ ଅନୁରୋଧ କରିଥିଲେ ।

ଏହି ଅବସରରେ ସର୍ବୋଦୟ ନଗର ଠାରେ ସହରାଂଚଳ ବାସହୀନ ଙ୍କ ପାଇଁ ଆଶ୍ରୟ ସ୍ଥଳ,ବିଶ୍ୱନାଥ ନଗର ଠାରେ ମାଇକ୍ରୋ ଆକ୍ଟିଭିଟି କେନ୍ଦ୍ର ଓ ଏକ ପାର୍କ, ବଳିଆପଣ୍ଡା ଅଙ୍ଗନବାଡ଼ି କେନ୍ଦ୍ର ନିକଟସ୍ଥ ଖୋଲା ସ୍ଥାନ ର ଉନ୍ନତି କରଣ,ଚୈତନ୍ୟ ସାରସ୍ୱତ ମଠ ଠାରେ ପାର୍କିଂ ବ୍ୟବସ୍ଥା, ଓ ପାରା ନୋଳିଆ ସାହି ଜାଗାର ଉନ୍ନତି କରଣ ଏହି ଭଳି ୬ ଗୋଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧମରେ ଉଦଘାଟନ କରିଥିଲେ ।ସାଂସଦ ଓ ବିଧାୟକ ବଳିଆପଣ୍ଡା ସ୍ଥିତ ବିଜୟ ନଗର ଠାରେ ୨୮୬ ଜଣ ବସ୍ତି ବାସିନ୍ଦା ଙ୍କ ପାଇଁ ଉଦ୍ଦିଷ୍ଟ ଜମି ପଟ୍ଟା ବଂଟନ କରିଥିଲେ । କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ତହସିଲଦାର ଅଭିଷେକ ଦାଶ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ପ୍ରଧାନ, ଏନଫୋର୍ସମେଂଟ ଅଫିସର ଦେବାଶିଷ ନାୟକ, ପୂର୍ବତନ କାଉନସିଲର ସୁପ୍ରିୟା ପାତ୍ର ଓ ଜଗେଶ୍ୱର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ସ୍କୁଟିକୁ ଧକ୍କା ଦେଲା କାର୍ : ଶିକ୍ଷୟତ୍ରୀ ଗୁରୁତର

ଘଟଗାଁ,୩୧/୦୮ (ନି.ପ୍ର): କାର୍ ଧକ୍କାରେ ଜଣେ ଶିକ୍ଷୟତ୍ରୀ ଗୁରୁତର କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି ଓ ସୂଚନାରୁ ପ୍ରକାଶ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଜନାର୍ଦ୍ଦନ ପୁର ଶାସନର ଶିକ୍ଷୟତ୍ରୀ ମିନତି ତ୍ରିପାଠୀ(୫୦) ଶନିବାର ସକାଳୁ ସ୍କୁଟି ଯୋଗେ ଫକୀରପୁର ପ୍ରକ୍ଟିସିଂ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଉଥିବାବେଳେ ଆନନ୍ଦପୁର ଥାନା ଅନ୍ତର୍ଗତ ଆନନ୍ଦପୁର ଦମକଳ କେନ୍ଦ୍ର ନିକଟରେ ଭଦ୍ରକ ଆଡୁ ଆସୁଥିବା ଏକ କାର୍ ସ୍କୁଟିକୁ ଖୁବ ଜୋର୍‌ରେ ଧକ୍କା ଦେଇଥିଲା ଫଳରେ ସ୍କୁଟିରେ ଥିବା ଶିକ୍ଷୟତ୍ରୀ ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକମାନେ ଶିକ୍ଷୟତ୍ରୀଙ୍କୁ ଦମକଳ ଯୋଗେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଶିକ୍ଷୟତ୍ରୀଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ




ବାସୁଦେବପୁର,୩୧/୦୮ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ପୌର ପାଳିକା ଅଧକ୍ଷା ନିବେଦିତା ବେହେରା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ପୌର ଉପାଧକ୍ଷ ଉତ୍ତମ ବାରିକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଫଳ ବଣ୍ଟନ, ପୁରସ୍କାର ବିତରଣ, ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟ କ୍ରମ କରଯାଇଥିଲା । ମହାତ୍ମା ଗାନ୍ଧୀ, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ସଂଗ୍ରାମୀ ନୀଳମଣି ରାଉତରାୟ ଙ୍କ ପ୍ରତିମୂର୍ତ୍ତି ରେ ଆଟିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଆବାହକ ତଥା ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, କାଉନସିଲର ଭକ୍ତ ରଂଜନ ପଟ୍ଟନାୟକ, ଜଗବନ୍ଧୁ ଦାସ, ଗୌରୀ ବେହେରା, ଓ ବହୁ ସଂଖ୍ୟା ରେ ଜନ ପ୍ରତିନିଧି ଯୋଗ ଦେଇଥିଲେ । ପୌର କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ସଂଗ୍ରାମୀ ଯୁବ ଛାତ୍ର ସମ୍ମାନ



ରୂପସା,୩୧/୦୮ (ନି.ପ୍ର): ଲୋହିଆ ଏକାଡେମୀରେ ଆୟୋଜିତ ସଂଗ୍ରାମୀ ଯୁବ ଛାତ୍ର ସଂଗଠନର ଦ୍ୱିତୀୟ ବାର୍ଷିକ ସମାରୋହ ୨୦୨୪ ଅବସରରେ ଦେଶ ନିର୍ମାଣ ଓ ନିଶାମୁକ୍ତ ଓଡ଼ିଶା ଓ ଭାରତ ଗଠନ ଓ ସମାଜ ସେବା ଇତ୍ୟାଦି କ୍ଷେତ୍ରରେ ସମାଜ ପାଇଁ ପ୍ରେରଣାରଉତ୍ସ ପାଲଟି ଥିବା ଯୁବଛାତ୍ର ଦେବେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସଭାରେ ସଂଗଠନର ସଂଯୋଜକ ମନୋଜ କୁମାର ସାହୁ ଙ୍କ ସଭାପତିତ୍ୱ ରେ ଅତିଥି ମାନ୍ୟବର ରାଜ୍ୟସଭା ସଦସ୍ୟା ଶ୍ରୀମତୀ ସୁଲତା ଦେଓ, ମଙ୍ଗୁ ଖିଲ ମାନ୍ୟବର ବିଧାୟକ,ଚିତ୍ରକୋଣ୍ଡା , ବିଶିଷ୍ଟ ଅଭିନେତା ଚନ୍ଦନ କର , ବିଶିଷ୍ଟ ସମାଜସେବୀ ନିବେଦିତା ଶତପଥୀ, ଏସ୍. କେ. ଅବଦୁଲ୍ ସାବିଦ୍, ବିନୋଦ କୁମାର ରାଉତ ଓ ଅଲି ଭାଇ ଙ୍କ ଠାରୁ ବାଲେଶ୍ୱର ଜିଲ୍ଲାର ଯୁବଛାତ୍ର ଦେବେନ୍ଦ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଦେବେନ୍ଦ୍ର କହିଛନ୍ତି ବର୍ତ୍ତମାନ ପରିପ୍ରେକ୍ଷୀରେ ଯୁବ ସମାଜ ପାଇଁ ମାଦକ ନିଶା, ଧୁମ୍ରପାନ ଏକ ମୁଖ୍ୟ ସମସ୍ୟା ହେଲାଣି, ଯୁବ ସମାଜ କିପରି ଏହାଠାରୁ ଦୂରେଇ ରହିବେ ଓ ନିଶାମୁକ୍ତ ରାଜ୍ୟ ଓ ଦେଶ ଗଠନ କରିବେ ତାହା ସେ ଅଧିକରୁ ଅଧିକ ଯୁବ ସମାଜ ଙ୍କୁ ଏକତ୍ରିତ କରି ନିଶା ଠାରୁ ଦୂରେଇ ରହିବା ପାଇଁ ବାର୍ତ୍ତା ଦେବା ସହ ସଚେତନତା କାର୍ଯ୍ୟକ୍ରମ କିପରି ଓଡ଼ିଶାରେ ଗାଁ ଗାଁ ରେ ପହଞ୍ଚିବ ତାହା ପାଇଁ ସେ କାମ କରିବେ ।

## ଧାରାବାହିକ ଉପନ୍ୟାସ

ଡ.ଭାଗବତ ବେହେରା



# ବୈଦେହୀ

ଭାଗ-୬୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ସେଦିନ ଆସିଲା । ପ୍ରଭୁ ମୋର ପିତୃସତ୍ୟ ପାଳି ବନବାସୀ ହେଲେ ଆଉ ଆପଣ ହେଲେ ବନବାସିନୀ । ଏ ସମ୍ବାଦ ଭଉଣୀ ସୂର୍ପଣଖା ଠାରୁ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇ ଜାଲ ବିଛାଇଥିଲି । ମାରିଚ ମାୟାମୃଗ ସାଜିଥିଲା, ଆଉ ଆପଣ ହେଲେ ମୋ ଦ୍ୱାରା ଅପହୃତା । ଏବେ ମୋତେ ବିଶ୍ୱାସ କରନ୍ତୁ ମାତା ଲକ୍ଷ୍ମୀ ମୁଁ ବୈକୁଣ୍ଠପୁରର ସେହି ଅଭିଶପ୍ତ ଜୟ । ଏ ଜନ୍ମରେ ମୋକ୍ଷ ବେଳ ମୋର ପାଖେଇ ଆସିଲାଣି । ଏବେ ମୋ କଥାକୁ ବିଶ୍ୱାସ କରନ୍ତୁ ।

ନାଁ ମୁଁ କଦାପି ତୁମ କଥାକୁ ବିଶ୍ୱାସ କରିବି ନାହିଁ ରାବଣ । ଏହା ମଧ୍ୟ ତୁମର ଏକ ମାୟା । ତୁମେ ଫେରିଯାଅ । ପ୍ରତିଷ୍ଠା ନହେଉ ସେତୁବନ୍ଧ । ମୋ ସ୍ୱାମୀ ଲଙ୍କାଜୟୀ ନହୁଅନ୍ତୁ । ମୁଁ ଏହି ଅଶୋକବନରେ ପୋଡ଼ିମରିବି ପଛେ ତୁମକୁ ବିଶ୍ୱାସ କରି ତୁମ ରଥରେ ବସିବି ନାହିଁ ।

ମୋ କଥା ଶୁଣି ରାବଣ ଭୋ ଭୋ ହୋଇ କାନ୍ଦିଉଠି ଆଣ୍ଠୁମାଡ଼ି ତଳେ ବସିପଡ଼ି କହିଥିଲା 'ଏତେ ପରେ ମଧ୍ୟ ତୁମେ ମୋତେ ବିଶ୍ୱାସ କଲ ନାହିଁ ସୀତେ । ହେ ଜଗତ୍‌ଜନନୀ ଲକ୍ଷ୍ମୀ । ହେ ମା କମଳା । ମୁଁ ତୁମର ସେହି ପୂର୍ବସେବକ ଜୟ। ସୂର୍ଯ୍ୟ, ଚନ୍ଦ୍ର, ଦଶଦିଗପାଳ, ଆକାଶ, ବତାସ, ଜଳ, ଅଗ୍ନି, ମାଟି ପଞ୍ଚ ମହାଭୂତ ନାମରେ ଶପଥ ନେଇ କହୁଛି, ମୋ ପ୍ରଭୁ ଦାଶରଥୀ ଶ୍ରୀରାମଙ୍କ ନାମରେ ଶପଥ ନେଇ କହୁଛି, ମୁଁ ଆଜି ରାବଣ ହେଲେ ବି କାଲିର ଜୟ । ହେ ଜଗତ୍‌ମାତା ଆପଣ ସାରାଜଗତର ମାତା । ଏ ଅଧମ ରାବଣର ମଧ୍ୟ ମାତା । ଏ ଅଧମ ପୁତ୍ର ଆପଣଙ୍କ ପାଦତଳେ ପଡ଼ି ଗୁହାରି କରୁଛି ମାଆ ମୋ ପ୍ରଭୁ ରାମଚନ୍ଦ୍ର ପତ୍ନୀହରା ହୋଇ ପାପିଷ୍ଠ ରାବଣଙ୍କୁ ବଧ କରିବାପାଇଁ ସମୁଦ୍ରରେ ସେତୁବନ୍ଧ ବାନ୍ଧି ଲଙ୍କା ଆସି ରାବଣ ବଧ କରିବାକୁ ଶପଥ ନେଇଛନ୍ତି । ଆପଣଙ୍କୁ ମୁଁ କୋଟିକୋଟି ପ୍ରଣାମ ଜଣାଉଛି ମାତା, ମୋ ସହିତ ରଥରେ ବିଜେକରି ସମୁଦ୍ର ଆରପଟକୁ ଚାଲନ୍ତୁ । ମୋ ପ୍ରଭୁଙ୍କ ବାମପାର୍ଶ୍ୱରେ ଉପବେଶନ କରି ସେତୁ ପ୍ରତିଷ୍ଠା, ଯଜ୍ଞକାର୍ଯ୍ୟରେ ତାଙ୍କୁ ସହଯୋଗ କରନ୍ତୁ । ଏତକ କଲେ ପ୍ରଭୁ ମୋର ଲଙ୍କାକୁ ଆସି ରାବଣକୁ ବଧକରି ଆପଣଙ୍କୁ ଉଦ୍ଧାର କରିନେବେ । ମୋ ପ୍ରଭୁଙ୍କର ଯଶ ଖ୍ୟାତି ସସାଗରା ଧରାରେ ବ୍ୟାପିଯିବ । ଆପଣ ମଧ୍ୟ ମହା ସତୀର ଆଖ୍ୟା ଯୁଗଯୁଗକୁ ପାଇବେ । ଆଉ ଏ ଅଧମ ରାବଣ ମୋ ପ୍ରଭୁଙ୍କ ହସ୍ତରେ ମୃତ୍ୟୁବରଣ କରି ମୋକ୍ଷ ପାଇଯିବ । ମୋର ଏତିକି ଅଭିଳାଷ ପୂର୍ଣ୍ଣ କରନ୍ତୁ ମାତା ।'

ଏତକ କହି ରାବଣ ଭୋ ଭୋ କାନ୍ଦି ମୋ ପାଦ ତଳେ ଲୋଟି ଯାଇଥିଲା ପ୍ରୀତିମୟୀ । ମୁଁ ଆଉ ଧୈର୍ଯ୍ୟ ଧରି ରହିପାରି ନଥିଲି । କାଳବିଳମ୍ବ ନକରି ଧୀରେଧୀରେ ଆସି ରାବଣ ରଥରେ ଉପବେଶନ କରନ୍ତେ, କ୍ଷଣିକ ମଧ୍ୟରେ ରାବଣ ରଥ ବାହି ଆଣି ରାମେଶ୍ୱରରେ ପହଞ୍ଚାଇ ଦେଇଥିଲା । ରଥ ସମୁଦ୍ର କୂଳରେ ଲାଗନ୍ତେ ବାନରସେନାମାନେ ରଥକୁ ଘେରି ପାରୁଶରୁ ବେଢ଼ି ଯାଇଥିଲେ । ଲକ୍ଷ୍ମଣ, ହନୁମାନ ଏମାନେ ସମସ୍ତେ ଆସି ରଥ ନିକଟରେ ପହଞ୍ଚନ୍ତେ ତାଙ୍କୁ ଶୁଣାଇ ମୋ ପ୍ରଭୁ କହିଥିଲେ, "ଆମ ନିମନ୍ତ୍ରଣ ରକ୍ଷାକରି ଦଶାନନ ଏ ସ୍ଥାନକୁ ଆସିଛନ୍ତି । ଆଜି ଦିନକ ପାଇଁ ସେ ଆମ ପୁରୋହିତ ଆମେ ତାଙ୍କ ଯଜମାନ। ଲକ୍ଷ୍ମଣ, ହନୁମାନ ଲଙ୍କପତିଙ୍କୁ ସସମ୍ମାନେ ଯଜ୍ଞ ସ୍ଥଳକୁ ନେଇ ଆସ ।" ମୁଁ ରଥ ଉପରେ ସେମିତି ବସି ରହିଥାଏ । ମୋତେ ଦେଖି ସମସ୍ତେ ଆଶ୍ଚର୍ଯ୍ୟ । କାହାରି ତୁଣ୍ଡରେ ଭାଷା ନାହିଁ। ଏ କି ବିପରୀତ କଥା ହେଲା । ଯେଉଁ ସୀତାଙ୍କ ପାଇଁ ଏତେ କିଛି ଘଟଣା ଘଟିଗଲା, ଯେଉଁ ସୀତାଙ୍କୁ ରାବଣ ପଞ୍ଚବଟୀରୁ ହରଣ କରି ନେଇ ଯାଇଥିଲା, ସେ ସୀତା ଆଜି ପୁଣି ରାବଣ ରଥରେ କେମିତି ? କ'ଣ ରାବଣର ଉଦ୍ଦେଶ୍ୟ ? ସେ କ'ଣ ସୀତାଙ୍କୁ ଆଣିଛି ଫେରାଇ ଦେଇ ଯିବାକୁ ? ତାହେଲେ ଏତେ କଷ୍ଟ ସହ୍ୟ କରି ସେତୁବନ୍ଧ ନିର୍ମାଣ ହେଲା କାହିଁକି ? ଯୁଦ୍ଧ ପାଇଁ ବାନରସେନାଙ୍କର ଯେଉଁ ଉତ୍ସାହ ତାହା ନିଶ୍ଚୟ ବିଫଳ ହେବ ।

ସମସ୍ତଙ୍କ ଭାବନାର ପୂର୍ଣ୍ଣଚ୍ଛେଦ ଟାଣି ରାବଣ ଧୀରେଧୀରେ ରଥରୁ ଓହ୍ଲାଇଥିଲେ । ଜଣେ ବ୍ରାହ୍ମଣ ବେଶରେ ରାବଣଙ୍କୁ ଦେଖି ସମସ୍ତଙ୍କ ମନରେ କୌତୁହଳ । ଏଇ କ'ଣ ସେଇ ପ୍ରବଳ ପରାକ୍ରମଶାଳୀ ରାବଣ ? ଏ ତ ଜଣେ ସିଦ୍ଧ ତପସ୍ୱୀ ତୁଲ୍ୟ ମନେ ହେଉଛନ୍ତି ।

ରାବଣ ରଥରୁ ଓହ୍ଲାଇବା ମାତ୍ରେ ପ୍ରଥମେ ମୋ ସ୍ୱାମୀ ଆସି ତାଙ୍କୁ ପ୍ରଣାମ ଜଣାଇଥିଲେ । ସହସା ରାବଣ କଣ୍ଠରୁ ଝରିପଡ଼ିଲା ଆଶୀର୍ବାଦର ବେଦମନ୍ତ୍ର । ଅଯୋଧ୍ୟା ନରେଶ ଦଶରଥଙ୍କ ପୁତ୍ର ରାମଚନ୍ଦ୍ରଙ୍କର ମଂଗଳ ହେଉ । ସେ ଯଶସ୍ୱୀ ହୁଅନ୍ତୁ । ପ୍ରଜାବତ୍ସଳ ରାଜା ହୁଅନ୍ତୁ ଏମିତି ଅନେକ କିଛି । ମୋ ସ୍ୱାମୀ ରାବଣଙ୍କୁ ପ୍ରଣାମ କରୁଥିବାର ଦେଖି ଇଚ୍ଛାନଥିଲେ ବି ଲକ୍ଷ୍ମଣ ତଥା ଅନ୍ୟମାନେ ପ୍ରଣାମ କଲେ । ହନୁମାନ କିନ୍ତୁ ରାବଣଙ୍କୁ ପଛକରି ଏକଲୟରେ ସମୁଦ୍ର ଆଡ଼କୁ ଅନାଇ କ'ଣ ଭାବୁଥା'ନ୍ତି ।

ସମସ୍ତଙ୍କ ଭିତରେ ନିରବତା । କାହାରି ତୁଣ୍ଡରେ ଭାଷା ନାହିଁ । ସବୁ ନିରବତାକୁ ଭଂଗକରି ଲଙ୍କପତି କହିଥିଲେ, ମହର୍ଷି ବିଶ୍ୱାମିତ୍ରଙ୍କ ଶ୍ରେଷ୍ଠ ଶିଷ୍ୟ ରାମଚନ୍ଦ୍ର, ଲଙ୍କାଧିପତି ରାବଣ ଭାବରେ ମୁଁ ତୁମର ଶତ୍ରୁ, ହେଲେ ରାଜର୍ଷି ରାବଣ ତୁମର ଶତ୍ରୁ ନୁହେଁ, ତୁମର ହିତାକାଂକ୍ଷୀ। ଆଜ ଦିନକ ପାଇଁ ସେ ତୁମ ବନ୍ଧ ପ୍ରତିଷ୍ଠା କାର୍ଯ୍ୟରେ ହେଉଥିବା ଯଜ୍ଞର ପୁରୋଧା । ଜଣେ ବ୍ରାହ୍ମଣ ଭାବରେ ତୁମେ ଏ ସ୍ଥାନକୁ ମୋତେ ନିମନ୍ତ୍ରଣ କରି ଆଣିଛ । ବେଦଜ୍ଞ ବ୍ରାହ୍ମଣ ଭାବରେ ମୁଁ ଜାଣେ ବିନା ସ୍ତ୍ରୀ ସହଯୋଗରେ ତୁମର ଯଜ୍ଞକାର୍ଯ୍ୟ ନିଷ୍ଫଳ ହେବ । ବନ୍ଧ ପ୍ରତିଷ୍ଠାରେ ବିଘ୍ନ ଉପୁଜିବ । ତୁମେ ଏ ବନ୍ଧରେ ଗତିକରି ଯାଇ ଲଙ୍କାରେ ପ୍ରବେଶ କରିପାରିବ ନାହିଁ କି ଯୁଦ୍ଧରେ ରାବଣଙ୍କୁ ପରାସ୍ତକରି ବଧ କରିପାରିବ ନାହିଁ । ତେଣୁ ତୁମର ଶୁଭକାର୍ଯ୍ୟ ନିର୍ବିଘ୍ନରେ ସମାପନ ହେବାପାଇଁ ମୁଁ ସୀତା ଠାକୁରାଣୀଙ୍କୁ ସଂଗରେ ନେଇ ଆସିଛି । ସେ ଏ ମଂଗଳ କାର୍ଯ୍ୟରେ ତୁମ ବାମ ପାର୍ଶ୍ୱରେ ଉପବେଶନ କରିବେ । ତେବେ ତୁମର ସମସ୍ତ କାର୍ଯ୍ୟ ସୁରୁଖୁରୁପେ ସମାପନ ହେବ। ଦେବୀ ସୀତେ ରଥରେ ଉପବେଶନ ନକରି ତଳକୁ ଓହ୍ଲାଇ ଆସନ୍ତୁ ।

ତାଙ୍କ କଥା ଶୁଣି ମୁଁ ଧୀରେଧୀରେ ରଥରୁ ତଳକୁ ଓହ୍ଲାଇଥିଲି । ରାବଣ ପାଖରେ ମୋ ସ୍ୱାମୀ ମୁଖ ଶୁଖାଇ ଛିଡ଼ା ହୋଇଥା'ନ୍ତି । ତାଙ୍କ ବେନି ଚକ୍ଷୁରୁ ଧାରଧାର ହୋଇ ଲୋତକ ଝରି ପଡୁଥାଏ। ମୁଁ ତାଙ୍କ ମୁଖକୁ ସିଧା ଅନାଇ ପାରୁନଥାଏ । ମୋତେ ନିକଟ ହେବା ଦେଖି ମୋ ସ୍ୱାମୀ ଦୁଇ ପାଦ ପଛକୁ ଘୁଞ୍ଚି ଯାଉଥିବାର ଦେଖି ରାବଣ କହିଥିଲେ, "ରାଜପୁତ୍ର ରାମଚନ୍ଦ୍ର । ପଛକୁ କାହିଁକି ହଟି ଯାଉଛ ? ତୁମେ କ'ଣ ଭାବୁଛ ତୁମ ପତ୍ନୀ ଅସ୍ପୃଶ୍ୟା । ରାବଣ କର୍ତ୍ତୃକ ସେ ଅପହୃତ ହୋଇଥିଲେ ବି ସେ ଲଙ୍କା ରାଜବାଟୀକୁ ମଧ୍ୟ ଛୁଇଁ ନାହାନ୍ତି । ପଞ୍ଚବଟୀ ବନରୁ ଯାଇ ସେ ଅଶୋକବନରେ ରହିଥିଲେ କାହିଁକି ଜାଣ, ସ୍ୱାମୀ ତାଙ୍କର ଯେତେବେଳେ ଅରଣ୍ୟବାସୀ ସେ ଲଙ୍କା ରାଜପୁରୀରେ ରହିଥାନ୍ତେ କେମିତି ?

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଟୀର୍ଯ୍ୟକ୍... ପାଣ୍ଡିଆନ୍- ପୁଷ୍ପକ

ସୁବ୍ରତ ପଟ୍ଟନାୟକ



ପାଣ୍ଡିଆନଙ୍କୁ ନେଇ ଚା ଖଟି ସରଗରମ । ଅବସରପ୍ରାପ୍ତ ଆଇଏଏସ୍ ଭିକେ ପାଣ୍ଡିଆନ୍‌ଙ୍କ କଥା ଆମେ କହୁଚେ । ଏକଦା ସେ ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅତି ଗେହ୍ଲାପୁଅ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କ ପାଇଁ ପ୍ରସ୍ତୁତ ହୋଇଥିଲା ପୁଷ୍ପକ ବିମାନ । ବିମାନରେ ସେ କରିଥିଲେ ସାରା ଓଡ଼ିଶା ଟୁର୍ । ଯୁବକ ଯୁବତୀଙ୍କ ନିକଟରୁ ସାଉଁଟିଥିଲେ ଅଭିଯୋଗ ଫର୍ଦ୍ଦ । ସପ୍ତାହକ ମଧ୍ୟରେ ସମସ୍ୟାର ସମାଧାନ କରାଯିବାକୁ ଦେଇଥିଲେ ପ୍ରତିଶ୍ରୁତି। ମାତ୍ର, କାମ କଲାନି ପାଣ୍ଡିଆନଙ୍କ ମ୍ୟାଜିକ୍ । ନିର୍ବାଚନର ଫଳ ହେଲା ଓଲଟପାଲଟ । ବିଜେପି-୭୮, ବିଜେଡି-୫୧, କଂଗ୍ରେସ-୧୪, ଅନ୍ୟାନ୍ୟ-୪ ଆସନ ପାଇଲେ । ଓଡ଼ିଶାରେ ଆରମ୍ଭ ହେଲା ବିଜେପିର ଡବଲ-ଇଞ୍ଜିନ୍ ସରକାର । ପାଣ୍ଡିଆନଙ୍କ ପୁଷ୍ପକ-ବିମାନ ଉପରେ ଚାଲିଲା ଟନାଘନା ।

ଏବେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି- ମୋହନ ଚରଣ ମାଝୀ । କେନ୍ଦୁଝର ଜିଲ୍ଲାର ସର୍ବାଧିକ ଲୋକପ୍ରିୟ ନେତା । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କଲେଣି- ପାଣ୍ଡିଆନଙ୍କୁ ଜମା ଛଡ଼ାଯିବନି । ପୁଷ୍ପକ- ବିମାନରେ ବୁଲିବା ନିଶା ଉତରାଯିବ । ୨୦୨୩ ମସିହା ଫେବୃଆରିରୁ ସେପ୍ଟେମ୍ବର ମାସ ମଧ୍ୟରେ ପାଣ୍ଡିଆନଙ୍କ ପାଇଁ ୪୫୦ଟି ହେଲିପ୍ୟାଡ ନିର୍ମାଣ କରାଯାଇଛି। ଶହ ଶହ ଥର ହୋଇଛି ଉଡ଼ାଣ । ଖର୍ଚ୍ଚ ହୋଇଛି କୋଟି କୋଟି ଟଙ୍କା । ସବୁଯାକ ଅର୍ଥ ବହନ କରିଛି ରାଜ୍ୟ ରାଜକୋଷ । କେବଳ ବିଜେଡି ନୁହେଁ, ସମାନ ଧରଣର ଅଭିଯୋଗ କରିଛନ୍ତି- ତତ୍କାଳୀନ ବିଜେଡି ନେତା ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦେବ ପ୍ରମୁଖ । ଫଳରେ ସେମାନଙ୍କୁ ତଡ଼ା ଯାଇଥିଲା ଦଳରୁ। ବିଜେଡିର ବରିଷ୍ଠ ନେତା ପ୍ରତାପ ଦେବ ସଫେଇ ଦେଉଛନ୍ତି- ବିଜେପି ନିକଟରେ କୌଣସି ପ୍ରସଙ୍ଗ ନାହିଁ। କେବଳ ଚର୍ଚ୍ଚାରେ ରହିବା ପାଇଁ ଏଭଳି, ଅପ୍ରସଙ୍ଗକୁ 'ପ୍ରସଙ୍ଗ' କରୁଛି। ଓଡ଼ିଆରେ ଢ଼ଗ ଅଛି- କୁମ୍ଭୀର ନେଇକି ମଝି ନଇରେ ହେଲାଣି, ମଦୁଆ କହୁଚି ମେଘ ଦୁଲୁକୁଚି । ଢଗଟିର ଭାବାର୍ଥ ପ୍ରତାପ ନିଜର ଘନିଷ୍ଠ ଲୋକଙ୍କଠାରୁ ଆଉଥରେ ବୁଝିବାକୁ ଚେଷ୍ଟା କରନ୍ତୁ ।

ମୁଖ୍ୟମନ୍ତ୍ରୀ ଚାହିଁଲେ, କୌଣସି ବ୍ୟକ୍ତିଙ୍କୁ ହେଲିକପ୍ଟରରେ ମାଗଣାରେ ବୁଲାଇ ପାରିବେ କି ? ଓଡ଼ିଶାବାସୀଙ୍କ ମନରେ ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ । ଆମେ ଜାଣୁ, ମୁଖ୍ୟମନ୍ତ୍ରୀଙ୍କ ହାତରେ କେତେକ ସ୍ୱତନ୍ତ୍ର କ୍ଷମତା ରହିଛି। ବନ୍ୟା, ବାତ୍ୟା, ଭୂକମ୍ପ, ମରୁଡ଼ି ଆଦି ପର୍ଯ୍ୟବେକ୍ଷଣ କରିବାକୁ ସ୍ୱତନ୍ତ୍ର ହେଲିକପ୍ଟର ବ୍ୟବହାର କରାଯାଏ । ଓଡ଼ିଶା ସରକାର ଉକ୍ତ ଖର୍ଚ୍ଚ ବହନ କରିଥାନ୍ତି । ସେଥିରେ ଯେକୌଣସି ପର୍ଯ୍ୟବେକ୍ଷକ, ବିରୋଧୀ ଦଳ ନେତା, ସାମ୍ବାଦିକଙ୍କୁ ମଧ୍ୟ ସେ ସାମିଲ କରି ପାରିବେ । ମାତ୍ର ୨୦୨୩ ମସିହାରେ ଓଡ଼ିଶାରେ ସେଭଳି ଗୁରୁତର ପରିସ୍ଥିତି ସୃଷ୍ଟି ହୋଇଥିଲା କି ? ନବୀନ ଯଦି ହେଲିକପ୍ଟର ପାଇଁ ଦଳୀୟ ପାଣ୍ଠି ବିନିଯୋଗ କରିଥାନ୍ତେ, ତାହେଲେ କାହାର ଆପତ୍ତି ନଥାନ୍ତା । ମାତ୍ର ସେ ସରକାରୀ କଳ ଓ ରାଜକୋଷରୁ ଦଳୀୟ କାର୍ଯ୍ୟରେ ବିନିଯୋଗ କରିଛନ୍ତି । ଓଡ଼ିଶାବାସୀଙ୍କ ମଙ୍ଗଳ ଚାହିଁଥିଲେ, ନବୀନଙ୍କ ହାତରେ ଯଥେଷ୍ଟ ସୁଯୋଗ ଥିଲା । ସେ ଚାହିଁଥିଲେ, ୨୫ଜଣ ମନ୍ତ୍ରୀ ଓ ୩୦ ଜଣ ଜିଲ୍ଲାପାଳଙ୍କୁ ଅଭିଯୋଗ ଫର୍ଦ୍ଦ ସଂଗ୍ରହ କାମରେ ଲଗାଇ ପାରିଥାନ୍ତେ । ମାତ୍ର, ତା ନକରି ସେ ପାଣ୍ଡିଆନଙ୍କୁ ଅଖଣ୍ଡ 'ବର' ପ୍ରଦାନ କଲେ । 'ବିଜୁ ଜନତା ଦଳ- ଓଡ଼ିଶାବାସୀଙ୍କ ବଳ' କେବଳ ସ୍ଲୋଗାନ ହୋଇ ରହିଲା । କେବଳ 'ବଳ' ହଟିଲା ନାହିଁ, ଶାସନ ଗାଦିରୁ 'ଦଳ' ବି ହଟିଲା । ଲୋକସଭା ନିର୍ବାଚନରେ ମୋଟ ୨୫ଟି ଆସନରୁ ୨୦ଟି ଆସନରେ ବିଜେପି କଲା ବାଜିମାତ୍ । କଂଗ୍ରେସ ନେଲା ଗୋଟିଏ । ଦିଲ୍ଲୀରେ ମୁହଁ ଦେଖାଇବାକୁ ବିଜେଡିର କେହି ରହିଲେ ନାହିଁ । ତଥାପି ଚେତା ପଶୁନାହିଁ । ବିଜେଡି ସୁପ୍ରିମୋଙ୍କ ଠାରୁ ଆରମ୍ଭ କରି ସବୁ ନେତାଙ୍କ ଭିତରେ ପଶିଚି ପାଣ୍ଡିଆନଙ୍କ ପ୍ରେତ । ଝଡ଼ା ଫୁଙ୍କା କରିବାକୁ ଗୁଣିଆ ମିଳୁନି । ସାରଥି ବାବା ଥିଲେ, ହୁଏତ କିଛି ମନ୍ତ୍ର ଯନ୍ତ୍ର କରିଥାନ୍ତେ । ସେ ତ ଏବେ ଅଣ୍ଡରଗ୍ରାଉଣ୍ଡ । ଛାଡ଼ନ୍ତୁ ସେକଥା ।

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଲେଣି- ପାଣ୍ଡିଆନଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଖୁବ୍ ଶୀଘ୍ର ଦୁର୍ନୀତିର ଖୁଲାସା କରାଯିବ । ସେ କହିଛନ୍ତି- ହେଲିକପ୍ଟର ବ୍ୟବହାର ପରିବହନ ବିଭାଗର ଦାୟିତ୍ୱ । ମାତ୍ର ପାଣ୍ଡିଆନଙ୍କ ପାଇଁ ହେଲିପ୍ୟାଡ ନିର୍ମାଣ ପରିବହନ ବିଭାଗ କରିନାହିଁ । ସେ କାମ କରିଛି ପୂର୍ତ୍ତ ବିଭାଗ । ଠିକାଦାରଙ୍କ ନାମରେ ଦିଆଯାଇଛି ମିଛ ୱର୍କ ଅର୍ଡର । ବାସ୍ତବରେ କାମ କରିଛନ୍ତି ଜିଲ୍ଲାପାଳ କିମ୍ବା ଅନ୍ୟ ଅଧିକାରୀ । କଂଗ୍ରେସ କହୁଛି- ବିଜେପି- ବିଜେଡି ଦୁଇ ସଉତୁଣୀ। କେତେବେଳେ କଳି ତ କେତେବେଳେ କୋଳାକୋଳି ।

ଓଡ଼ିଶାରେ ବିଜେପି ସରକାର ଆସିବା ପରଠୁ ଖୁବ୍ ସଜାଗ ଭିଜିଲାନ୍ସ ବିଭାଗ। ୧୩ ଜଣ ଦୁର୍ନୀତିଖୋର ଅଫିସରଙ୍କୁ ଠୁକା ଗଲାଣି ଜେଲରେ । ସେମାନଙ୍କ ଟଙ୍କା ପଇସା, ସୁନାଗହଣା, ଗାଡ଼ିଘୋଡ଼ା, କୋଠାବାଡ଼ିକୁ କରାଯାଇଛି ଜବତ। ଏସବୁ ଘଟଣା, ଖୋକାଭାଇଙ୍କ ସୁପରହିଟ୍ ଗୀତ ଭଳି ଆମ ମନକୁ ବେଶ୍ ଛୁଉଁଛି । ମାତ୍ର ପାଣ୍ଡିଆନଙ୍କ ବେଳକୁ ଭିଜିଲାନ୍ସ ବିଭାଗ ଏତେ ଶିଥିଳ କାହିଁକି ? ଆମେ କହିବା କାହାକୁ ? ଆଜି ଏତିକି ।

ଜୟ ଜଗନ୍ନାଥ

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ॥ ସମୁଦ୍ର ॥

● ସୁଜିତ୍ କୁମାର ମିଶ୍ର



ଏ ସମୁଦ୍ର କିଆଁ ଏତେ
ପ୍ରେମରେ ଅଶାନ୍ତ, ଅତୃପ୍ତ, ଲୁହ ଜର୍ଜର,
ଘନଘନ ପ୍ରବଣଓଠର ଗୀତ ।

ସମୁଦ୍ରର ସରାଗ ତ
ଦୁର୍ମୂଲ୍ୟ ହୀରାମୋତି,
ଝରୁଥାଏ ଶ୍ରାବଣର ବର୍ଷାପରି,
ତା ଅଶାନ୍ତପଣ କୋଣାର୍କର ଗଢଣ
ଗୁରୁଗର୍ଜନର ଶୋଭା ସମ୍ଭାର ଭିତରେ,
କାହା ମଧୁ ଆଲିଙ୍ଗନର ପ୍ରେମ
ପ୍ରତୀକ୍ଷାରେ ।

ଅନେକ ଚିତ୍ର ଅଙ୍କାଯାଇଛି
ଅସୀମ ଅନୁରାଗର ତୂଳୀରେ,
ସମୁଦ୍ର ଚିତ୍ର ଅଙ୍କନ ଅସହଜ କାହିଁ ଯେ,
ତା କାୟା ଆଉ ଛାୟା ତ ବିଶାଳ
ପିୟାସୀ ପ୍ରେମିକର ଆଦିମ ତୃଷାରେ ।

ବାହାନାଗା ଖୋଜେ ସମୁଦ୍ର,
ସମୁଦ୍ର ସିନା ଧୋଉଛି ତା ଦୁଃଖ,
ସାଲୁବାଲୁ କୀଟଙ୍କ କବଳରେ
ସେ ଏବେବି କ୍ଷତାକ୍ତ,
ଶବକୁ ଝୁଣି ଝୁଣି ଖାଉଛନ୍ତି
ଦଳଦଳ ଶଠ ଶାଗୁଣା,
କାମନାର ତାଡି ରୁଦ୍ର,
କେବେ ହେବେ କେଜାଣି
ସେମାନେ କରୁଣାର ସମୁଦ୍ର ?

ଏଇ ସମୁଦ୍ର ତଳେ ଅଛି ଅସରନ୍ତି ବୈଭବ,
ବୋଲିବାକୁ ହେବ ତା ଭାବ,
ଗାଇବାକୁ ହେବ ତା ରାଗ,
ଗହୀରକୁ ଗଲେ ତା ପ୍ରାପ୍ତି,
ଖୋଲିବାକୁ ହେବ ଖାଲି ଆକାଶ ଆଖି ।

ସମୁଦ୍ର ନୁହେଁ କି
ଗୋଟିଏ ବିରାଟ ମିଳନର ଘର,
ରଙ୍ଗ ତରଙ୍ଗର ଗନ୍ତାଘର,
ନହେଲେ କାହିଁକି ଆନନ୍ଦର ଜୁଆର
ପାଲଟୁଥାଆନ୍ତା ପ୍ରାଣୀଙ୍କ ସଂସାର,
ସଂସାର ସମୁଦ୍ର ହେଲେ ତ
ମନନଈ ଦୁଃଖ ଭେଦି ସୁଖର ଲଳିତ ସ୍ୱର ।

ସମୁଦ୍ର ମନ୍ଥନରେ ମିଳିଲା କେତେ କଣ ।
ସଭିଙ୍କ ଭାଗ୍ୟରେ ଥାଏ କଣ ଅମୃତ,
ଦେବତା ସମୁଦ୍ର ହେଲେ
ଅସୁର ହେଲେ ଭସ୍ମୀଭୂତ ।

କେହି କେବେ ବୁଝିଛି କି ସମୁଦ୍ରର ଦୁଃଖ ?
ତା ଛାତି ସଭିଙ୍କ ପାଇଁ ପ୍ରେମତୀର୍ଥ
ତୁମେ ତା ପାଖକୁ ଦୌଡ଼
ସେ ଦରଦୀ ନିସର୍ଗ ।

ଆମ ହାତ ତିଆରି ବିଷରେ
ସମୁଦ୍ର ଏବେ ହନ୍ତସନ୍ତ,
ସିଏ ନିଏ ଶ୍ରଦ୍ଧାରେ କୋଳେଇ,
ପାଏ ସବୁଠି ସବୁରି କଷଣର ପଦାଘାତ ।

ସମୁଦ୍ର ପାରିହେବାକୁ ଲୋଡା
ସଂଭ୍ରମ ସାଧନା,
ଅନ୍ତରର ଫୁଲଫୁଟା ମୂର୍ଚ୍ଛନା,
ଆରତି ଶାହା, ମିହିର ସେନ
ସମୁଦ୍ରର ଗହଣା ବୋଲି ତ
ଦୁହିଁଙ୍କ ପରିଚୟ
ସମୁଦ୍ରର ଭିଜା ଠିକଣା ।

ଦେବତାମାନଙ୍କ ବାସ ସମୁଦ୍ରରେ ।
କାହିଁ ଗଲେ ଦେବତା ?
ଅଶାନ୍ତ ଗ୍ରହଙ୍କ କୋପରେ
ସମୁଦ୍ର ଦେହ ଧୂଳିଧୂସର,
ଆସ ଆସ ଦେଖିବ ତା
ଲୁହଭିଜା ବିଷର୍ଣ୍ଣତା ।

ଜୀବନପାତ୍ରର ଛିଦ୍ର
କେବେ ନିବୁଜ୍ ହୋଇ
ହେବ ବିଶାଳ ସମୁଦ୍ର ?

♥ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

### ଧଉଳି

● ଶୁଭ୍ରଜିତ୍ ରାୟ



କେଉଁ କାରିଗରି କୌଶଳରେ
ଗଢା ତୋ ମନଲୋଭା ଅପରୂପ
ନା ଆଖିକୁ ମୁଦେଇ ହୁଏ
ନା ମନକୁ ବୁଝେଇ ହୁଏ
ତୋତେ ବଖାଣିବାକୁ ବି
ସହଜେ ମିଳେନା ଶବ୍ଦ...

ତୁ ଶହେ ସ୍ମୃତିର ଅଭୁଲା ଅତୀତ
ଅୟୁତ ଅନୁତାପର ଅତୁଟ ଆଶ୍ୱାସ
ତୁ ବିଶ୍ୱାସର ବିଶ୍ୱପ୍ରେମ
ଭରଷାର ଭରପୂର ଭଣ୍ଡାର...

ବିଗତକୁ ସ୍ୱାଗତ କରିବାର
ଶୈଳୀ ତୋତେ ଜଣା
ବର୍ତ୍ତମାନକୁ ବିମୋହିତ
କରିବାର ବିନମ୍ରତା ବି ଜଣା...

କୋଟିଏ ଚଣ୍ଡାଶୋକଙ୍କୁ
ଗୋଟିଏ ଧର୍ମାସ୍ତ୍ର ଧରେଇ
କାଳକାଳକୁ ଉଡେଇ ଦେଇଛୁ
ସମନ୍ୱୟର ସମର୍ଥ ଧ୍ୱଜା

ଧର୍ମଦ୍ରୋହୀଙ୍କୁ କରିଛୁ ଧର୍ମାତ୍ମା
ପାପୀଙ୍କୁ କରିଛୁ ପୁଣ୍ୟବ୍ରତା...

ଅଶାନ୍ତିର ଉପଖଣ୍ଡରେ
ତୁ ଶାନ୍ତିର ଉପତ୍ୟକାଟିଏ
ହିଂସାର ତିକ୍ତ ତାଲୁକାରେ
ତୁ ଅହିଂସାର ଅନ୍ତରୀକ୍ଷଟିଏ
ଶିଳ୍ପୀର ନିହାଣରେ ତୁ ଯେତିକି ଶକ୍ତ
କବିର କଲମରେ ତୁ ସେତିକି କାର୍ତ୍ତିତ

ତୋ ବିଦ୍ରୋହରେ ମୁକ୍ତି
ତୋ ପ୍ରେମରେ
କେବଳ ହିଁ ମୋକ୍ଷ....

♥ ଶାସନୀପଡା, ମାର୍ଶାଘାଇ
କେନ୍ଦ୍ରାପଡା
(ମୋ) ୭୬୦୮୮୫୩୪୩୬

### ଅଛି ମୁଁ ନିଜେ

● ଗଜାନନ ମିଶ୍ର



ଅଛି, ତୁମ ସହିତ ଅଛି, ଏଇଠି ମୁଁ ନିଜେ।
ମୁଁ ନିଜେ ଯାଉଛି ଧାଇଁ ଯଦିଓ ଖରା ବର୍ଷା
ବହୁତ।
ନିଜେ ମୁଁ ମୋଠୁ, ନିଜେ ମୁଁ ମୋର ସ୍ରଷ୍ଟା।
ବଡ ବଡ ସୁଖ ପାଖରେ ସ୍ଥାନ ନାହିଁ ଅଣ୍ଟାରେ
ଲଟକିବ ଦୁଃଖ।

ମୁଁ କରିଛି ପ୍ରତୀକ୍ଷା ମୋଠି ମୁଁ ନିଜେ
ଆଉ କରିଛି ପ୍ରତୀକ୍ଷା।
ଜଣା ମତେ, ରଙ୍ଗ ବେରଙ୍ଗ ଖେଳ,
ସଭିଙ୍କର ପ୍ରିୟ ମତେ ଇ କରୁଛି ଆହତ।

ମୁଁ ସମୁଦ୍ର, ମୁଁ ଆକାଶ, ମୁଁ ପବନ,
ମୁଁ ଜୀବନ, ମୁଁ ଇ ମୋର ସ୍ୱପ୍ନ,
ସହଜେ ଯାଉ ନି ଯିଏ ପାଖରୁ ମୋର।

ଜାଣେ ମୁଁ, ମୋ ସଂପର୍କରେ କହିବାକୁ
ନାହାନ୍ତି କାହିଁ ଜଣେ।
ପୂର୍ଣ୍ଣ ରୁ ପୂର୍ଣ୍ଣ ମୁଁ,
ପୂର୍ଣ୍ଣ ମୋର ଧ୍ୟାନ,
ପୂର୍ଣ୍ଣ ସାଧନ।

♥ ତପୋବନ, ଟିଟିଲାଗଡ- ୭୬୭୦୩୩

### ନୂଆଖାଇ

● ସୁଧୀର ମେହେର

ଯିଏ ଯୋଉଠି ଥାଅ
ଛୁଟି ମିଳୁ ନ ମିଳୁ
ଦି'ଦିନ ପାଇଁ ଘରକୁ ଆସିବ ହିଁ ଆସିବ ...
ବୁଢାବାପା ଡେର୍ ଆଗରୁ
ତାଗିଦ୍ କରି ଦେଇଛନ୍ତି ପୁଅମାନଙ୍କୁ ।

ବୁଢୀମାଁ,
ଘରଦୁଆର ଲିପା ପୋଛା ସାରି,
ଆଣି ସାରିଛି ନୂଆଁ ଧାନ,କୁରେଇ ପତର,
ଖାଣ୍ଟି ଗାଇ ଘିଅ, ମାଟି ଦୀପ, ନୂଆଁ କୁଲା,
ନୂଆଁ ଟୋପା
ଯୁଗାଡ କରି ସାରିଛି ସବୁ ସରଞ୍ଜାମ ।

ବୁଢା ବୁଢୀଙ୍କର ପାଦ ପଡୁନି ମାଟିରେ,
ମନ ତାଙ୍କର ଗହଗହ
ନାତି, ନାତୁଣୀଙ୍କ ହୋ-ହାଲ୍ଲାରେ
ପୁରି ଉଠିବ ଘର ଦୁଆର,
ନୂଆ ଖାଇ ସାରି ସଭିଏଁ ଏକାଠି ବସିଲେ
ବଡ ନାତୁଣୀର ବାହାଘର କଥା ପଡିବ ।

ମାଁ ବାଟ ଚାହିଁ ଚାହିଁ ଅଥୟ ହୁଏ,
ମଝିଆ ଆସେ ରାତି ଅଧରେ,
ସବା ସାନ, ସେଇ ଦିନ ଆଠଟାରେ ।

ବେଶ୍
ହସ ଖୁସିରେ ନୂଆଖିଆ ସରେ ।
କିନ୍ତୁ ଏ କ'ଣ....
ନୂଆ ଖିଆ ସରିଛି କି ନାଇ
ସାନପୁଅ ଫେରିବା ପାଇଁ ତୈୟାର୍ ହୁଏ,
କହେ-ମୋ ପିଲା ଛୁଆ ରହି ପାରିବେନି
ବିନା ଏସିରେ ।

ଟିକେ ପରେ ମଝିଆ ବାହାରେ,
କହେ, ଗୋଟେ ଲାଟିନ୍ ବାଥ୍ ରୁମରେ
ରହି ହେବନି ଜମା,
ହଁ, ଆର ଥରକୁ ଭାଗବଣ୍ଟା ଯେମିତି
ହେଇ ଯାଇଥିବ ।
ମୋ ଭାଗଟା ବିକି
ମୁଁ ଘର ତିଆରିବି ସହରରେ ।

ବଡ଼ପୁଅ ଅନାଏ ବାପାଙ୍କ ମୁହଁକୁ,
ଆଖି ଯୋଡାକ ଭରିଯାଏ ଲୁହରେ ...
କୋଉ ଭାଗବଣ୍ଟା କଥା କହୁଛନ୍ତି ଏମାନେ ?

ପାଠ ପଢାରେ ସବୁ ତ ସରିସାରିଚି..
ବଡପୁଅଟା ଭାଇଙ୍କୁ ବଡ ମଣିଷ କରିବ ବୋଲି
କ୍ଷେତରେ ଖଟି ଖଟି କ୍ଷେତ ପାଲଟି
ଗଲାଣି ଗୋଟାପଣେ,
ଯାହା ଟିକେ ନାକୁ ଅଛି, ତାକୁ ବିକିଦେଲେ
ତିନି ତିନିଟା ଛୁଆପିଲା ନେଇ
କୁଆଡେ ଯିବ ସେ ??

ବାପା
ଆଖିରୁ ଧାର ଧାର ହୋଇ ଲୁହ ଝରିପଡେ,
ସେ ଲଥ୍ ହୋଇ ବସି ପଡନ୍ତି ଚଉକିରେ ।

ବଡ଼ପୁଅ ଶୂନ୍ୟକୁ ଅନାଏ ।
ଆକାଶରେ
ଦଲକା ଦଲକା ମେଘ ମଣ୍ଡଉ ଥାଏ ।



♥ ଚିଚୈଗୁଡା, ଜୁନାଗଡ଼
କଳାହାଣ୍ଡି -୭୬୬୦୧୪

# ସାହିତ୍ୟ ସାଧାରଣ ଜନତାର ସ୍ୱର ହେଉ, ଖଟିଖିଆ ଦିନ ମଜୁରିଆର କଥା କହୁ : ବିପିନ ମହାନ୍ତି

**ବିପିନ ମହାନ୍ତି** ଓଡିଆ ଗୀତି କବିତା ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ତାଙ୍କ କବିତାର ଛଳଛଳ ପଣ, ଆବେଗ, ପ୍ରେମ, ଅନୁରାଗ ସବୁ ଯେମିତି ଘୁମନ୍ତ ଆଖିର ଗୋଟେ ମୁଗ୍ଧ ମଧୁବନ । ତାଙ୍କ ଗୀତି କବିତା ପରିବ୍ୟାପ୍ତ ପ୍ରୀତିର ଠିକଣା ଠାରୁ ପାପୁଲିଏ ପ୍ରେମ ଯାଏ । ତାଙ୍କ କବିତାର ଲାଳିତ୍ୟ ବେତେବେଳେ ନଈର କୁଳୁକୁଳୁ ପରି ଶୁଭେ ତ କେତେବେଳେ ଶୁଭେ କୋଇଲିର କଣ୍ଠ ପରି ମିଠା ମିଠା । କବିତା ଗଢଣରେ ତାଙ୍କର ନିଆରାପଣ ତାଙ୍କୁ କରିଛି ଅନନ୍ୟ । କବିଙ୍କ ସହ ଏଥରର ଆଳାପ..



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ଫୁଲ ଫୁଟିବାର ମହାର୍ଘ୍ୟ ଅନୁଭବକୁ କ'ଣ ଫୁଲଟିଏ କହିପାରେ ? ସୃଜନର ଆଦ୍ୟସ୍ଫୁରଣ ଏକ ଅବ୍ୟକ୍ତ ପୁଲକର କଥା । ଲେଖକଟିଏ ହେବାର ଅଭିପ୍ସାରେ ଲେଖୁନଥିଲି କି କବି ହେବାର ବାସନା ମୋତେ ଅଭିପ୍ରେତ କରିନଥିଲା ଲେଖିବା ପାଇଁ । ଲେଖୁଲେଖୁ ଲେଖିଥିଲି । ଦୁଃଖ, ଦୈନ୍ୟ, ବିରହରେ ଜର୍ଜରୀତ ମୋର ଆଦ୍ୟ ଯୌବନକୁ ଭୋଗେଇଥିବା ଭାବନାର ଆଦ୍ୟସ୍ଫୁରଣ ଥିଲା ମୋର ସୃଜନ । ସେ ଗାଆଁକୁ ନେଇ ହେଉ, ମାଆକୁ ନେଇ ହେଉ ବା ପ୍ରେମକୁ ନେଇ ହେଉ, ମୁଁ ଦୁଃଖରେ ସୁଖରେ, ଭାବରେ, ଅଭାବରେ ଅହରହ ଭୋଗୁଥିଲି ମୋର କବିତାକୁ ।

■ ଗୀତି କବିତା ପ୍ରତି କେମିତି ଆକୃଷ୍ଟ ହେଲେ ? କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?

■■ ମୁଁ ଗୀତିକବିତା ପ୍ରତି ଆକୃଷ୍ଟ ହୋଇଛି ବା ଗୀତି କବିତା ମୋ'ଉପରେ ସବାର ହୋଇଛି କହିବା ସହଜ ନୁହେଁ, ପ୍ରଥମରୁ କହିଛି ଗାଆଁର ମଣିଷ ମୁଁ । ଶୈଶବ ମୋର କଟିଛି ଗାଆଁରେ । ମାଆର ଲୋରି ହେଉ ବା ଗାଆଁର ଢ଼ଗ ଢ଼ମାଳି ହେଉ ବେଶଭାବେ ପ୍ରଭାବିତ କରିଛି ମୋ' ସର୍ଜନାକୁ, ମୋ' ବୋଉଠାରୁ ଭଲ କବିଟିଏ ମୁଁ ଦେଖିନାହିଁ ଆଜିଯାଏ। କିଏ ଲେଖିଥିଲା ସେ ଲୋରି କିଏ ଲେଖିଥିଲା ସେ ଗୀତ କେଜାଣି ଛୁଆକୁ ନିଦ ନ ହେବା ଯାଏ ଲମ୍ବିଥିବ ଯେ ଲମ୍ବିଥିବ । ଗୀତା, ଭାଗବତ, ଛାନ୍ଦ ଚଉତିଶା, ରାମାୟଣ ମହାଭାରତ ତ ସବୁ ଗୀତିମୟତାର କଥା କହିଛି । ପାଲା, ଦାସକାଠିଆ, ସଂକୀର୍ତ୍ତନ ଇତ୍ୟାଦି ଗୀତରେ ପର୍ଯ୍ୟବେଶିତ ଆମ ଲୋକକଳା । ଗୀତ ତ ଆମ ମଞ୍ଜରେ । ଆମ ସମାଜ, ସଂସ୍କୃତି, ପରମ୍ପରା କ'ଣ ଗୀତକୁ ଛାଡ଼ି ସମ୍ଭବ । ପାରମ୍ପରିକ ଜୀବନ ଜିଇବାର କଳା ମୋତେ ଗୀତି ହିଁ ଶିଖେଇଛି । ଲୁହରେ ବତୁରା ଆଖି, ଭୋକରେ ଆଉଟା ପେଟ ବେଶ୍ ସହଜ ମନେ କରିଛି ଗୀତିଟିଏ ହୋଇ ଓଠରୁ ଉକୁଟି ଆସିବା ପାଇଁ । ଗୀତି କବିତା ମୋ' ଦୁଃଖର ଦୋହା । ବାକି ରହିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି । କର୍ମମୟ ଜୀବନ ମୋର କଟିଥିଲା ଓଡ଼ିଶା ବାହାରେ । ବାୟୁସେନାରେ ଯୋଗଦେଇ ଭାରତର ଭିନ୍ନଭିନ୍ନ ସ୍ଥାନ ଥିଲା ମୋର କର୍ମଭୂମୀ । ଓଡ଼ିଆ ଭାଷା, ଓଡ଼ିଆ ପତ୍ରପତ୍ରିକା ଅପହଞ୍ଚ ଥିଲା । ଅବଶ୍ୟ ସେ ସମୟରେ ଏତେ ପତ୍ର ପତ୍ରିକା ବାହାରୁ ନ ଥିଲା । ଲେଖାଲେଖି ଜାରି ଥିଲେ ବି ପ୍ରକାଶିତ ହୋଇପାରୁ ନଥିଲା । ଓଡ଼ିଶାକୁ ଫେରିବା ପରେ ନିଜ ଲେଖାକୁ ଛପା ଅକ୍ଷରରେ ଦେଖିବାର ସୁଯୋଗ ମିଳିଲା, ସାହିତ୍ୟିକର ମାନ୍ୟତା ଓ ପାଠକୀୟ ଶ୍ରଦ୍ଧା ବି। ସାହିତ୍ୟ ଜଗତରେ ମୋର ପ୍ରବେଶ ଯେତିକି ଆକସ୍ମିକ ସେତିକି ରୋମାଞ୍ଚକର ଆଉ ମୋ' ପାଇଁ ଏକ ବିସ୍ମୟ ଅନୁଭୂତି । ସେ ପ୍ରବେଶ ଏତେ ଆକସ୍ମିକ ଥିଲା ଯେ ସେ ରୋମାଞ୍ଚକର ମୁହୂର୍ତ୍ତକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁଭାବେ ଆପଣ କାହାକୁ ସ୍ମରଣ କରିବେ ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ୍ୟ ନେଇ ଆପଣଙ୍କର ଏ ଯାତ୍ରା ?

■■ ଦୁଃଖ ମୋର ସର୍ଜନାର ସ୍ୱୀକାରୋକ୍ତି । ଆଦ୍ୟ ଜୀବନ ମୋର ଥିଲା ଖୁବ୍ ସଂଘର୍ଷପୂର୍ଣ୍ଣ । ପିତା ମାତାଙ୍କୁ ହରାଇ ପରିବାରର ଦାୟରେ ଦାୟିତ୍ୱକୁ ମୁଣ୍ଡାଇ ଚାଲିବା ଥିଲା ଖୁବ୍ କଷ୍ଟକର । ସବୁ ଅଭାବରେ ଭାବକୁ ଖୋଜୁଥିଲି ମୁଁ । ସେ ଗାଆଁକୁ ନେଇ ହେଉ କି ପ୍ରେମକୁ । ବୈରାଗ୍ୟ ମୋତେ ବିରହର ବାଲୁଶାବନ୍ତରେ ଠିଆ କରେଇଥିଲା । ଏଣୁ ସମୟ ହିଁ ମୋର ସାରସ୍ୱତ ପ୍ରେରଣା । ଲେଖୁ ଲେଖୁ ଲେଖକଟିଏ ହେବାର ସୌଭାଗ୍ୟ ଅର୍ଜନ କରିଛି ମୁଁ । ନିଜ ପାଇଁ ନିଜେ / ଦୁଃଖଟିଏ ମୁଁ ଯେ / ନିଇତି ତିଆରି କରେ / ଦୁଃଖରେ କବିତା / ଲେଖି ହୁଏ ବୋଲି / ନିତି କବିତାରେ ମରେ' ।

ଆଦ୍ୟ ଗୁରୁ ମୋର ପିତା ମାତା । ଯେଉଁମାନଙ୍କ ଠାରୁ ଜିଇବାର କଳା ଶିଖିଛି । ଭୋଗେଇଥିବା ମୁହୂର୍ତ୍ତର ମାନଚିତ୍ର ମୋ କବିତାରେ ପ୍ରକଟିତ । ସାହିତ୍ୟ ମୋ ଜୀବନର ପାଣ୍ଡୁଲିପି, ତାକୁ କ'ଣ ଆହରଣ କରିହେବ କେଉଁ ପାଠଶାଳାରୁ । ବିତେଇଥିବା ବୟସ ଓ ହଜେଇ ଥିବା ସ୍ୱପ୍ନମାନଙ୍କୁ ମୁଁ ସ୍ମରଣ କରିବି ଯିଏ ମୋ' ସାହିତ୍ୟକୁ ଋଦ୍ଧିମନ୍ତ କରେଇଛନ୍ତି । ତେଣୁ ତ ଆଦ୍ୟ ଯୌବନର ଏକାକିତ୍ୱ ଆଉ ନିଃସଙ୍ଗତା ମୋର ଗୁରୁ।

ଆଉ ଯାହା ରହିଲା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ। ସାହିତ୍ୟ ମୋ'ଅଲକ୍ଷ୍ୟରେ ମୋ'ଭିତରେ ଅଙ୍କୁରିତ ହୋଇଛି। ଗାରଉ ଗାରଉ ଗାରେଇ ଦେଇଥିବା ଜୀବନର ଛବିଳ ମାନଚିତ୍ର ଯଦି ମୋତେ କବି କରିଛି ତାହାଲେ ତ ଏ ଯାତ୍ରାର ଆରମ୍ଭ ଯେଉଁଠୁ ଶେଷ ବି ସେଇଠି ହେବ। ଲକ୍ଷ୍ୟ ଆଉ କ'ଣ ? ପଥଭ୍ରଷ୍ଟ ପଥିକଟିଏର କେତେବେଳେ ଖୋଜୁଖୋଜୁ ତ ଆଉ କେତେବେଳେ ହଜୁହଜୁ ସେଇ ରାସ୍ତା ସରିବାଯାଏ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ମୋର ବର୍ତ୍ତମାନ ସୁଦ୍ଧା ନଅ ଗୋଟି ପୁସ୍ତକ ପ୍ରକାଶିତ ହୋଇଛି । ମୋର ପ୍ରଥମ ପୁସ୍ତକ 'ହଜାଇଛି ତୁମ ପ୍ରୀତିର ଠିକଣା' ଗୋଟିଏ ଛନ୍ଦ କବିତା ସଂକଳନ । 'ଦୁଷ୍ଟ ପ୍ରଜାପତି', 'ଫୁଲେଇ ଫଗୁଣ', ଚଗଲା ଚଇତି ଓ ପାପୁଲିଏ ପ୍ରେମ' ଗୀତି କବିତା ସଂକଳନ । "ଭିନ୍ନ ସୃଷ୍ଟି : ଦିବ୍ୟ ଦୃଷ୍ଟି" ଓ "କିଛି କଥା: କିଛି ବ୍ୟଥା" ଦୁଇଟି ଗଦ୍ୟ ସଂକଳନ ପ୍ରକାଶ ପାଇଛି । ଅସଂପୂର୍ଣ୍ଣ କାବ୍ୟାଂଶକୁ ନେଇ ବିପିନ୍ ମହାନ୍ତିଙ୍କ ଫେସ୍‌ବୁକ୍ କବିତା ନାମରେ ବି ଗୋଟିଏ ସଂକଳନଟିଏ ଅଛି ।

ତେବେ ଲେଖକଟିଏ ସବୁବେଳେ ଏକ ଦିବ୍ୟ ଅସନ୍ତୋଷରେ ଜୀବନ ଜିଉଥାଏ । ମୋତେ ଲାଗେ ଭଲ ଲେଖାଟିଏ ଲେଖିବାରେ ମୁଁ ଏପର୍ଯ୍ୟନ୍ତ ସମର୍ଥ ହୋଇପାରିନାହିଁ । ଏବେବି ଅନ୍ୟର ଲେଖା ପଢ଼ିଲେ ଈର୍ଷା ହୁଏ । ଏ ଶବ୍ଦ, ଏ ଭାବନା ମୋ' ଭିତରେ ଅଙ୍କୁରିତ ହେଲାନାହିଁ କାହିଁକି ? ଏଇ ଦିବ୍ୟ ଭାବନା ନେଇ ମୁଁ ଯେତେବେଳେ କବିତାର ନିକଟତର ହୋଇଛି ସେତେବେଳେ ଆତ୍ମସନ୍ତୋଷ ପାଇଛି । 'ଦୁଷ୍ଟ ପ୍ରଜାପତି' ମୋର ସବୁଠାରୁ ପ୍ରିୟ ବହି । ଛଳଛଳ ଭାବର ନିର୍ଝରିଣୀଟିଏ ସେ ଲେଖାରୁ ନିଗିଡ଼ି ପଡ଼ିବାର ପ୍ରତୀୟମାନ ହୁଏ । ଜୀବନ୍ତ ପ୍ରେମର ଯାକୁଲ୍ୟମାନ ପାଣ୍ଡୁଲିପିଟିଏ ସେ ପୁସ୍ତକ । 'ଦୁଷ୍ଟ ପ୍ରଜାପତି' ଯେତିକି ପାଠକୀୟ ଶ୍ରଦ୍ଧା ସାଉଁଟିଛି ସେତିକି ଲେଖକୀୟ ପରିଚିତି ମୋତେ ଦେଇଛି । ଏବେ ବି ଓଡ଼ିଶାର କୋଣ ଅନୁକୋଣରେ ପାଠକମାନେ ମୋତେ 'ଦୁଷ୍ଟ ପ୍ରଜାପତି' ବୋଲି ସମ୍ବୋଧନ କରନ୍ତି ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ଏବେ ସଂଶୟରେ କିନ୍ତୁ ସଂକଟରେ ନୁହେଁ । ଭାଷା ଭିତ୍ତିକ ପ୍ରଦେଶ ଭାବେ ଓଡ଼ିଶା ଅନ୍ୟତମ ରାଜ୍ୟ । ଓଡ଼ିଶୀନୃତ୍ୟ, ଓଡ଼ିଶୀ ସଂଗୀତ, ଓଡ଼ିଶାର ଋରୁକଳା ଏ ରାଜ୍ୟର ବୈଷମ୍ୟ । ଏତେସବୁକୁ ସଂକଟରେ ପକେଇ ଦେଇ କ'ଣ ଗୋଟିଏ ଜାତି ତିଷ୍ଠିପାରିବ । ହଁ ମାନୁଛି ମୋବାଇଲ, ସୋସିଆଲ ମିଡ଼ିଆ ପ୍ରଭାବରେ ଏବେ ସମାଜ ସ୍ଥାଣୁତ୍ୱ ଆଡ଼କୁ ଗତିକରୁଛି । ଚିଠିଟିଏ ଆଉ ଦେଖିବାକୁ ମିଳୁନି । ସ୍କୁଲ୍ କଲେଜରେ ଓଡ଼ିଆ ଭାଷା ଗୌଣ ହୋଇ ପଡ଼ିଛି । ବର୍ତ୍ତମାନ ପିଢ଼ିଙ୍କର ଓଡ଼ିଆ ଭାଷା ପ୍ରତି ଅନାଗ୍ରହ ଚିନ୍ତାର ବିଷୟ ହେଲାଣି । ସରକାରୀ ଉଦାସୀନତା ବି ଓଡ଼ିଆ ଭାଷାକୁ ସଂକଟ ଆଡ଼କୁ ଟାଣି ନେଉଛି । ଏକ ବିକୃତ ଓଡ଼ିଆର ଉଚ୍ଚାରଣ ଓ ବ୍ୟବହାର ସମାଜରେ ଦେଖିବାକୁ ମିଳୁଛି । ପ୍ରିଣ୍ଟ ମିଡ଼ିଆ ଠାରୁ ଇଲେକ୍ଟ୍ରୋନିକ୍ସ ମିଡ଼ିଆ ପର୍ଯ୍ୟନ୍ତ କାହାର ଏ ଦିଗରେ ନିଘା ନାହିଁ । ଓଡ଼ିଆ ଭାଷାକୁ ସରକାରୀ ଓ ବେସରକାରୀ ଭାଷା ଭାବେ ବ୍ୟବହାର କରାଯିବା ପାଇଁ ଦୀର୍ଘ ନଅ ବର୍ଷ ଉର୍ଦ୍ଧ୍ୱ ସମୟ ଧାରୀ ଭାଷାପ୍ରେମୀ ମାନଙ୍କ କଳା ପତାକା ଆନ୍ଦୋଳନ ନିଶ୍ଚୟ ଦିନେ ଉଗ୍ରରୂପ ନେବ । ଏ ଭାଷା ଥିଲା, ଅଛି ଓ ରହିବ । କିନ୍ତୁ ଭାଷାକୁ ନେଇ ସମାଜର ଦୃଷ୍ଟିଭଙ୍ଗୀ ବଦଳିବା ଦରକାର। ମୁଁ ଓଡ଼ିଆ ମୋ'ଭାଷା ବଢ଼ିଆ। ଆଉ ଯେତେ ଭାଷା ଶିଖୁଛ ଶିଖ ନିଜ ମାତୃଭାଷା ମହତ ରଖ।

କବିତା ବି ତ ଗୋଟିଏ ମାର୍ଗ ଭାଷାକୁ ସଂକଟରୁ ମୁକ୍ତ କରିବାକୁ । ଭାଷା ବ୍ୟବହାରରେ ତା'ର ଶ୍ରୀବୃଦ୍ଧି ସାଧନ କରିଥାଏ । ବ୍ୟବହାର ନ ହେଲେ ଭାଷା ସ୍ଥାଣୁ, ପଙ୍ଗୁ ପାଲଟିଯିବ । ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଗୋଟିଏ ଭାଷା ଗଳ୍ପରେ ହେଉ କି କବିତାରେ ହେଉ ନିଶ୍ଚୟ ଉର୍ଦ୍ଧ୍ୱମୁଖୀ ହେବ । ଓଡ଼ିଶା ଭିତରେ ସମସ୍ତ ସୂଚନା ଫଳକ, ନିମନ୍ତ୍ରଣ ପତ୍ର ଓ ସରକାରୀ ସ୍ତରରେ କାର୍ଯ୍ୟ ଇତ୍ୟାଦି ସବୁ ଓଡ଼ିଆରେ ହେବାର ସଂକଳ୍ପ ଆମକୁ ନେବାର ବେଳ ଆସିଛି ଅନ୍ୟଥା ପର ପିଢ଼ି ପାଇଁ ଆମେ ଉତ୍ତରଦାୟୀ ରହିବା ।

■ କବି ହେବା ପଛରେ ସାମାଜିକ ପରିଚୟ ବା ସ୍ୱୀକୃତି ବ୍ୟତିତ ଆଉ ସବୁ କ'ଣ କାରଣ ଥାଏ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ କବି ହେବା ପଛରେ କୌଣସି କାରଣ ନିହିତ ନ ଥାଏ । କବି ଏକ ସ୍ୱାଭାବିକ ସୃଷ୍ଟି । ପ୍ରତ୍ୟେକ ସୃଷ୍ଟି ଗୋଟିଏ ଗୋଟିଏ କବିତାର ଅଂଶ । ପ୍ରଜାପତିର ଡେଣାରେ, ଫୁଲର ପାଖୁଡ଼ାରେ, କୋଇଲିର କୁହୁରେ ବା ପ୍ରେମିକାର ଆଖିରେ ଥିବା କବିତାକୁ କେବଳ କବିଟିଏ ହିଁ ପଢ଼ିପାରେ। କବିର ପୁଣି ସାମାଜିକ ପରିଚୟ ଆଉ ସ୍ୱିକୃତି କ'ଣ । ତା' କବିତା ତାକୁ ଆୟୁଷ୍ମାନ କରେ ଆଉ ସାମାଜିକ ପରିଚୟ ଓ ସ୍ୱୀକୃତି ଆଣିଦିଏ । ସବୁ କବିତା ଲେଖୁଥିବା ଲେଖକ କବି ନୁହଁନ୍ତି ବା ସବୁ ଲେଖା କବିତା ନୁହଁନ୍ତି । ତେବେ ହଁ କବିତାରେ କାହାରନା କାହାର ମାନସିକ ପରିବର୍ତ୍ତନ ସମ୍ଭବ । ଗୋଦାବରୀଶଙ୍କ ଉଠ କଙ୍କାଳ / ଛିଡ଼ୁ ଶୃଙ୍ଖଳ / ଜାଗ ଦୁର୍ବଳ.... ଭଳି ଆହ୍ୱାନ ଭରା କବିତା ତାହାଲେ କ'ଣ କବିତାରେ ମାନସିକ ପରିବର୍ତ୍ତନର ଆଭାସ ଦେଇନାହିଁ।

■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଆ ସାହିତ୍ୟକୁ ନେଇ ମୁଁ ଖୁବ୍ ଆଶାବାଦୀ । ପୂର୍ବରୁ କହିଛି ଓଡ଼ିଆ ଭାଷା ସଂଶୟରେ କିନ୍ତୁ ସଂକଟରେ ନୁହେଁ । ଓଡ଼ିଶା ଏକ ଭାଷା ଭିତ୍ତିକ ରାଜ୍ୟ। ଅନେକ ସୁମଧୁର ପ୍ରାନ୍ତୀୟ ଭାଷାର ସମଷ୍ଟି ଏ ଭାଷାକୁ କରିଛି ଋଦ୍ଧିମନ୍ତ । ସେ ବରହମପୁରୀ ହେଉ ଅବା ବାଲେଶ୍ୱରୀ କି ସମ୍ବଲପୁରୀ ହେଉ କି କୋଶଳୀ । ସବୁ ଓଡ଼ିଆ ଭାଷା । ବିଭିନ୍ନତା ଭିତରେ ଏକତା ଆମ ଭାଷାର ଅସ୍ମିତା । ଯେଉଁ ବିଭ୍ରାନ୍ତକାରୀମାନେ ପ୍ରାନ୍ତିୟ ଭାଷା ଆଧାରରେ କୋଶଳ ରାଜ୍ୟ, ପୂର୍ବ ଓଡ଼ିଶା ବା ପଶ୍ଚିମ ଓଡ଼ିଶା ଭଳି ଦୁଷ୍ଟ ମାନସିକତାରେ ଓଡ଼ିଶାକୁ ବିଭାଜନ କରିବାକୁ ଚକ୍ରାନ୍ତ କରୁଛନ୍ତି ସେମାନେ କେବେହେଲେ ଅଖଣ୍ଡ ଉତ୍କଳର ସନ୍ତାନ ନୁହଁନ୍ତି । ପାଞ୍ଚଶହ ଟଙ୍କାରେ ମୁଣ୍ଡ ବିକିନେଇ ବିଧାନସଭା ବା ରାଜ୍ୟସଭାକୁ ଜଣେ ଯୋଗ୍ୟ ପ୍ରାର୍ଥୀଟିଏ ନପଠାଇ, ବିକାଶ ହୋଇନି ବୋଲି କୁମ୍ଭୀର କାନ୍ଦଣା କାନ୍ଦିଲେ କଣ ହେବ । ତୁମ ମୌଳିକ ସମସ୍ୟାର ସମାଧାନର ବା ଉପସ୍ଥାପନର ଶାଣିତ ନହେଲେ ସ୍ୱର ବିଧାନସଭା ବା ପାର୍ଲିଆମେଣ୍ଟରେ ନ ପହଞ୍ଚିଲେ କି ବିକାଶ ହେବ। ଏଣୁ ସାହିତ୍ୟ ସମାଜକୁ ସଶକ୍ତ କରେ, ସମୃଦ୍ଧ କରେ, ଐକ୍ୟ ପଣରେ ଆବଦ୍ଧ କରେ ।

ଏଣୁ ସାହିତ୍ୟ ସାଧାରଣ ଜନତାର ସ୍ୱର ହେଉ, ଖଟିଖିଆ ଦିନ ମଜୁରିଆର କଥା କହୁ । ପାଠକଟିଏ ଯେତେବେଳେ ନିଜେ ଭୋଗୁଥିବା ଦୁଃଖ ଦୈନ୍ୟ ଯନ୍ତଣାକୁ କବିତା ଭିତରୁ ଅବଲୋକନ କରିବ ସେତେବେଳେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ । ଓଡ଼ିଆର ସୃଷ୍ଟି ସବୁ ଅନ୍ୟ ଭାଷାରେ ଅନୁଦିତ ହେଉ ଏବଂ ଅନ୍ୟ ଭାଷାର ଗଳ୍ପ, କବିତା, ପ୍ରବନ୍ଧ ଆମ ଭାଷାକୁ ଅନୁଦିତ ହୋଇ ଆମ ଭାବନାର ପରିସୀମାକୁ ବୃଦ୍ଧି କଲେ ହିଁ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପରିବ ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ।

■■ ଲେଖକ ଜୀବନର ପୁରସ୍କାର ଗୁରୁତ୍ୱ ବିଶେଷ ବହନ କରେ ନିଶ୍ଚୟ। ପୁରସ୍କାରଟିଏ ପାଇଲେ ଲେଖକ ଆହୁରି ଯତ୍ନବାନ ହୁଏ ତା ସୃଷ୍ଟିକୁ ଋଦ୍ଧିମନ୍ତ କରିବା ପାଇଁ କିନ୍ତୁ ଏଇ ଟେକାଟେକି ବିକାକିଣାର ପୁରସ୍କାରର ମାନେ କିଛି ନ ଥାଏ । ଯୋଗ୍ୟ ସାହିତ୍ୟିକଟିଏ ପୁରସ୍କାର ନ ପାଇଲେ ସାଧାରଣରେ ଭ୍ରୂକୁଞ୍ଚନ ହୁଏ । ସାହିତ୍ୟ ସମାଜକୁ ସଂଗଠିତ କରୁ । ଆମ ଭାଷା, ସଂସ୍କୃତି, ପରମ୍ପରାର ସୁରକ୍ଷା କରୁ । ମୁଁ ଚାହିଁବି ସାହିତ୍ୟିକଟିଏ ପୁରସ୍କାର ପଛରେ ନ ଗୋଡ଼ାଇ ଭଲ ସର୍ଜନାଟିଏ ସୃଷ୍ଟିକୁ ଭେଟି ଦେବାର ସଂକଳ୍ପ ନେଉ । ଚୟନ ପକ୍ରିଆ ଓ ପୁରସ୍କାର ଅର୍ଥରାଶି ଏ ଦୁଇଟି ବର୍ତ୍ତମାନ ପୁରସ୍କାର ଚୟନରେ ସ୍ୱଚ୍ଛତାର ବାଧକ ବୋଲି ମୋର ମନେ ହୁଏ। ଏ ଦିଗରେ ସଂସ୍କାର ଆସିବା ଦରକାର।

ଲେଖିପାର ଯଦି / ଲେଖରେ ଲେଖରେ / ଏମିତି କବିତା ଗୋଟି / ଶତ୍ରୁ ତୁମକୁ ଆଲିଙ୍ଗନ କରୁ / ସୀମା ପାରୁ ଆସୁ ଛୁଟି / ଦେଶ ଚୁକ୍ତିକରୁ କବିତା ବଦଳେ / କବିର କଲମ କିଣୁ / କବିତାରେ ତା'ର ଶତ୍ରୁ ତ ଛାର / ସାରା ବିଶ୍ୱକୁ ଜିଣୁ ।

■ ଅଳ୍ପରେ କବି ବିପିନ ମହାନ୍ତି ...



ପିତା--ବାମନ ଚରଣ ମହାନ୍ତି
ମାତା --କାଞ୍ଚନବାଳା ମହାନ୍ତି
ଜନ୍ମସ୍ଥାନ-ଭିଙ୍ଗାରପୁର ଶାସନ, ବାଲିପାଟଣା, ଖୋର୍ଦ୍ଧା-୭୫୨୧୦୨
ଜନ୍ମ--୨୬ ଏପ୍ରିଲ, ୧୯୬୦
ବର୍ତ୍ତମାନର ଠିକଣା : ୩୩ ଗଡବହାବୀର ବିହାର, ଗ୍ୟାରେଜଛକ, ଭୁବନେଶ୍ୱର-୨

■ ପ୍ରକାଶିତ ପୁସ୍ତକ ■

୧-ହଜାଇଛି ତୁମ ପ୍ରୀତିର ଠିକଣା (୨୦୦୭)
୨- ଦୁଷ୍ଟ ପ୍ରଜାପତି (୨୦୧୦)
୩--ଅଫେରା ଅତୀତ (୨୦୧୧)
୪- ଫୁଲେଇ ଫଗୁଣ (୨୦୧୩)
୫- ଚଗଲା ଚଇତି (୨୦୧୬)
୬- ଫେସବୁକ୍ କବିତା (୨୦୧୬)
୭- ପାପୁଲିଏ ପ୍ରେମ (୨୦୨୦)
୮- କିଛି କଥା କିଛି ବ୍ୟଥା (୨୦୨୨)
୯- ଭିନ୍ନ ସୃଷ୍ଟି: ଦିବ୍ୟ ଦୃଷ୍ଟି (୨୦୨୨)



ପତ୍ନୀ ଓ ନାତିଙ୍କ ସହ କବି ବିପିନ ମହାନ୍ତି...





ସମ୍ବର୍ଦ୍ଧିତ ହେବା ମଧୁର ମୁହୂର୍ତ୍ତ...



ବନଜ ଦେବୀ

ଏକଥା ସତ, କୌଣସି ଲେଖକ ପାଠକକୁ ସାମ୍ନାରେ ରଖି ଲେଖେ ନାହିଁ, ମୁଁ ମଧ । ମୀନା ବଜାର ପୃଷ୍ଠାରୁ ଆଜିଯାଏ । ମୋ ନିଜର ଆନନ୍ଦ ପାଇଁ ହିଁ ଲେଖି ଆସୁଛି । ପାଠକମାନେ ପଢ଼ି ମନେ ଶ୍ରଦ୍ଧା କରିଛନ୍ତି, ଏହି ହିଁ ମୋର ସର୍ବଶ୍ରେଷ୍ଠ ପୁରସ୍କାର ।

ପ୍ରିୟ ପାଠକ-୨୯

# ମୋର ଅଗଣିତ ପାଠକମାନଙ୍କ ନିକଟରେ ମୁଁ କୃତଜ୍ଞ

ପ୍ରିୟ ପାଠକ, ଏହି ପଦଟି ଉଚ୍ଚାରଣ କଲା ମାତ୍ରେ ମନ ଶ୍ରଦ୍ଧାରେ, ଆନ୍ତରିକତାରେ ଭିଜିଯାଏ । ଆଜିଯାଏ ସାହିତ୍ୟରେ ମତେ ବଞ୍ଚେଇ ରଖିଛନ୍ତି ଏଇ ପାଠକମାନେ । ପାଠକୀୟ ଶ୍ରଦ୍ଧା ଏତେ ପାଇଛି ଯେ ମନେ ହୁଏ ମୋର ଆଉ ଏକ ପରିବାର ଅଛି, ପାଠକ ପରିବାର ।

ଏକଥା ସତ, କୌଣସି ଲେଖକ ପାଠକକୁ ସାମ୍ନାରେ ରଖି ଲେଖେ ନାହିଁ, ମୁଁ ମଧ । ମୀନା ବଜାର ପୃଷ୍ଠାରୁ ଆଜିଯାଏ । ମୋ ନିଜର ଆନନ୍ଦ ପାଇଁ ହିଁ ଲେଖି ଆସୁଛି । ପାଠକମାନେ ପଢ଼ି ମତେ ଶ୍ରଦ୍ଧା କରିଛନ୍ତି, ଏହାହିଁ ମୋର ସର୍ବଶ୍ରେଷ୍ଠ ପୁରସ୍କାର । ଏଇ ଯେମିତି ତପନ, ପ୍ରିୟ ପାଠକ କାର୍ଯ୍ୟକ୍ରମ ପାଇଁ ଲେଖା ମାଗିଲାବେଳେ କହିଲେ 'ମୁଁ ଗୋଟେ କାମ କରିବି, ଆପଣଙ୍କୁ ନନେଇ, ତା' ହେଇ ପାରିବ ନାହିଁ ।' ଏଇ ପଦିକ କଥା ମୋ ପାଇଁ କି ବିପୁଳ ପ୍ରାପ୍ତିର ସମ୍ଭାର, ତା' ମୁଁ ହିଁ ଜାଣେ ।

ବହୁ ପାଠକ, ପାଠକରୁ ମୋର ନିକଟ ଆତ୍ମୀୟ ହେଇ ଯାଇଛନ୍ତି, ମୁଁ ସେମାନଙ୍କ କଥା ଲେଖୁନାହିଁ । ବହୁ ପାଠକ ଶ୍ରଦ୍ଧା, ଶୁଭେଚ୍ଛା ଓ ପ୍ରଶଂସା ବି ଜଣାଇଛନ୍ତି, ସେମାନଙ୍କ ପାଖେ ମୁଁ କୃତଜ୍ଞ । ସେମାନଙ୍କ କଥା ମଧ ଲେଖୁନି । ମୁଁ ସବୁବେଳେ ଚାହିଁ ବସିଥାଏ, ପାଠକଟିଏ ମତେ ତୀବ୍ର ସମାଲୋଚନା କରୁ, ମୋର ତୃଟି ମତେ ଦେଖାଇ ଦେଉ, ତା' ହେଲେ ମୁଁ ନିଜକୁ ସୁଧାରି ପାରିବି । ଏମିତି ଯେ ନହେଇଚି ତା' ନୁହେଁ, ମୁଁ ସବୁକଥାକୁ ସ୍ୱାଗତ କରେ, ଫୁଲକୁ କହେ 'ମୋର' କଣ୍ଟାକୁ ମଧ କହେ 'ମୋର' ।

ଆଜି ଯେଉଁ ପାଠକଙ୍କ କଥା ଠିକେ ଠିକେ କହିବି, ସେମାନଙ୍କୁ ମୁଁ ଦେଖିନାହିଁ, ଜାଣିନାହିଁ, ସେମାନେ କିନ୍ତୁ ସ୍ମରଣୀୟ ହୋଇ ଅଛନ୍ତି ।

କେବେ ଦିନେ ଲେଖିଥିଲି କେଉଁ ଗପରେ କି ସାକ୍ଷାତକାରରେ, 'ପିଲାମାନେ ବଡ଼ ହୋଇଗଲେ ମା' ମାନେ ନିଃସ୍ୱ ହୋଇଯାନ୍ତି । ଏହା ପଢ଼ି ବରଗଡ଼ର ଓମ୍ ପ୍ରକାଶ ନାମରେ ତରୁଣଟିଏ 'ମା' ବୋଲି ସମ୍ବୋଧନ କରି ଦୀର୍ଘ ଚିଠି ଲେଖିଥିଲେ ଯେ 'ଆପଣଙ୍କର ଏଇ ଧାଡ଼ିଟି ମତେ ବଡ଼ କଷ୍ଟ ଦେଲା । ଆପଣ ଯେତେବେଳେ ମତେ ଡାକିବେ, ଏ ପୁଅ ନିଶ୍ଚେ ଆପଣଙ୍କ ପାଖେ ପହଞ୍ଚିଯିବ ।

ଓମ୍ ପ୍ରକାଶର ଏଇ ଚିଠିଟି ମତେ ଅଭିଭୂତ କଲା । ତା' ସହ ଯୋଗାଯୋଗ କରିବାକୁ ଡାକ ଠିକଣା କି ଫୋନ୍ ନମ୍ବର, ସେ ଚିଠିରେ ସେ ଦେଇ ନଥିଲେ । ସେ ଚିଠିଟିକୁ ମୁଁ ଯତ୍ନରେ ସାଇତି ରଖିଛି ।

ସେମିତି ଭଦ୍ରକର 'କ୍ଷିତିଶ' ନାମର ପିଲାଟିଏ ଲେଖିଥିଲେ 'ମୁଁ ଦୁଇଥର ବି.ଏ ଫେଲ ହେଲା ପରେ ମାନସିକ ସ୍ତରରେ ପୁରା ଭାଂଗି ପଡ଼ିଥିଲି, ଆଉ ପରୀକ୍ଷା ଦେବି ନାହିଁ ବୋଲି ନିଷ୍ପତ୍ତି ନେଇଥିଲି ।

**ଲେଖକ ସବୁବେଳେ ପାଠକର ମତାମତକୁ ସମ୍ମାନ ଦେଇଥାଏ । ଦେବା ମଧ ଉଚିତ । ଈଶ୍ୱରଙ୍କ ପାଇଁ ଯେମିତି ଏକ ମଣିଷ ସମାଜର ଆବଶ୍ୟକତା ଅଛି, ସେମିତି ଲେଖକ ପାଇଁ ପାଠକର ଆବଶ୍ୟକତା ଅପରିହାର୍ଯ୍ୟ ।**
**ତେବେ ଲେଖକ କଦାପି ଈଶ୍ୱର ନୁହଁ ।**

ଆପଣଙ୍କର 'ରାସ୍ତା ବାକି ଅଛି ଆହୁରି' ଲେଖାଟି ପଢ଼ି, ମୁଁ ଖୁବ୍ ଉଦ୍ଦୀପିତ ହେଲି, ପରୀକ୍ଷା ଦେଲି ଓ ପାଶ୍ କଲି; ଆପଣଙ୍କୁ ଧନ୍ୟବାଦ ।

ଗପ ପାଇଁ ମୁଁ ଗାଳି ମଧ ଖୁବ୍ ଖାଇଛି । ମୁଁ ସହୃଦୟତାର ସହ ତାହା ଗ୍ରହଣ କରିଚି । ଯଥାର୍ଥ ମନେ ହେଲେ ନିଜକୁ ସଜାଡ଼ିଛି ।

ନିମାପଡ଼ାର ଜଣେ ପାଠିକା ମୋର ଗପ 'ଆବିଷ୍କାର' ପଢ଼ି ତୀବ୍ର ବିରକ୍ତି ପ୍ରକାଶ କଲେ, ମୁଁ ଜାଣିଲି, ସେ ଗପଟି ବୁଝି ପାରି ନାହାନ୍ତି ।

ଦି' ବର୍ଷ ତଳେ କଥାରେ ପ୍ରକାଶିତ ମୋର ଗଳ୍ପ 'ତିନିଗାର' ପଢ଼ି ଯେଉଁ ମିଶ୍ର ପ୍ରତିକ୍ରିୟା ପାଠକମାନଙ୍କଠାରୁ ମିଳିଥିଲା ତାହା ଉଦ୍ଧାର କରୁଚି ।

ସେ ଗପଟି ପଢ଼ି ଦିନେ ଜଣେ ଭଦ୍ରଲୋକ ଫୋନ୍ କରି କହିଲେ 'ମୁଁ ତିରିଶ ବର୍ଷର ବିବାହିତ ଜୀବନ କାଟି ସାରିଲିଣି, କିନ୍ତୁ ଆଜିଯାଏ ମୋ ସ୍ତ୍ରୀକୁ ବୁଝି ପାରିନାହିଁ ।

ଏ କଥା ଆପଣଙ୍କର ଗପ ଚେତେଇ ଦେଲା, ମୋ ଆଖି ଖୋଲି ଦେଲା ।'

ତାଙ୍କ କଥା ଶୁଣି ମୋ ମନ ଭରିଗଲା ।

ସାହିତ୍ୟ ଫାଟ ଯୋଡ଼ିପାରେ କି ନାଁ ମୁଁ ଜାଣିନି, କିନ୍ତ ଫାଟ ଯୋଡ଼ିବାର ଉପାଦାନଟିଏ ହୁଏତ କେଉଁଠି କେଉଁଠି ରହିଥାଏ, ଲେଖକର ଅଜାଣତରେ ।

ସେଇ 'ତିନିଗାର' ଗପ ପଢ଼ି ଆଉ ଜଣେ ପାଠକ ଫୋନ କରି ମତେ କହିଲେ 'ଆପଣ ଏଇ ବାର୍ତ୍ତା ସମାଜକୁ ଦେଉଛନ୍ତି? ଘର ଭାଂଗିଯିବାର ବାର୍ତ୍ତା !

ମୁଁ ତାଙ୍କୁ ପଚାରିଲି 'ଆପଣ ବିବାହିତ?

ସେ କହିଲେ, ହଁ, ବର୍ଷେ ହେଲା ମୋର ବିବାହ ହେଇଛି । ମୁଁ ଧନ୍ୟବାଦ କହି ଫୋନ୍ ରଖିଲି, ବୁଝିଲି ଏଇ ପାଠକ, ଗଳ୍ପର 'ନିର୍ଯ୍ୟାସ'କୁ ଗ୍ରହଣ କରି ପାରି ନାହାନ୍ତି ।

ଲେଖକ ସବୁବେଳେ ପାଠକର ମତାମତକୁ ସମ୍ମାନ ଦେଇଥାଏ । ଦେବା ମଧ ଉଚିତ । ଈଶ୍ୱରଙ୍କ ପାଇଁ ଯେମିତି ଏକ ମଣିଷ ସମାଜର ଆବଶ୍ୟକତା ଅଛି, ସେମିତି ଲେଖକ ପାଇଁ ପାଠକର ଆବଶ୍ୟକତା ଅପରିହାର୍ଯ୍ୟ ।

ତେବେ ଲେଖକ କଦାପି ଈଶ୍ୱର ନୁହଁ ।

ମୋର ଅଗଣିତ ପାଠକମାନଙ୍କ ନିକଟରେ ମୁଁ ଚିର କୃତଜ୍ଞ ।



ପ୍ରିୟ ପାଠିକ

ଆଲୋଚନା

# 'ଶେଷ ବସନ୍ତର ଅଶ୍ରୁ': କଥାଶିଳ୍ପୀ ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)ଙ୍କ ଏକ ସମୟ ଉପଯୋଗୀ ଶିକ୍ଷଣୀୟ ଗଳ୍ପଗୁଚ୍ଛ...



ଡ. କାଳୀପଦ ପଣ୍ଡା

ଗାଳ୍ପିକା ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)ଙ୍କ ପ୍ରଥମ ଗଳ୍ପଗୁଚ୍ଛ 'ଶେଷ ବସନ୍ତର ଅଶ୍ରୁ' ପାଠକରି ମୁଗ୍ଧହେଲି। ୪୦ଗୋଟି କ୍ଷୁଦ୍ରଗଳ୍ପର ସମାହାରରେ ସଂକଳିତ ଏହି ସଂକଳନଟି ଆମ ସମାଜ ଓ ପାରିବାରିକ ଜୀବନର ବାସ୍ତବ ଘଟଣାବଳୀ ଆଧାରରେ ସରଳ ସୁବୋଧ୍ୟ ଭାଷାରେ ରଚିତ। ବର୍ତ୍ତମାନ ସମୟ ସଂକଟକାଳରେ ବଡ଼ଗଳ୍ପକୁ ପଢ଼ିବା ପାଇଁ ଆଉ ପାଠକ ରୁଚି ରଖୁ ନାହାନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ପାଠକ ମନଛୁଆଁ କାହାଣୀ ପଢ଼ିବାକୁ ଚାହୁଁଛନ୍ତି। ଏ ବେଳରେ ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ) ସମୟର ଆହ୍ୱାନକୁ ଅନୁଭବ କରି ୪ପୃଷ୍ଠାରୁ ୬ ପୃଷ୍ଠା କଳେବର ମଧ୍ୟରେ ଗଳ୍ପଗୁଡ଼ିକୁ ରଚନା କରିଛନ୍ତି। ଅନେକ କାହାଣୀ ପଢ଼ିଲାବେଳେ ପାଠକ ଅଶ୍ରୁସିକ୍ତ ହେବେ। ବିଶେଷଭାବେ ପ୍ରେମର ମଧୁରତା ଓ ଦାମ୍ପତ୍ୟର ସୁଖଦିନ ଗୁଡ଼ିକ ସନ୍ଦେହ ଓ ଅବିଶ୍ୱାସର କୁହୁଡ଼ି ମଧ୍ୟରେ କିଭଳି ଭାଙ୍ଗି ଚୁରମାର ହୋଇଯାଉଛି ତା'ର ଜୀବନ୍ତଚିତ୍ର ଏଥିରୁ ପରିହୃଷ୍ଟ ହେବ। ପ୍ରେମ ଯେ ଦେହ-ଦହନର ବହୁ ଉର୍ଦ୍ଧ୍ୱରେ, ତାହା ଶୁଦ୍ଧ ବିଚାର, ସମର୍ପଣ ଓ ତ୍ୟାଗଭଳି ମହାମନ୍ତ୍ରରେ ମହିମାନ୍ୱିତ, ଏହି ଚିରଶାଶ୍ୱତ ବାର୍ତ୍ତାକୁ ଗାଳ୍ପିକା ପାଠକଙ୍କୁ ଜଣାଉବାକୁ ଚାହିଁଛନ୍ତି। ପ୍ରତିଟି ଗଳ୍ପ ଏକ ଏକ ସ୍ୱତନ୍ତ୍ର ଘଟଣାପ୍ରବାହରେ ଋଦ୍ଧିମନ୍ତ।

କଞ୍ଚାହାତରେ ସ୍ପର୍ଶରେ ବି ଅନେକ ଗୁଡ଼ିଏ କାହାଣୀ ଖୁବ୍ ପ୍ରଭାବଶାଳୀ ହୋଇପାରିଛି। ସବୁଗଳ୍ପକୁ ଆଲୋଚନା ନ କରି ବିନ୍ଦୁ ମଧ୍ୟରେ ସିନ୍ଧୁ ଦର୍ଶନ ଭଳି ଅଳ୍ପ କେତୋଟି ଗଳ୍ପର ସମ୍ୟକ୍ ସୂଚନା ଦେଉଛି।

'ସ୍ୱପ୍ନ ସମ୍ମୋହିନୀ' ଗଳ୍ପରେ କିଶୋରାବସ୍ଥାରେ ନାୟକ ଆଦିତ୍ୟଙ୍କର ମାମୁଁଘର ଗାଁରେ ପ୍ରଥମ ସାକ୍ଷାତ ହୋଇଥିବା ନୀଳନୟନୀ ନାମ୍ନୀ କିଶୋରୀ ଜଣଙ୍କ ସହ ଯେଉଁ ବଉଳକୋଳି ଖିଆରୁ ଆଖିରେ ଆଖିରେ ଭାବ ଦିଆନିଆ ହୋଇଥିଲା ତାହା ଯେ ଦିନେ ପୂର୍ଣ୍ଣାଙ୍ଗ ପ୍ରେମରୂପି ବୀଜବପନ ହୋଇ ପରିଣତ ବୟସକୁ ଆନମନା କରିବାରେ ସମର୍ଥ ହେଲା, ଏମିତି ଏକ ମନଛୁଆଁ କାହାଣୀରେ ଗଳ୍ପଟି ପାଠକଙ୍କୁ ମୋହାବିଷ୍ଟ କରିବାରେ ସାମର୍ଥ୍ୟ ବହନ କରେ। ଖୁବ୍ ସଫଳ ଏ ପ୍ରେମ ଗଳ୍ପଟି।

'ମୂର୍ଚ୍ଛିତ ମୋହ' ଏ ଗଳ୍ପଟି ମଧ୍ୟ ଏକ ପ୍ରେମଗଳ୍ପ। ତେବେ ଏହାର ପରିଣତି ଦେହଭୋହଗରେ ନହୋଇ ହୃଦୟଗତ ମିଳନରେ ପରିଣତ ହୋଇଛି । ଗଳ୍ପନାୟକ ଓ ଗଳ୍ପନାୟିକା କେହି କାହାକୁ ଶାରୀରିକ ସ୍ତରରେ କେବେ ପାଇପାରି ନାହାନ୍ତି । କେବଳ ମନ ଓ ହୃଦୟସ୍ତରରେ ରହିଯାଇଛନ୍ତି ନିଜ ନିଜର କର୍ତ୍ତବ୍ୟ ପାଳନ ମଧ୍ୟରେ । ଯେମିତି ଚନ୍ଦ୍ର ଓ କୁମୁଦିନୀ ଯେତେ ଦୂରେ ଥିଲେ ବି ପ୍ରୀତି ଅଭେଦ୍ୟ ତାଙ୍କର, ସେହିଭଳି ଏ ଗଳ୍ପରେ ଘଟିଛି। ଜୀବନ-ମୁକ୍ତିପଥର ସନ୍ଧାନୀ ନାୟିକା, ନାୟକକୁ କିଛି ଅମର ପ୍ରେମବାର୍ତ୍ତା ଜଣାଇ ବିଭୁ ପ୍ରେମପିଆସୀ ହେବାକୁ ନିବେଦନ କରିଛି। ଏହା ଏକ ଚିରାଚରିତ ପ୍ରେମକାହାଣୀରୁ କିଛି ଭିନ୍ନତା ପ୍ରମାଣିତ କରିଛି।

ପଶୁର ବିଶ୍ୱସ୍ତପଣକୁ ନେଇ ରଚିତ ଗଳ୍ପ 'ଫେରିଆ ଧନ ଫେରିଆ' ଖୁବ୍ ମନଛୁଆଁ ଓ ହୃଦୟସ୍ପର୍ଶୀ। ଆମେ ଗୃହପାଳିତ ପଶୁଙ୍କୁ ନିଜଘରର ସଦସ୍ୟ ରୂପେ ଗ୍ରହଣକରି ଯେଉଁ ସ୍ନେହ ଶ୍ରଦ୍ଧା ଓ ସେବା ଦେଉ ତାର ପ୍ରତିଦାନରେ ସେମାନେ ଯେ ଏତେ ତ୍ୟାଗକରି ନିଜକୁ ନିଃଶେଷ କରିଦେଇପାରନ୍ତି, ସେହିଭଳି ଏକ ହୃଦୟବିଦାରକ କାହାଣୀରେ ଗଳ୍ପଟି ଶେଷ ହୋଇଛି ।

'ଚୋରା ଚଇତାଳି' ଗଳ୍ପଟି ଏକ ଶାଶ୍ୱତ ପ୍ରେମକାହାଣୀ । ପ୍ରେମ ତ୍ୟାଗରେ ପରିପୂର୍ଣ୍ଣ, ପ୍ରାପ୍ତିଠାରୁ ଅପ୍ରାପ୍ତିର ଦହନଜ୍ୱାଳା ଜର୍ଜରିତ ଜୀବନଯାତ୍ରାରେ ବି ପ୍ରେମର ପରାକାଷ୍ଠା ପ୍ରମାଣିତ, ଏମିତି ଏକ ପ୍ରାଣସ୍ପର୍ଶୀ ତ୍ୟାଗମୟ କାହାଣୀ ଭିତରେ ପାଠକ ଅଶ୍ରୁସିକ୍ତ ହେବେ। ପ୍ରେମ ଦେହ-ଦାହର ବହୁ ଉର୍ଦ୍ଧ୍ୱରେ, ଏହାହିଁ ଗଳ୍ପର ଭାବ-ଭୂମିରେ ବର୍ଣ୍ଣିତ ।

'ଆରମ୍ଭରୁ ଇତି' ଗଳ୍ପରେ ପ୍ରେମକାହାଣୀ ବର୍ଣ୍ଣିତ । ବିଶ୍ୱସ୍ତ ଦାମ୍ପତ୍ୟ ଜୀବନରେ ପ୍ରତାରଣା ଭରିଛି। ସ୍ତ୍ରୀର ତ୍ୟାଗ ଓ ଭଲପାଇବାକୁ ପଛରେ ପକାଇ ସ୍ୱାମୀଜଣକ ଛଳନାର ଇନ୍ଦ୍ରଜାଲରେ ଛନ୍ଦିଦେଇ କିଭଳି ମିଥ୍ୟାର ସାହାରା ନେଇ ପରକୀୟାପ୍ରୀତିରେ ଜନ୍ମଜନ୍ମାନ୍ତରର ଭାରତୀୟ ସଂସ୍କୃତି ଆଧାରରେ ସ୍ୱାମୀ-ସ୍ତ୍ରୀ ସଂପର୍କରେ କଳଙ୍କ ଲଗାଇ ଲଜ୍ଜାଜନକ ପଥରେ ପଥିକ ହୋଇ ସ୍ତ୍ରୀ ରତ୍ନକୁ ଅବହେଳା ପ୍ରଦର୍ଶନ କରିଛି ତାର ଜ୍ୱଳନ୍ତ ନମୁନା ପାଠକ ଏଇ କାହାଣୀ ଭିତରୁ ପାଇପାରିବେ।

'ମୌନ ମଲ୍ଲାର' ଗଳ୍ପରେ ନିରବତା ଯେ କେତେକେତେ ସମସ୍ୟାର ସମାଧାନ କରିଦିଏ, ସହିବାର ଗୁଣରେ ଘର ସଂସାର ଗଢ଼ିହୁଏ, ଜଣେ ରାଗି ହେଲେ ଆଉଜଣେ ଶାନ୍ତ ସୁଧାର ହୋଇଗଲେ ପରିସ୍ଥିତି ବଦଳିଯାଏ, ଏମିତି ସବୁ ସୁଗୁଣର ଅବତାରଣା ଏଥିରେ ଦେଖିବାକୁ ମିଳିବ। ଏହାଦ୍ୱାରା ଜୀବନଯାତ୍ରା ମଧୁମୟ ଖାଲି ହୁଏନି ବରଂ ସ୍ଥାୟୀତ୍ୱ ଲାଭକରେ। ଏହିଭଳି ବିଷୟବସ୍ତୁକୁ ଆଧାର କରି ଗଳ୍ପଟି ସଫଳ ହୋଇଛି। ଜଣଙ୍କର ଢ଼ଙ୍ଗଢ଼ାଙ୍ଗକୁ ଲକ୍ଷ୍ୟକରି ଆଉଜଣେ ନିଜକୁ ବଦଳାଇ ନେଲେ ହିଁ ଜୀବନଯାତ୍ରା ଶାନ୍ତି ଓ ସୁଖମୟ ହୋଇଥାଏ, ନଚେତ୍ ଦୁର୍ଦ୍ଦଶାରେ ପରିପୂର୍ଣ୍ଣ ହୁଏ, ଏମିତି ଏକ ଶିକ୍ଷଣୀୟ ବାର୍ତ୍ତା ଭିତରେ କାହାଣୀଟି ପାଠକଙ୍କ ଚେତନାକୁ ଆପ୍ଳୁତ କରିବ।

'ଋତୁ ବଦଳିଛି' ଗଳ୍ପରେ କନ୍ୟା ସନ୍ତାନ ପ୍ରତି ହୀନମନ୍ୟତାର କରୁଣ ପରିଣତିକୁ ଗାଳ୍ପିକା ପାଠକଙ୍କୁ ଜଣାଇବାକୁ ଚାହିଁଛନ୍ତି। ଯେଉଁଥିରେ ଯାହାକୁ ଆଡ଼େଇଦେଇ ପୁତ୍ର ସନ୍ତାନକୁ ନେଇ ନିଜେ ମା-ସୁଖର ସଂସାର ଗଢ଼ିବାକୁ ଚାହିଁଥିଲା, ପରିଣତିରେ ସେ ରାସ୍ତାକଡ଼ର ଯାତ୍ରୀ ହୋଇଛି, ଏମିତି ଏକ ଲୋମଟାଙ୍କୁରା କାହାଣୀରେ ଗଳ୍ପଟି ଋଦ୍ଧିମନ୍ତ ହୋଇଛି। ଖୁବ୍ ଶିକ୍ଷଣୀୟ ହୋଇଛି ଗଳ୍ପଟି।

'ସେ ହିଁ ରକ୍ଷାକର୍ତ୍ତା' ଏହି ଗଳ୍ପଟି ଆଧ୍ୟାତ୍ମିକ ଚିନ୍ତା-ଚେତନାରେ ପରିପୁଷ୍ଟ। ମହାଭାରତର ଅନ୍ୟତମ ମୁଖ୍ୟ ଚରିତ୍ର ଦ୍ରୌପଦୀ ପୁତ୍ରବଧୂ ଉତ୍ତରାଙ୍କୁ ନିଜ ଜୀବନର ଅସହାୟତା ସମୟରେ କିଭଳି ବୀରଯୋଦ୍ଧା ପଞ୍ଚସ୍ୱାମୀ ବି ନିରୁପାୟ ଥିଲେ ତାଙ୍କୁ ସହାୟତା ଦେବାରେ ତାର ଅବତାରଣା କରି ମହାପ୍ରଭୁ ଶ୍ରୀକୃଷ୍ଣ ହିଁ ଏକମାତ୍ର ରକ୍ଷାକର୍ତ୍ତା ବୋଲି ବୁଝାଇଛନ୍ତି। ସେ ହିଁ ସଭିଙ୍କର ରକ୍ଷାକର୍ତ୍ତା, ତାଙ୍କ ପ୍ରତି ହୃଦୟରେ ପୂର୍ଣ୍ଣ ସମର୍ପଣ ଭାବ ଆସିଲେ ସକଳ ସମସ୍ୟାର ସମାଧାନ ସମ୍ଭବ ବୋଲି ସେ ଉତ୍ତାରାଙ୍କୁ କହିଛନ୍ତି। ଏହା ଏକ ବିଭୁଚେତନାଧର୍ମୀ ଆଧ୍ୟାତ୍ମିକ ଭାବନା ପରିପୁଷ୍ଟ ପୌରାଣିକ କାହାଣୀ।

'ଯାହାପାଇଁ ଯିଏ' ଆଉ ଏକ ସଫଳ ପ୍ରେମଗଳ୍ପ। ଦାମ୍ପତ୍ୟର ମଧୁରତା, ସ୍ୱାମୀ-ସ୍ତ୍ରୀର ବିଶ୍ୱସ୍ତ ଦାମ୍ପତ୍ୟ ଜୀବନ ଯେ ବିଶ୍ୱାସରେ ହିଁ ସଫଳତା ଲାଭକରେ, ପୁଣି କେହି ଅନ୍ୟଜଣଙ୍କୁ ଝୁରି ବଞ୍ଚିଥାଏ, ଏହାହିଁ ତ ଭାରତୀୟ ସଂସ୍କୃତିର ମହାନ୍ ପାରିବାରିକ ବନ୍ଧନର ମୂଳଉତ୍ସ, ଏହି ଗୂଢ଼ ମନ୍ତ୍ରକୁ ପାଠକଙ୍କୁ ଜଣାଇବାକୁ ଚାହିଁଛନ୍ତି ଏହି କାହାଣୀ ଭିତରେ ଗାଳ୍ପିକା ଜ୍ୟୋତ୍ସ୍ନା ମିଶ୍ର।

'ରୁଧିର ଭିଜା ଚିଠି' ଗଳ୍ପଟି ଜଣେ ସୀମାନ୍ତ ଯବାନ ଓ ତାଙ୍କ ନବବିବାହିତା ସ୍ତ୍ରୀଙ୍କ ଅକଳନ ଭଲପାଇବାର ଦସ୍ତାବିଜରେ ପରିପୂର୍ଣ୍ଣ। ତେବେ ନାୟକ ଯବାନ ଜଣକ ଶତ୍ରୁପକ୍ଷ ସହ ଲଢ଼ି ଦେଶପାଇଁ ବଳିଦାନ ଦେଇ ଯେଉଁ ତ୍ୟାଗ ପ୍ରଦର୍ଶନ କଲେ, ସେ ବୀରତ୍ୱର ଗାଥା ସବୁ ଦେଶରକ୍ଷକ ଯବାନ ସ୍ତ୍ରୀଙ୍କ ପାଇଁ ଖୁବ୍ ପ୍ରେରଣାଦାୟୀ। ଯୁଦ୍ଧ ସମୟରେ ସ୍ତ୍ରୀଙ୍କର ପ୍ରେରିତ ଜଉମୁଦା ଚିଠିଟିକୁ ଖୋଲି ପଢ଼ିବାକୁ ସମୟ ଅଣ୍ଟି ନଥିଲା ଯବାନ ଜଣକୁ, ଜଉମୁଦା ଚିଠିଟିକୁ ପକେଟରେ ଧରି ଉଚ୍ଚଗିରିଶୃଙ୍ଗରେ ଲଢ଼େଇ କରିବା ଭିତରେ ରୁଧିରଭିଜା ଚିଠିଖଣ୍ଡକ ଯେ ପତି ପତ୍ନୀର ପ୍ରଣୟଗାଥାକୁ ଜୀବନ୍ତ କରିଛି, ଏହାକୁ ପାଠକଙ୍କ ସମ୍ମୁଖରେ ଗାଳ୍ପିକା ଖୁବ୍ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପିତ କରିଛନ୍ତି।

'ହାୟ ମୋ ହୃଦୟ' ଏହି ଗଳ୍ପଟି କନ୍ୟାଭ୍ରୁଣ ହତ୍ୟାଭଳି ଜଘନ୍ୟ ଅପରାଧରୁ ନିବୃତ୍ତ ହେବାର ଏକ ସଚେତନତାଧର୍ମୀ କାହାଣୀରେ ଋଦ୍ଧିମନ୍ତ। ଆଜି ବି ଅନେକ ଉଚ୍ଚଶିକ୍ଷିତ ପରିବାର କନ୍ୟା ସନ୍ତାନର ଜନ୍ମଗ୍ରହଣକୁ ନକାରାତ୍ମକ ମାନସିକତାରେ ଦେଖୁଛନ୍ତି। ସେମାନେ ଭୁଲିଯାଆନ୍ତି ଯେ ସେମାନଙ୍କୁ ଜଣେ କନ୍ୟା ଦିନେ ମାଆ ହୋଇ ଏ ଧରଣୀବକ୍ଷକୁ ଆଣିଛନ୍ତି। ଈଶ୍ୱରଙ୍କ ସୃଷ୍ଟିର ଏଇ ଦୁଇ ବିପରୀତଲିଙ୍ଗି ନାରୀ ପୁରୁଷ ହିଁ ସୃଷ୍ଟି ସର୍ଜନାର ମୂଳାଧାର। ଉଭୟଙ୍କ ସଂଯୋଗରେ ହିଁ ସୃଷ୍ଟିର ଧାରା ପ୍ରବାହିତ। ଉଭୟ ସମାନଭାବେ ଏ ଦୁନିଆରେ ସଂସାର ସଂରଚନାର ଭାଗୀଦାର। ଏଣୁ ପୁଅ ହେଉ କି ଝିଅ, ସଭିଙ୍କର ଜନ୍ମକୁ ଯେକୌଣସି ପିତାମାତା ସକାରାତ୍ମକ ମାନସିକତାରେ ଗ୍ରହଣ କରିବା ଉଚିତ୍। ଆଜିର ଦୁନିଆରେ ଝିଅ ଅଧିକ ପ୍ରତିଭାଦୀପ୍ତ ଓ କର୍ତ୍ତବ୍ୟନିଷ୍ଠ। ପୁଅଠାରୁ ଝିଅ ଅଧିକ ଦାୟିତ୍ୱ ନେଉଛି ପରିବାର ଓ ଦେଶ ଜାତିର। ଏଣୁ ପୁଅ ଝିଅର ଫରକ ଦେଖିବା ହୀନମନ୍ୟତା।






'ମଙ୍ଗଳାକାଂକ୍ଷିଣୀ ସଦା କଲ୍ୟାଣୀ' ଗଳ୍ପଟି ଏକ ସଫଳ ପ୍ରେମକାହାଣୀ। ଦେହ ଦହନର ବହୁ ଉର୍ଦ୍ଧ୍ୱରେ ପ୍ରେମର ପାରାକାଷ୍ଠା, ଏଥିରେ ଥାଏ ଯନ୍ତ୍ରଣା, ଅବସୋସ, ପ୍ରତୀକ୍ଷା ଏବଂ ଦୂରତା, କିନ୍ତୁ ଆତ୍ମିକ ସ୍ତରରେ ଥାଏ ତାହାର ପରାକାଷ୍ଠା।

'ହସ ହୁଏ ଯେବେ ଫଗୁଣ ଫଗୁଣ' ଏହି ଗଳ୍ପଟି ଫକୀରମୋହନ ସେନାପତିଙ୍କ ଡାକମୁନ୍‌ସି ଗଳ୍ପକୁ ମନେପକାଇଦେବାକୁ ସମର୍ଥ। ସମଗ୍ର ଜୀବନ ପୁଅକୁ ଉଚ୍ଚଶିକ୍ଷା ଓ ସଂସ୍କାର ଦେଇ ଗଢ଼ିବାକୁ ବାପା ମା'ଙ୍କର ଯେଉଁ ତ୍ୟାଗ ତାର ପରିଣତି ଆଜିର ଏଇ ଜଗତୀକରଣ ଯୁଗରେ ଦିନକୁ ଦିନ କିଭଳି ପରାହତ ହେଉଛି ତାହା ଏଇ କାହାଣୀ ମଧ୍ୟରୁ ଦେଖିବାକୁ ମିଳିବ। ବାପା ମା' ଅବହେଳାର ଶିକାର ହେଉଥିଲାବେଳେ ଏମିତି କିଛିଜଣ ପୁଅ ବି ଅଛନ୍ତି, ସେମାନେ ସେଇ ବାପା ମା'ଙ୍କ ମୁହଁରେ ହସଫୁଟାଇବାକୁ ଯତ୍ନବାନ ହୁଅନ୍ତି। ଏଭଳିକି ଗୁରୁ ତଥା ଗୁରୁପତ୍ନୀଙ୍କୁ ସମ୍ମାନ ଓ ଭକ୍ତିପ୍ରଦର୍ଶନ କରିବାକୁ ଆଗେଇ ଆସନ୍ତି, ଯାହା ଉପମନ୍ୟୁ, ଏକଲବ୍ୟଠୁଁ ବଳି ମହାନ୍ ଆଦର୍ଶ ପ୍ରତିଷ୍ଠା କରିପାରନ୍ତି। ତାହାହିଁ ଏ କାହାଣୀରେ କଥୟିତ୍ରୀ ଦର୍ଶାଇଛନ୍ତି। ଅର୍ଥରୋଜଗାରର ସହ ପତ୍ନୀ ଏବଂ ସନ୍ତାନସୁଖ ପାଇଁ ଗର୍ଭଧାରିଣୀ ମାତା ଓ ଜନ୍ମଦାତା ପିତାଙ୍କୁ ଯେ କିଭଳି ଚରମ ଅବହେଳା ପ୍ରଦର୍ଶନ କରିବାକୁ ଆଜିର ଆଧୁନିକ ଚାକଚକ୍ୟରେ ମସ୍‌ଗୁଲ ପୁଅମାନେ ତିଳେ ଦ୍ୱିଧା କରୁନାହାନ୍ତି, ସେହିଭଳି ଏକ କାହାଣୀକୁ ଜୀବନ୍ତଭାବେ ଗାଳ୍ପିକା ତୋଳି ଧରିଛନ୍ତି।

'ମୋକ୍ଷଦାନ' ଗଳ୍ପ ଜୀବନଧର୍ମୀ। ଏଥିରେ ଜୀବନପଥର ବାସ୍ତବଚିତ୍ର ରୂପାୟିତ। ନାରୀ ସବୁକାଳେ ଧରିତ୍ରୀ ଭଳି ସର୍ବଂସହା। ସେ ଯେ କ୍ଷମାର ସାଗର, ଦୟାର ପାରାବାର, ସହନଶୀଳତାର ହିମାଳୟ। ସେ ସକଳ କଷ୍ଟଯନ୍ତ୍ରଣା ସହ ଯେତେ ଲାଞ୍ଛନା ପାଇଥିଲେ ବି କ୍ଷମାଗୁଣରେ ସଦା ମହୀୟାନ୍। କ୍ଷମା ତାର ଭୂଷଣ, ଏଣୁ ତ ସେ କ୍ଷମାମୟୀ। ଏହି କାହାଣୀରେ ଅନ୍ୟାୟ ବିରୁଦ୍ଧରେ ଲଢ଼ି ଅନ୍ୟକୁ ନ୍ୟାୟ ଦେବାକୁ ଯାଇ ଚକ୍ରାନ୍ତକାରୀ ସାହୁକାର ଦ୍ୱାରା ମିଥ୍ୟା କଳଙ୍କର ବୋଝ ମୁଣ୍ଡାଇ ସ୍ୱାମୀର ଦୂରଦୃଷ୍ଟି ନଥିବାରୁ ମଦ୍ୟପ ସ୍ୱାମୀଠାରୁ ପ୍ରତାରିତା ହୋଇ ନିଶ୍ଚିତ ମୃତ୍ୟୁରୁ ବଞ୍ଚିଯାଇ ପରିଶେଷରେ ଯେଉଁ ମହାନ୍ କାର୍ଯ୍ୟ କରି ଅନ୍ୟମାନଙ୍କଠାରେ ଗଳ୍ପନାୟିକା ଜଣକ ଉଦାହରଣ ହୋଇଛନ୍ତି, ସେହି ମହାନକାର୍ଯ୍ୟ ପରିସରରେ ସେଦିନ ଯେଉଁ ପତି ପରମେଶ୍ୱର ଜଣକ ତାଙ୍କ ସ୍ତ୍ରୀଙ୍କୁ ମୃତ୍ୟୁଗହ୍ୱରରେ ଠେଲିଦେଇ ଖୁସି ହୋଇଥିଲେ, ସେଇ ଯେ ପୁଣି ତାଙ୍କର ତ୍ରାଣକର୍ତ୍ତା ହେବ, ତାହା ନାରୀଧର୍ମର ସବୁଠାରୁ ମହତ୍ତର ଦିଗକୁ ପ୍ରତିପାଦିତ କରିଛି। ଗଳ୍ପଟି ହୃଦୟରେ ଗଭୀର ଭାବେବେଗ ସୃଷ୍ଟି କରିବାରେ ସଫଳ।

'ଝର ନିର୍ଝର' ଗଳ୍ପ ସଂକଳନଟି ଏକ ବିୟୋଗାନ୍ତକ ଘଟଣାକୁ ନେଇ ରଚିତ। ଏହାକୁ ପଢ଼ିଲେ ପାଠକଙ୍କୁ ଲୋତକାପ୍ଳୁତ ହେବାକୁ ପଡ଼ିବ। ଗଳ୍ପନାୟକ ଅଧ୍ୟାପକ ସତୀଶ, ନାୟିକା ନୃତ୍ୟଶିଳ୍ପୀ ନନ୍ଦିତା ସହ ପରିଚୟ ପରଠାରୁ ତାର ପ୍ରେମବନ୍ଧନରେ ବାନ୍ଧି ହୋଇଥିଲେ। ହେଲେ ନିୟତିର ଇଚ୍ଛାଶକ୍ତି ଭିନ୍ନ କିଛି ଥିଲା। ଦିନେ ନନ୍ଦିତା ବାଲିଆପାଳ ପଟୁ ଭୋଗରାଇ ଯିବାକୁ ଭରାନଈରେ ନୌକାରେ ପାରି ହେଉଥିଲାବେଳେ, ଏପଟକୂଳରେ ଛାଡ଼ିବାକୁ ଆସି ଛିଡା ହୋଇଥିବା ନାୟକ ସତୀଶ୍ ଆରପଟ କୂଳରେ ନୌକାରୁ ନନ୍ଦିତା ଓହ୍ଲାଇବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲା, ହେଲେ ସେହିଦିନ କାଳ ଏମିତି ଘୋଟି ଆସିଲା ଯେ, ମଝିନଈରେ ଭରାନୌକା ବୁଡ଼ିଗଲା, ସେ ଭିତରେ ନନ୍ଦିତାର ସମାଧି ଘଟିଲା। ସେହିଦିନଠୁଁ ଅଧ୍ୟାପକ ସତୀଶ୍ ନଈକୂଳର ଏକ ବରଗଛ ମୂଳେ ବସି ରହିଛନ୍ତି ମୂକ ପ୍ରାୟ ନନ୍ଦିତାକୁ ଅନାଇ। କେବେ ସେ ନଦୀଗର୍ଭରୁ ବାହାରି ଆସିବ? ସେଥିପାଇଁ ଗାଇ ଚାଲିଛନ୍ତି - "ନଦୀର ନାମ ଆଳସୀ କନ୍ୟା... / ପ୍ରିୟାର ନାମ ତନ୍ଦ୍ରା"ଇତ୍ୟାଦି...। ବଡ଼ ବେଦନାଦାୟକ ଏ ପ୍ରେମକାହାଣୀ। କିନ୍ତୁ ପ୍ରେମ ଯେ ଶାଶ୍ୱତ ଏବଂ ଥରେ ମନମନ୍ଦିରରେ କାହାକୁ ବସାଇଲେ ତା ପାଇଁ ପ୍ରତୀକ୍ଷା ହିଁ ପ୍ରେମର ପ୍ରକୃତ ଆରାଧନା, ସେଇ ବାର୍ତ୍ତା ଏଥିରୁ ପାଠକ ପାଇବେ।

'ମନ ରହିଗଲା ତୁମରି ଠାରେ' ଶୀର୍ଷକର କାହାଣୀରେ ଅଙ୍ଗଦାନ ଯେ ସବୁଠୁଁ ମହତ୍ ଦାନ ଏବଂ ଅନ୍ୟଜଣଙ୍କର ଜୀବନରକ୍ଷା ହୁଏ, ସେଇ ବାର୍ତ୍ତା ବହନକରି ଖୁବ୍ ସୁଖପାଠ୍ୟ ହୋଇଛି କାହାଣୀଟି। ଏହା ଏକ ସମୟ ଉପଯୋଗୀ ସଚେତନତାଧର୍ମୀ ଶିକ୍ଷଣୀୟ କାହାଣୀ।

ଶୀର୍ଷକ ଗଳ୍ପ 'ଶେଷ ବସନ୍ତର ଅଶ୍ରୁ' ବିୟୋଗାନ୍ତକ ପରିଣତିରେ ଶେଷ ହୋଇଛି। ନାୟକ ଗ୍ରେଗ୍ ଓ ନାୟିକା ଆନୀ, ଦୁହେଁ ଦୁଇ ପଡ଼ୋଶୀ ରାଜ୍ୟର। ଚାନ୍ଦିପୁର ବେଳାଭୂମିରେ ମଧ୍ୟରାତ୍ରୀରେ ବେଳାଭୂମି ସୌନ୍ଦର୍ଯ୍ୟ ଉପଭୋଗ ବେଳେ ଗାୟକ ଗାଉଥିବା ସଂଗୀତ ମୂର୍ଚ୍ଛନାରୁ ଆକର୍ଷିତା ହୋଇ ନାୟିକା ଆନୀ ନିଜ କୋଠରିରୁ ଉଠିଆସେ ଗ୍ରେଗ୍ ପାଖକୁ। ସେହିଦିନର କ୍ଷଣିକ ଘନିଷ୍ଠତା କ୍ରମଶଃ ବଢ଼ି ବଢ଼ି ତାହା ପରିଣୟରେ ପରିଣତ ହେବାକୁ ଯାଉଥିଲାବେଳେ ବଦ୍ରିନାଥ ଧାମରେ ହିଁ ଏହି ସଂପର୍କ ଆନୁଷ୍ଠାନିକ ସ୍ୱୀକୃତିଲାଭ କରିବା ଉଚିତ ବୋଲି ଦୁହେଁ ନିଷ୍ପତ୍ତି ନେଇ ସଠାରେ ପହଞ୍ଚିବାର ସଂକଳ୍ପ କରିଥିଲେ। କିନ୍ତୁ ନିଷ୍ଠୁର ନିୟତି ବା ମୃତ୍ୟୁରୂପି ମହାକାଳ ଉଭୟଙ୍କର ସେହି ସ୍ଥାନରେ ମିଳନ ପୂର୍ବରୁ ଏହାକୁ ସଫଳ କରାଇ ଦେଇନଥିଲା। ଏକ ଆକସ୍ମିକ ଦୁର୍ଘଟଣା ଘଟିଗଲା। ନାୟିକା ଆନୀ କାର୍‌ଯୋଗେ ବଦ୍ରିଧାମକୁ ଆସୁଥିଲାବେଳେ ଆକସ୍ମିକ ଭୂସ୍ଖଳନର ଶିକାର ହୋଇ ମେଡ଼ିକାଲ୍‌ରେ ମୃତ୍ୟୁ ସହ ସଂଗ୍ରାମ କରୁଥିଲା ବେଳେ ନାୟକ ଗ୍ରେଗ୍ କିନ୍ତୁ ସେଇ ନିଷ୍ପତ୍ତିକୁ କାର୍ଯ୍ୟକାରୀକରି ଡ଼ାକ୍ତରଖାନା ବେଡ଼ରେ ନାୟିକା ଆନୀର ସିନ୍ଥିରେ ସିନ୍ଦୂର ଲଗାଇ ନିଜର ପ୍ରେମର ପରିଣତିକୁ ମନ୍ୱନ୍ତର ଯାଏଁ ପ୍ରଲମ୍ବିତ ବୋଲି ପ୍ରମାଣିତ କରିଥିଲା। ହେଲେ କିଛି କ୍ଷଣରେ ଆନୀର ଆଖି ଚିରଦିନ ପାଇଁ ବନ୍ଦ ହୋଇଯାଇଥିଲା, ତାର ମୁହଁକୁ ଡ଼ାକ୍ତର ଧୋବଫରଫର କପଡ଼ାରେ ଘୋଡ଼ାଇ ଦେଇଥିଲେ। ଗଳ୍ପଟି ଅନ୍ତର୍ଜାତିକ ଖ୍ୟାତି ସଂପନ୍ନ ମନୋଜ ଦାସଙ୍କ 'ଶେଷ ବସନ୍ତର ଚିଠି'କୁ ଏଠାରେ ମନେପକାଇ ଦେବ।

ଗାଳ୍ପିକା ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ) ସାଧନାମଗ୍ନ ହୋଇ ଲେଖନୀ ଚାଳନା ଆବ୍ୟାହତ ରଖିଲେ ଅନେକ ସଫଳଗଳ୍ପ ରଚନାରେ ସଫଳତା ଅର୍ଜନ କରି ସୁଖ୍ୟାତି ପାଇପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ। ତାଙ୍କ ଲେଖକୀୟ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

ପୂର୍ବତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ନିଳିଆବାଗ, ବାଲେଶ୍ୱର

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୧ ସେପ୍ଟେମ୍ବର ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର

### ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୩୮)

### ଅଶାନ୍ତ କେମ୍ପାସ୍

ଗୁଜବ ପ୍ରଚାରିତ ହେବାରେ ଲାଗିଲା...କଲେଜର ତତ୍କାଳୀନ ପରିଚାଳନା ସମିତି ଓ ପ୍ର.ଚିତ୍ତରଞ୍ଜନ ସାହୁ କଲେଜକୁ ଧାନସିମୁଳିଆରୁ (ସୁଗୋ) ଜଳେଶ୍ୱରକୁ ଉଠାଇନେବାକୁ ଚକ୍ରାନ୍ତକରି ଜଳେଶ୍ୱର ଠାରେ+୨ବିଜ୍ଞାନ ଶ୍ରେଣୀ ପାଇଁ ଜମି କ୍ରୟ ଓ ଦାନ ସୂତ୍ରରେ ସଂଗ୍ରହ କରିଛନ୍ତି। ଏଭଳି ପଦକ୍ଷେପକୁ ବିରୋଧ କରିବାପାଇଁ ଜଳେଶ୍ୱରରୁ ଯାଉଥିବା ଅଧ୍ୟାପକ ଓ ଛାତ୍ରମାନଙ୍କୁ କଲେଜକୁ ଯିବାରେ ବାଧା ଦିଆଗଲା । ଜଳେଶ୍ୱରରେ ରହୁଥିବା ଜଣେ ନବନିଯୁକ୍ତ ଅଧ୍ୟାପକ କଲେଜକୁ ବସ୍ ରେ ଯାଉଥିବା ସମୟରେ କାଶିଡିହା ଗ୍ରାମ ସନ୍ନିକଟରେ ବସକୁ ଅଟକାଇ କେତେକ ଅସାମାଜିକ ଲୋକ ତାଙ୍କୁ ବସରୁ ଘୋଷାରି ଆଣି ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ସହିତ କଲେଜକୁ ଯିବାକୁ ଦେଲେନି । ଏ ଖବର ପ୍ରଚାରିତ ହେବାମାତ୍ରେ ଜଳେଶ୍ରରେ ମଧ୍ୟ ଉତ୍ତେଜନା ପ୍ରକାଶପାଇଲା। ବିଭିନ୍ନ କାର୍ଯ୍ୟ ଉପଲକ୍ଷେ ଜଳେଶ୍ୱର ଆସିଥିବା ସୁଗୋ ଅଞ୍ଚଳର କତିପୟ ସାଧାରଣ ଲୋକ ଓ କଲେଜ ଛାତ୍ରଙ୍କୁ ଜଳେଶ୍ୱରରେ ଅଟକ ରଖିଲେ କେତେକ ଅସାମାଜିକ ବ୍ୟକ୍ତି । ପୋଲିସ ହସ୍ତକ୍ଷେପ ପରେ ଅବସ୍ଥା ସ୍ୱାଭାବିକ ହେଲା । ସେହିପରି,ଦିନେ ମୁଁ ଶିକ୍ଷାଦାନ କରୁଥିବା ସମୟରେ ହଠାତ୍ ବାହାରେ ଜୋରରେ ପାଟିତୁଣ୍ଡ ଶୁଭିଲା । ବାହାରକୁ ଆସି ଦେଖିଲିଯେ ଦୁଇଦଳ ଛାତ୍ରଙ୍କ ମଧ୍ୟରେ କଳିଗୋଳ ମାରପିଟ ଲାଗିଛି । ଅଧ୍ୟାପକ ଓ କର୍ମଚାରୀମାନଙ୍କ ହସ୍ତକ୍ଷେପ ପରେ ଗଣ୍ଡଗୋଳ ଥମିଲା। କେମ୍ପସରେ ଛାତ୍ରମାନଙ୍କ ମଧ୍ୟରେ ଗୋଳମାଳ, ଅଧ୍ୟାପକ ମାନଙ୍କର ମାପିଚୁପି କଥାବାର୍ତ୍ତା ଏବଂ ପରସ୍ପରକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଏକ ସାଧାରଣ ଘଟଣାରେ ପରିଣତ ହେଲା। ମୋର ହୃଦ୍ ବୋଧ ହେଲାଯେ କେତେକ ବରିଷ୍ଠ ଅଧ୍ୟାପକ ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ ଗୋଳମାଳରେ ପକ୍ଷଭୁକ୍ତ ହୋଇସାରିଥିବାରୁ ବୋଧହୁଏ ତାହାକୁ ବନ୍ଦ କରାଯାଇପାରିବନି।

ସତକୁସତ, ପରିଣାମ ସେଇ ଦିଗରେ ଦ୍ରୁତଗତିରେ ଅଗ୍ରସର ହେଲା । ପରିଚାଳନା ସମିତି ପ୍ର.ସାହୁଙ୍କୁ ଅଧ୍ୟକ୍ଷ ନିଯୁକ୍ତକଲା । ଅନ୍ୟ ଏକ ସମାନ୍ତରାଳ ପରିଚାଳନା ସମିତି ଗଠିତ ହେଲା ଓ ସେ ପ୍ର.ସାହୁଙ୍କୁ ଅଧ୍ୟକ୍ଷ ନିଯୁକ୍ତିକୁ ଅବୈଧ ଘୋଷଣାକଲା। ଅପର ପକ୍ଷରେ କେତେକେ ତାଙ୍କୁ କଲେଜକୁ ଯିବାକୁ ଦେଲେନାହିଁ। କଲେଜ ନଯିବାଯୋଗୁଁ ତାଙ୍କ ଦରମା ବନ୍ଦହେଲା। ସେତେବେଳେ ସମାନ୍ତରାଳ ଭାବରେ ଦୁଇଜଣ ଅଧ୍ୟକ୍ଷ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳୁଥିଲା। ବାଧହୋଇ ପ୍ର.ସାହୁ ଏ କଲେଜରୁ ସେଇ୧୯୭୩ ମସିହାରେ ଯାଇ ପାରାଦ୍ୱୀପ କଲେଜରେ ଯୋଗଦେଲେ। ଏ ଅଧ୍ୟାୟର ଏଇଠି ପରିସମାପ୍ତି ଘଟିଲାନି, ଭୟଙ୍କର ରୂପ ଧାରଣ କରି କଲେଜର ପ୍ରଭୂତ କ୍ଷତି ସାଧନ କଲା। ଆଧ୍ୟାପକ ଓ ଛାତ୍ରଛାତ୍ରୀମାନେ ମାନସିକ ନିର୍ଯ୍ୟାତନା ଭୋଗିବା ସହିତ ନିଜ ନିଜକୁ ଅସୁରକ୍ଷିତ ମନେକଲେ ।

ପ୍ର.ସାହୁ ପୁଣି ସେଠାରୁ ଯାଇ ସହକାରୀ ପରୀକ୍ଷା ନିୟନ୍ତ୍ରକ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ। ପରେ ଓଡିଶା ମାଧ୍ୟମିକ ଶିକ୍ଷାପରିଷଦ, କଟକରେ ପରୀକ୍ଷା ନିୟନ୍ତ୍ରକ ଭାବରେ କାର୍ଯ୍ୟକଲେ।

ହାଇକୋର୍ଟରେ ପ୍ର.ଡ.ଭଞ୍ଜ କରିଥିବା ମୋକଦ୍ଦମାରେ ପରାଜିତ ହେବାରୁ ପ୍ର.ସାହୁ ୧୯୮୧ରେ ପୁନର୍ବାର ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦରେ ଆସୀନ ହେଲେ । ପ୍ର.ଡ.ଭଞ୍ଜ ଏହାପରେ ସୀମାନ୍ତ ମହାବିଦ୍ୟାଳୟ,ମୟୂରଭଞ୍ଜରେ ଅଧ୍ୟକ୍ଷ ଭାବରେ ଯୋଗଦେଲେ ।

ଏହାର ଅଳ୍ପଦିନପରେ ପ୍ର.ସାହୁ ମଧ୍ୟ ଡେପୁଟେସନରେ ଯାଇ ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପଦରେ ଯୋଗଦେଲେ ।



ଦୀନକୃଷ୍ଣ ମହାବିଦ୍ୟାଳୟର ପ୍ରଥମ ପରିଚାଳନା ସମିତି ନିଜର ଅଦୂରଦର୍ଶିତା ଯୋଗୁଁ ପ୍ର.ସାହୁ ବା ପ୍ର.ଡ.ଭଞ୍ଜଙ୍କୁ ସ୍ଥାୟୀ ଅଧ୍ୟକ୍ଷ ପଦରେ ନିଯୁକ୍ତି ନଦେଇ କଳହର ଯେଉଁ ବିଷ-ବୀଜ ବପନ କରିଥିଲେ ,ସେଥିରୁ ବିଷ ବୃକ୍ଷ ଜନ୍ମନେଲା ଓ କଲେଜର ବିପୁଳ କ୍ଷତି ହେଲା ଓ ଅନୁଷ୍ଠାନ ଦୁଇ ଅଭିଜ୍ଞ ପ୍ରଫେସରଙ୍କୁ ହରାଇଲା। ପୁନଶ୍ଚ,ଏହି ଗୋଳମାଳ ସମୟରେ ଇଉ.ଜି.ସି.ରୁ ଭିତ୍ତିଭୂମିର ବିକାଶ ପାଇଁ ଆସିଥିବା କେତେଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନପାରି ଫେରିଗଲା ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ଚେତନାର ଦର୍ପଣ - ୩୯

# ସକାରାତ୍ମକ ଶକ୍ତି

## ♥ ଲଳିତ ମୋହନ ମିଶ୍ର



ସଂସାରରେ ସମସ୍ତ କାର୍ଯ୍ୟ ଶକ୍ତି ଦ୍ୱାରା ଫଳପ୍ରଦ ହୋଇଥାଏ । ତେବେ ଏହି ଶକ୍ତି ଉଭୟ ସକାରାତ୍ମକ ଓ ନକାରାତ୍ମକ ରୂପରେ ଥାଏ । ଯାହାର ମାନଦଣ୍ଡ ଫଳାଫଳର ଉତ୍କର୍ଷତା ଉପରେ ନିର୍ଭର କରେ । ଯଦି ଶକ୍ତି ସମସ୍ତଙ୍କ କଲ୍ୟାଣ କାମନା କରିବା ସହିତ ବ୍ୟକ୍ତିକୁ ମାନସିକ ଶାନ୍ତି ଅନୁଭବ କରାଇଥାଏ, ତେବେ ଏଭଳି ଶକ୍ତିକୁ ସକାରାତ୍ମକ ବୋଲି ବିବେଚନା କରାଯାଏ । ଯାହାର ଫଳାଫଳ ଆନନ୍ଦଦାୟକ। ଅପରପକ୍ଷରେ ଯଦି ଏହି ଶକ୍ତି ବିଧ୍ୱଂସ ବା ବିନାଶ ଉପରେ ନିର୍ଭର କରେ, ତେବେ ଏହି ଶକ୍ତିର ମାତ୍ରା ଅଧିକ ହେବା ଦ୍ୱାରା ନକାରାତ୍ମକ। ହର୍ଷ , ଉଲ୍ଲାସ ଓ ଆନନ୍ଦ ଶକ୍ତିର ପ୍ରବାହ ଏତେ ମାତ୍ରାରେ ଯେ ଏହା କେବଳ ବ୍ୟକ୍ତିକୁ ନୁହେଁ, ସମଗ୍ର ପରିବେଶକୁ ସକାରାତ୍ମକ ଭାବରେ ପ୍ରଭାବିତ କରେ । ଅପରପକ୍ଷରେ କ୍ରୋଧରେ ପ୍ରଚୁର ଶକ୍ତି ଥାଏ, କିନ୍ତୁ ଏହି ଶକ୍ତି ଏତେ ନକାରାତ୍ମକ ଯେ ଏହା ଆମକୁ ବିବେକହୀନତା କରିଦିଏ । ଶକ୍ତିର ରୂପ ସର୍ବଦା ଫଳାଫଳ ଉପରେ ନିର୍ଭର କରେ ନାହିଁ, କିନ୍ତୁ ସେହି ଫଳାଫଳ ପ୍ରତି ଆମର ଅଭିବୃତ୍ତି.... ଆମ ଭିତରେ ଥିବା ଶକ୍ତିର ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ମନୁଷ୍ୟ ନିଜ ଭିତରେ ଥିବା ନକାରାତ୍ମକ ଭାବନାକୁ ନଷ୍ଟ କରି ସକାରାତ୍ମକ ଭାବନା ଗ୍ରହଣ କରିବା ଦରକାର । ନିଜ ଭିତରେ ଥିବା ଅହଂକାର, ଦ୍ୱେଷ ଓ ପ୍ରତିଶୋଧ ଭାବନାକୁ ନଷ୍ଟ କରି... ନିଜ ଜୀବନରେ ଶାନ୍ତି ପ୍ରାପ୍ତ କରିବା ଆବଶ୍ୟକ । ଅହଂକାରର ବିନାଶ କେବଳ ସହଜ ଓ ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ବାଟ ପ୍ରଶସ୍ତ କରେ ନାହିଁ, ବରଂ ଏହି ମାର୍ଗ ଅନ୍ୟ ଲୋକଙ୍କ ପାଇଁ ପ୍ରେରଣାର ସ୍ରୋତ ହୁଏ । ସେହିଭଳି ଜଣେ ବ୍ୟକ୍ତି ଅସଦାଚରଣର ଶିକାର ହେଲେ, ତା ମନରେ ପ୍ରତିଶୋଧର ଭାବନା ଜାଗ୍ରତ ହୋଇଥାଏ। ଏପରି କରିବା ମନୁଷ୍ୟର ସ୍ୱାଭାବିକ ପ୍ରବୃତ୍ତି । ଯଦି ଏହି କର୍ମ ଭାଗ୍ୟକୁ ହସ୍ତାନ୍ତର କରେ, ତେବେ ମନୁଷ୍ୟ ନିଜକୁ ଆଭ୍ୟନ୍ତରୀଣ ଜ୍ୟୋତିରୁ ରକ୍ଷା କରି ପ୍ରତିକ୍ରିୟା ପରିଣାମର ଭୟାବହତାରୁ ଏକ ଶକ୍ତି ପାଇଥାଏ । ଏହି ଶକ୍ତି ସକାରାତ୍ମକ ଶକ୍ତି... ଏହି ଶକ୍ତି ସଂରକ୍ଷଣର ପରିଣାମ....

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

## ପଢ଼ିଲା ପରେ...

# ଅନୁପ ଦଳବେହେରାଙ୍କ ତିନି ପାଦ ଭୂମି






ଏକଦା ଦିଲ୍ଲୀର ନିର୍ଭୟା ବଳାତ୍କାର ଆଉ ହତ୍ୟା ଘଟଣା ସମଗ୍ର ସଭ୍ୟ ସମାଜର ମୁହଁ ତଳକୁ କରି ଦେଇଥିଲା। ଆଶା କରାଯାଉଥିଲା ଏମିତି ଦୁର୍ଘଟଣାର ପୁନରାବୃତ୍ତି ହେବ ନାହିଁ। ମାତ୍ର ସଭ୍ୟ ବୋଲାଉଥିବା ମଣିଷ ଦିନକୁ ଦିନ ଅସଭ୍ୟ ଆଉ ନିର୍ଲଜ ପାଲଟି ଯାଇଛି। କିଛି ଦିନ ତଳେ ମଣିପୁରରେ ଘଟିଥିବା ଘଟଣା ଆଉ ଏବେ କୋଲକାତାରେ ମୌମିତା ଦେବନାଥ କେଶ ଏହାର ବଳିଷ୍ଠ ପ୍ରଣାମ। ମଣିଷ ଭିତରେ ଥିବା ପଶୁତ୍ୱ ଚରମ ସୀମାରେ ପହଂଚି ଯାଇଛି। ସେଥିପାଇଁ ମମିତା ମେହେର ହେଉ, ମୌମିତା ଦେବନାଥ ହେଉ ବା ‘ତିନି ପାଦ ଭୂମି’ ର କଳ୍ପନା ହେଉ ନିରୀହ ଝିଅଟିଏ ସଦାବେଳେ ବଳି ଚଢ଼ୁଛି ନଂପୁସକମାନଙ୍କର ନିକୃଷ୍ଟ କାମନାର ଶିକାର ହୋଇ । ଆମର ତଥାକଥିତ ସଭ୍ୟ ସମାଜ କିଛି ଦିନ କେବଳ କ୍ୟାଣ୍ଡେଲ୍ ଶୋଭାଯାତ୍ରା, ନିରବ ପ୍ରତିବାଦ କରି ଦାୟିତ୍ୱ ସାରି ଦେଉଛି।

. ଏମିତି ଏକ ସମ୍ବେଦନଶୀଳ ପୃଷ୍ଠଭୂମି ଉପରେ ଗଢ଼ି ଉଠିଛି ନବ ପ୍ରଜନ୍ମର ସ୍ରଷ୍ଟା ଅନୁପ କୁମାର ଦଳ ବେହେରାଙ୍କ ପ୍ରଥମ ଉପନ୍ୟାସ ‘ତିନି ପାଦ ଭୂମି।‘ ପ୍ରକାଶକ ଭାର ସମ୍ଭାଳିଛନ୍ତି ଭୁବନେଶ୍ୱରରେ ଅନ୍ୱେଷଣ ଚାରିଟେବଲ ଟ୍ରଷ୍ଟ ପରିଚାଳିତ ବାଗ୍ମୀ ପବ୍ଲିକେଶନ।

ଉପନ୍ୟାସର ମୁଖ୍ୟ ଚରିତ୍ର ଦେବାଂଶୁ ଯିଏ କି ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ଗଣଦୁଷ୍କର୍ମର ଶିକାର ହୋଇଥିବା ଗୋଟିଏ ମଧ୍ୟବିତ୍ତ ପରିବାରର ଝିଅକୁ ନ୍ୟାୟ ଦେବାକୁ ବଦ୍ଧପରିକର। ସାମ୍ପ୍ରତିକ ସମାଜରେ ଦେବାଂଶୁ ଏକ ବିସ୍ମୟ ଆଉ ବିରଳ ଚରିତ୍ର ଯିଏ ଆଧ୍ୟାତ୍ମିକ ଜୀବନ ଜିଉଥାଏ ଆଉ ଆଦର୍ଶକୁ ଫମ୍ପା ନଭାବି ଜୀବନର ପ୍ରତିଟି କ୍ଷେତ୍ରରେ ଗୁରୁତ୍ୱ ଦେଉଥାଏ।ଉଚ୍ଚ ଶିକ୍ଷିତ ଦେବାଂଶୁ ମନରେ ଆକାଶକୁ ଛୁଇଁବା ପରି ସେମିତି କିଛି ସ୍ୱପ୍ନ ନଥାଏ। କେବଳ ଅଧ୍ୟାପକଟିଏ ହୋଇ ବଞ୍ଚିବାରେ ତା’ର ଆନନ୍ଦ।

ଦିନେ ଶିକ୍ଷାଦାନ ସାରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ କାହାର ଆର୍ତ୍ତ ଚିତ୍କାର ତା ହୃଦୟ ତନ୍ତ୍ରୀ ଥରାଇ ଦେଇଥିଲା। ରାସ୍ତାଟି ନିଜଞ୍ଜନ ଆଉ ଜଙ୍ଗଲିଆ। ସେ ନିର୍ଦ୍ଦିଷ୍ଟ ଦିଗରେ ଅଗ୍ରସ ହେବା ବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇ ସାରିଥିଲେ ପଡିରହିଥିଲା କିଛି ବ୍ୟବହୃତ ପାଉଚ ପାଣି ପ୍ୟାକେଟ, ପ୍ଲାଷ୍ଟିକ୍ ଗ୍ଲାସ୍, ଭଙ୍ଗା ମଦ ବୋତଲ ଆଉ ମୃତ୍ୟୁ ସହ ଶେଷ ଲଢ଼େଇ କରୁଥିବା ଗୋଟିଏ ନିରୀହ ଝିଅର ନିସ୍ତେଜ ଉଲଗ ଶରୀର। ପୋଲିସ ଖବର ପାଇ ଆସିଛି ସତ ମାତ୍ର ତାକୁ ଦୁର୍ଘଟଣା କହି ଚାପି ଦେଉଛି। ତା ପରେ ତାକୁ ନ୍ୟାୟ ଦେବାକୁ ଆଗଭର ହୋଇଛି ଏ ସବୁର ସାକ୍ଷୀ ଦେବାଂଶୁ ପୋଲିସ, ବିଧାୟକ, ଓକିଲ ସବୁଠୁଁ ନିରାଶ ହୋଇ ସେ ଭାଙ୍ଗି ଯାଇନି।

ଶେଷରେ ଝିଅଟିର ରୁମ୍ ମେଟ୍ ସୁରଭି ସାକ୍ଷୀରେ ଝିଅଟି ନ୍ୟାୟ ପାଇଛି ସତ ହେଲେ ପରବର୍ତ୍ତୀ ସମୟରେ ସୁରଭି ତାଙ୍କ ଆକ୍ରୋଶର ଶିକାର ହୋଇ ପ୍ରାଣ ହରେଇଛି। ଶେଷକୁ ହିଂସ୍ର ହୋଇ ଉଠିଛି ଦେବାଂଶୁ। ପାପୀଙ୍କ ବିନାଶ ପାଇଁ ପଙ୍କିଳ ରାଜନୀତିକୁ ଲମ୍ଫ ପ୍ରଦାନ କରିଛି। ଶେଷକୁ ବିଧାୟକ ହୋଇ କ୍ଷମତା ବଳୟ ଭିତରେ ରହି ସେଇ କଳୁଷିତ ତିନୋଟି କ୍ଷମତାକେନ୍ଦ୍ର ନେତା, ପୋଲିସ ଆଉ ଓକିଲକୁ ମୃତ୍ୟଦଣ୍ଡ ଦେଇଛି।

ଏଥିରେ ମୁଖ୍ୟ ଚରିତ୍ର ଦେବାଂଶୁ ବ୍ୟତୀତ ତା ବୋଉ, ଗାର୍ଲ ଫ୍ରେଣ୍ଡ ସୁଶ୍ରୀ,ପୀଡିତା କଳ୍ପନା, ତା ସାଙ୍ଗ ସୁରଭି, କଳ୍ପନା ର ବାପା, ବୋଉ, ଓକିଲ ଶ୍ୟାମ, ତାଙ୍କ ଝିଅ, ବିଧାୟକ, ପୋଲିସ ପରି ଅନେକ ଗୁଡ଼ିଏ ଚରିତ୍ର ରହିଛି।

ବର୍ଣ୍ଣନାରେ କେତେକ ସ୍ଥାନରେ ନାଟକୀୟତା ବାରି ହୋଇ ପଡୁଛି। ମୋଟାମୋଟି ଭାବରେ କହିବାକୁ ଗଲେ ଅସତ୍ୟର ରେରେକାର ଆଉ ଜୟଗାନ ଭିତରେ ଭାଙ୍ଗି ପଡିନି ନାୟକ ଜଣକ ବରଂ ତା’ର କ୍ରୋଧ ବିସ୍ଫୋରଣ ରୂପ ନେଇଛି ଆଉ ଅସତ୍ୟର ବିନାଶ ହୋଇଛି। ଓଡ଼ିଆ ସାହିତ୍ୟରେ ଉପନ୍ୟାସ ହ୍ରାସ ପାଉଥିବାର ଅଭିଯୋଗ ଉଠୁଥିବା ବେଳେ ଅନୁପଙ୍କ ଏ ଉପନ୍ୟାସ ଓଡିଆ ପାଠକଙ୍କ ମନରେ ଆଶା ସଂଚାର କରିବ।



ଆଲେଖ୍ୟ : ବିପ୍ଳବ
ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଅଦ୍ୱିତୀୟ ରାଷ୍ଟ୍ର ନାୟକ ଶ୍ରୀକୃଷ୍ଣ

## ଡକ୍ଟର ଲକ୍ଷ୍ମଣ ସାହୁ



‘ଶ୍ରୀ କୃଷ୍ଣ ଗୋବିନ୍ଦ ହରେ ମୂରରେ / ହେ ନାଥ ନାରାୟଣ ବାସୁଦେବ ।‘

ଶ୍ରୀକୃଷ୍ଣ ସୃଷ୍ଟିର କଳା ଓ ସବୁଠାରୁ ଚମତ୍କାର ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ଅବତାର । ନଟୁ , ମାଖନଚୋର - ଗୋପାଳକ, ପ୍ରେମୀ, ଯୋଦ୍ଧା, ସଂଗଠକ, ରକ୍ଷକ, ଶାସକ, ପ୍ରଶାସକ, ରାଜା, ଯୋଗୀ, ଋଷି, ଚିନ୍ତକ, ତ୍ୟାଗ ବ୍ୟସ୍ତ, ବିଚ୍ଛିନ୍ନ । ଏହି ମହାନ ବ୍ୟକ୍ତିଙ୍କୁ ଶବ୍ଦରେ ଧରିବା ଯେତିକି କଷ୍ଟକର, ସମୁଦ୍ରର ତରଙ୍ଗକୁ କାବୁ କରିବା ମଧ୍ୟ ସେତିକି କଷ୍ଟକର । ଏହା ଶ୍ରୀକୃଷ୍ଣଙ୍କ ଚରିତ୍ରର ଏକକତା ଯେ ସେ ମଧ୍ୟ ଏ ପୃଥିବୀରେ ଜନ୍ମ ହୋଇଥିଲେ । ସେ ମୃତ୍ୟୁଞ୍ଜୟୀ ହୋଇଥିଲେ ମଧ୍ୟ ମୃତ୍ୟୁ ପାଇଁ ଆହ୍ୱାନ କରିଛନ୍ତି । ଭାଗବତରେ କୁହାଯାଇଛି - ମହୀ ମଣ୍ଡଳେ ଦେହ ବୋହି / ଦେବତା ହେଲେ ବି ମରଇ ।‘ ଶ୍ରୀକୃଷ୍ଣ ସର୍ବଶକ୍ତିମାନ ସତ୍ତ୍ୱେ ସେ ଏକ କାରାଗାରରେ ଜନ୍ମଗ୍ରହଣ କରନ୍ତି ।

କୃଷ୍ଣ ହିନ୍ଦୁ ଦେବତା ଓ ଭଗବାନ ବିଷ୍ଣୁଙ୍କ ଅବତାର । କୃଷ୍ଣ ଅନ୍ୟ ହିନ୍ଦୁ ଦେବାଦେବୀଙ୍କଠାରୁ ଅଧିକ ଆଦରଣୀୟ ଏବଂ ଲୋକପ୍ରିୟ ଦେବତା ମଧ୍ୟରେ ଅନ୍ୟତମ। ଅବତାର ଅର୍ଥ ଅବତୀର୍ଣ୍ଣ ହେବା,ଭକ୍ତମାନଙ୍କୁ ଦିବ୍ୟାନନ୍ଦ ପ୍ରଦାନ ନିମିତ୍ତ ଓ ଭଗବତ ଧର୍ମ ଠିକ ସ୍ଥାନରେ ଲାଗି ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ । ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ସ୍ୱରୂପରେ ମାତାପିତାଙ୍କୁ ଦର୍ଶନ ଦେଇଥିଲେ । ବାଳକ ରୂପରେ ଲୀଳା ଛଳରେ ଦୈତ୍ୟମାନଙ୍କୁ ସ୍ୱଧାମକୁ ପଠେଇ ପୃଥିବୀର ପାପ ଭାର ଲାଘବ କରିଥିଲେ । ବ୍ରହ୍ମା, ଶଙ୍କର ସନକାଦି ମୂନିଋଷିଙ୍କର ପୂଜ୍ୟ ହୋଇମଧ୍ୟ ସାଧାରଣ ବାଳକ ପରି ଲୀଳା କରୁଥିଲେ ।

ରାଜକୁମାରଙ୍କ ପୁତ୍ର ହୋଇ ଗାଈମାନଙ୍କ ସହିତ ଜଙ୍ଗଲ ମଧ୍ୟରେ ପିଲାଦିନ ବିତାନ୍ତି । ମର୍ଯ୍ୟାଦାବନ୍ତ ପୁରୁଷୋତ୍ତମ ରାମଙ୍କ ନାମକୁ ବହୁତ କମ୍ ଲୋକ ମନେ ପକାନ୍ତି । କିନ୍ତୁ କୃଷ୍ଣଙ୍କର ପିଲାଦିନ ଯୁଗ ପରେ ମଧ୍ୟ ପ୍ରତ୍ୟେକ ଘରର ମଉଡମଣି ଅଟନ୍ତି । ଶ୍ରୀକୃଷ୍ଣଙ୍କର ସବୁକିଛି ଅଛି ଯାହା ମଣିଷ ଭିତରେ ଅଛି ଓ ମଣିଷ ପାଖରେ ଯାହା ନାହିଁ , ତାଙ୍କ ନିକଟରେ ନାହିଁ । ତାଙ୍କର ମୁଖ ନିଃସୃତ ଅମର ଗୀତା ଜ୍ଞାନ ହେତୁ ସେ ଧର୍ମର ପ୍ରଚାର କରିଥିଲେ ଯାହାକି ଲକ୍ଷ ଲକ୍ଷ ବର୍ଷ ପରେ ଏହି କଳିଯୁଗରେ ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ପାଲଟିଥାଏ ।

ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୀଳା କରିଥିଲେ । ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯୋଧନଙ୍କ ନିକଟକୁ ଗମନ କରିଥିଲେ । ଏଠାରେ ପଂରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ । ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀହେଇ ରଥକୁ ସୁଚାରୁ ରୂପେ ଚାଳନା କରିଥିଲେ । ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନାକରିଦେଇଥିଲେ । ଏଠାରେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହେଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ମନେଇବାରେ ସକ୍ଷମ ହେଇଥିଲେ । କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିତାଇଥିବାରୁ ତା’ଙ୍କୁ ବିଚକ୍ଷଣ କୂଟନୀତିଜ୍ଞ ରୂପରେ ମାନ୍ୟତା ଦିଆଯାଏ ।

ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କୁ ନିମିତ୍ତମାତ୍ର କରି ମାନବ ସମାଜକୁ ଯେଉଁ ସାଂଖ୍ୟଯୋଗ, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ଶିକ୍ଷାପ୍ରଦାନ କରିଛନ୍ତି । ତାହାକୁ ପାଥେୟ କରି ବିଷୟାସକ୍ତ ଅଜ୍ଞାନ ଜୀବ ନିଜର ସାଧାରଣ ଜୀବନରେ ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ନିଜକୁ ଉଦ୍ଧାର କରୁଛନ୍ତି । ଏହା ଶ୍ରୀମଦ ଭଗବତ ଗୀତା ନାମରେ ବିଶ୍ୱ ବିଖ୍ୟାତ। ଶ୍ରୀମଦ ଭଗବତ ଗୀତା ବିଶ୍ୱ ସାହିତ୍ୟ ଭଣ୍ଡାରରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି । ଏଥିରେ ରଚିତ ହେଇଥିବା ଭଗବାନ ଶ୍ରୀକୃଷ୍ଣଙ୍କର ମୁଖନିଃସୃତ ବାଣୀ ଦିବ୍ୟ ଓ ସନାତନ ।

ଚୈତନ୍ୟଦେବଙ୍କ ଅଚିନ୍ତ୍ୟ ଭେଦାଭାବ ଦର୍ଶନ ମତରେ - ଶ୍ରୀକୃଷ୍ଣ ହେଉଛନ୍ତି ଅଚ୍ୟୁତ। ଅର୍ଥାତ ଜୀବଜଗତର କାହାଠାରୁ ସେ ବିଚ୍ୟୁତ ନୁହନ୍ତି । ଜୀବ ମଧ୍ୟ ଶ୍ରୀକୃଷ୍ଣଙ୍କ ସେବକ ଭାବରେ ନିତ୍ୟ ଦାସ । ହରି ଶରଣାଗତ ଗୃହୀ ତଥା ଗୃହତ୍ୟାଗୀଙ୍କ ପକ୍ଷରେ ନାମ-ଭକ୍ତି, ଏକ ସମୟରେ ପରିବାର ପୋଷଣ ସହିତ ହରି ଭଜନ କରିବାର ସୁଗମ ପନ୍ଥା । ଜୀବଜନ୍ତୁମାନେ ଆତ୍ମାରାମ ହୋଇ ମଧ୍ୟ ପ୍ରେମୀ ଭକ୍ତ ଭାବରେ ଶ୍ରୀକୃଷ୍ଣଙ୍କର ସେବାର୍ଚ୍ଚନା କରନ୍ତି । ବ୍ରଜାଙ୍ଗନା ମଧ୍ୟ ଭବବନ୍ଧନମୁକ୍ତ ନିତ୍ୟସିଦ୍ଧା ଥିଲେ । ସେମାନଙ୍କର ଜଡୀୟ ଗୁଣମୟ ଦେହଭାବ ଦୂର ହୋଇଥିଲା ଓ ଯୋଗମାୟାଙ୍କଦ୍ୱାରା ସେମାନେ ଲାଭ କରିଥିଲେ ଅପ୍ରାକୃତ ସିଦ୍ଧ ଦେହ । ଶ୍ରୀଚୈତନ୍ୟଙ୍କ ଭାଷାରେ ଅଦ୍ୱୈୟ ଶ୍ରୀଜଗନ୍ନାଥ-ଶ୍ରୀକୃଷ୍ଣ ନୀଳାଚଳରେ ବିଦ୍ୟାମାନ । ତେଣୁ ନୀଳାଚଳ ଧାମ ପୁରୀ ହେଉଛି ମର୍ତ୍ତ୍ୟର ବୈକୁଣ୍ଠ ଧାମ ।

ସତରେ ଜ୍ଞାନ, କର୍ମ ଓ ଭକ୍ତିର ଈଶ୍ୱରୀୟ ଆଲୋକକୁ ବିଶ୍ୱକୁ ଦେଖାଇଥିବା ଏହି ମହାନ ବ୍ୟକ୍ତି ଭାଦ୍ରବ ମାସର ଚତୁର୍ଦ୍ଦଶର ଦୁଃଖର ଅନ୍ଧକାର ମଧ୍ୟରାତ୍ରିରେ କାରାଗାରରେ ଜନ୍ମଗ୍ରହଣ କରିଥିଲେ । ଏହା ଏକ ଚଳଚ୍ଚିତ୍ର କାହାଣୀଠାରୁ କମ୍ ନୁହେଁ । କାରଣ ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ବସୁଦେବ ଓ ଦେବକୀଙ୍କ ପୁଅରୂପେ ଧରାବତରଣ କରିଥିଲେ ଭଗବାନ କୃଷ୍ଣ । କଂସଦ୍ୱାରା ବନ୍ଦୀ ଭଗ୍ନୀ ଦେବକୀଙ୍କ ଗର୍ଭରୁ ବନ୍ଦୀଶାଳାରେ ଅର୍ଧ ରାତ୍ରୀରେ ରୋହିଣୀ ନକ୍ଷତ୍ର- ବୃଷରାଶିର ସଂଯୋଗ ସମୟରେ ଜନ୍ମ ଲାଭ କଲେ ଶ୍ରୀକୃଷ୍ଣ । ସେ ବନ୍ଦିଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି । ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ । ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତ ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ଜନ୍ମ ନେଇଛନ୍ତି । ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ । ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ ।

ତେଣୁ ସେଠାରେ ଜନ୍ମ ନେଇଥିବା କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ଥୋଇଦେଇ ଆସିବାକୁ ପିତାଙ୍କୁ କହିଲେ । ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରାତିରେ ବାହାରିଲେ । ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦୀଶାଳା ଦିବ୍ୟ ଆଲୋକରେ ଆଲୋକିତ ହେଇଗଲା ,ବସୁଦେବଙ୍କ ଗୋଡରୁ ବେଡି ଖୋଲିଗଲା ଓ ବନ୍ଦୀଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା । ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ଗଲେ । ପ୍ରଭୁ ବର୍ଷାରେ ଭିଜି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ନିଜର ବିଶାଳ ଫଣା ଢାଙ୍କି ଚାଲିଲେ । ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦଘରେ ଛାଡିଥିଲେ ବସୁଦେବ ।

ପ୍ରକୃତରେ କୃଷ୍ଣଙ୍କ ଜନ୍ମ ଘଟଣା ପ୍ରଭୁଙ୍କ ଭ୍ରମ ବୋଲି ମନେହୁଏ ଯେ ସେ ଜନ୍ମ ହେବା ମାତ୍ରେ ପିତା ବସୁଦେବଙ୍କୁ ଯମୁନା ପାର କରି ଗୋକୁଳକୁ ନେଇଯିବାକୁ ପଡିଲା । ଯାହାକି ବର୍ଷା ସମୟରେ ପ୍ରବଳ ବର୍ଷା ଦ୍ୱାରା ଯମୁନାର ସ୍ରୋତ ଫୁଲି ଯାଇଥିଲା । ତାଙ୍କ ପୁଅର ଜୀବନ ମାଆ ତା’ର ନବଜାତ ଶିଶୁକୁ ମଧ୍ୟ ରକ୍ଷା କରିପାରିଲା ନାହିଁ । ଯମୁନା ମହାପ୍ରଭୂଙ୍କ ଛୋଟ ପାଦ ଧୋଇବା ପାଇଁ ବସୁଦେବଙ୍କ ମୁଣ୍ଡ ଉପରକୁ ଉଛୁଳି ପଡୁଥିଲେ । ପ୍ରବଳ ବର୍ଷାରୁ ଶିଶୁ କୃଷ୍ଣଙ୍କୁ ରକ୍ଷା କରିବା ପାଇଁ ଶେଶନାଗ ଏକ ଫଣା ଟେକି ବାଟ କଢ଼େଇ ଚାଲିଥିଲେ । ଶ୍ରୀକୃଷ୍ଣଙ୍କ ଜନ୍ମର ଏହି ଅଦ୍ଭୁତ ଧାରା ମାଧ୍ୟମରେ ବୈଦିକ ଚିନ୍ତନ ଧାରା ପ୍ରଭାବିତ ।

ଜନ୍ମ ଓ ମୃତ୍ୟୁର ଦର୍ଶନକୁ ବ୍ୟାଖ୍ୟା କରି ସେ କହିଛନ୍ତି ଯେ ପ୍ରତ୍ୟେକ ଆଲୋକ ତମାସର ଗର୍ଭରୁ ଯେପରି ଅବତରଣ କରେ । ରାତି ପରେ ସୂର୍ଯ୍ୟୋଦୟ, ପୃଥିବୀରେ ଏକ ମଞ୍ଜି ବଢିବା, ସେହିଭଳି ଏକ କାରାଗାରରେ ଲୀଳାପୁରର ଜନ୍ମ ଜୀବନ ଓ ମୃତ୍ୟୁ ବନ୍ଧନର ସୂତ୍ର ଅଟେ । ଜୀବନ ଓ ମୃତ୍ୟୁ ମଧ୍ୟରେ ଜଗତ ରୂପକ କାରାଗାରରେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ କର୍ମ ଅନୁଯାୟୀ ଫଳ ଉପଭୋଗ କରିବାକୁ ପଡିବ । ଜନ୍ମ ସହିତ ଆତ୍ମାର ଶରୀରରେ ପ୍ରବେଶ ହେଉଛି କାରାଗାରରେ ପ୍ରବେଶ, ଯାହା ମୃତ୍ୟୁ ପରେ ହିଁ ବନ୍ଧନରୁ ମୁକ୍ତ ହୋଇଥାଏ ।

ଶ୍ୟାମଳ କୃଷ୍ଣଙ୍କର ଉଜ୍ଜ୍ୱଳ ମନୋବୃତ୍ତି ମାନବିକ ଜୀବନରେ ସଠିକ୍ ରାସ୍ତା ଦେଖାଏ । ସମୟର ଅବତରଣ ଠାରୁ ଆରମ୍ଭ କରି ସର୍ବସାଧାରଣ ଖେଳ ଶେଷ ହେବା ପର୍ଯ୍ୟନ୍ତ ସେ ଏପରି କୌଣସି କାର୍ଯ୍ୟ ମଧ୍ୟ କରିନଥିଲେ । ମାନବିକତାର ପରିତ୍ରାଣ ପାଇଁ ନୁହେଁ, ଯୁଗର ନାୟକ କୃଷ୍ଣ । ‘ଯଦା ଯଦାହୀ ଧର୍ମସ୍ୟ ଗ୍ଳାନି.... ସମ୍ଭମାମୀ ଯୁଗେ ଯୁଗେ ...!! ‘ କୃଷ୍ଣ ସାଧୁ ସନ୍ଥ ସର୍ଜନଙ୍କ ସୁରକ୍ଷା ପାଇଁ ପୃଥିବୀରେ ଅବତାରିତ ହୋଇଥିଲେ । ସେ ସାମଗ୍ରିକ ବିପ୍ଳବର ଖେଳ ଖେଳିଥିଲେ । ବ୍ୟକ୍ତିତ୍ୱ ଓ ଅନନ୍ୟ ଭ୍ରମିତ ସମାଜକୁ ନ୍ୟାୟପୂର୍ଣ୍ଣ ଆଚରଣ ଦ୍ୱାରା ସଠିକ୍ ଦିଗ ଦେଇଥିଲେ । ଶ୍ରୀକୃଷ୍ଣଙ୍କ ଲୀଳା କହିଛି ଯେ କୃଷ୍ଣଙ୍କ ରୂପରେ ଥିବା ଆତ୍ମ-ଉପାଦାନ ଚେତନାରେ ରହିଲେ ହିଁ ବ୍ୟକ୍ତି ଓ ସମାଜ ଭୂତ ଶକ୍ତିଗୁଡ଼ିକୁ ନଷ୍ଟ କରିପାରେ । ଯଦି ସାମାଜିକ , ଆଧ୍ୟାତ୍ମିକ ଓ ରାଜନୈତିକ ଦୃଷ୍ଟିକୋଣକୁ ଦେଖାଯାଏ, ତେବେ ତାହାହିଁ କରିବାକୁ ହେବ ।

ବାସ୍ତବରେ ପୁରାଣ, ଶାସ୍ତ୍ର ଖୋଜିଲେ କୃଷ୍ଣଙ୍କ ପରି ଅନ୍ୟ କୌଣସି ସାମାଜିକ ତ୍ରାଣକର୍ତ୍ତା ଜନ୍ମ ହୋଇ ନାହାଁନ୍ତି । କୃଷ୍ଣଙ୍କ ଜୀବନ ଶିକ୍ଷା ଦେଇଥାଏ ଯେ ଅଡୁଆ ମଧ୍ୟରେ କିପରି ମହାନ ହେବେ । ସେ ପ୍ରଥମେ ଗାଈ କୁ ’ମା’ ମାନ୍ୟତା ଦେଇଥିଲେ । ’ଗୋପାଳ’ ଠିକଣା ତାଙ୍କ ପାଇଁ ଅତ୍ୟନ୍ତ ପ୍ରିୟ ଥିଲା । ସୂକ୍ଷ୍ମ ଦୃଷ୍ଟିରେ ବିଚାର କଲେ କୃଷି ପ୍ରଧାନ ଦେଶରେ ସ୍ୱୟଂ ଭଗବାନ ଭାବେ ପୂଜିତ ବଳରାମ ହଳର ଯତ୍ନ ନେବା ଉଚିତ୍ ମନେ କରିଥିବା ବେଳେ କୃଷ୍ଣ ଗାଈ ମାନଙ୍କର ଯତ୍ନ ନେବା ଉଚିତ୍ ମନେ କରିଥିଲେ । ଭାରତର ସାମଗ୍ରୀକ ପ୍ରଗତିର ଏହି ମୌଳିକ ମନ୍ତ୍ର ଆଜି ମଧ୍ୟ ଅର୍ଥପୂର୍ଣ୍ଣ ଓ ପ୍ରାସଙ୍ଗିକ ରହିଛି । ମହାଭାରତ ହେଉଛି ଜାତୀୟ ନାୟକ ହିରୋ ଶ୍ରୀକୃଷ୍ଣଙ୍କ ଜୀବନ ସଫଳତାର ହୃଦୟ ଭରା ମାର୍ମିକ କାହାଣୀ ।

ଓଡ଼ିଶାର ପୁରପଲ୍ଲୀରେ କେବଳ କୃଷ୍ଣଙ୍କ ଉତ୍ସବ ମହା ସମାରୋହରେ ପାଳନ କରାଯାଏ ନାହିଁ ଭାରତରେ ଓ ଭାରତ ବାହାରେ ମଧ୍ୟ ପାଳନ କରାଯାଏ । ଏହିଦିନ ଲୋକେ ଉପବାସ ରଖିଥାନ୍ତି । ମଧ୍ୟ ରାତ୍ରିରେ କୃଷ୍ଣଜନ୍ମ ଉତ୍ସବ ପାଳନ କରିସାରି ଉପବାସ ଭାଙ୍ଗିଥାନ୍ତି । ଏହିଦିନ ଗାଁର ଭାଗବତ ଟୁଙ୍ଗୀମାନଙ୍କରେ ଅଥବା କାହାରି ଘର ବା ମଠ ମନ୍ଦିରରେ ହରିବଂଶ ପୁରାଣ ପାଠ କରାଯାଏ । ହରିବଂଶ ପୁରାଣ ଅତି ଦୀର୍ଘ ହୋଇଥିବାରୁ କେଉଁଠି କେଉଁଠି ଖଣ୍ଡିକିଆ ହରିବଂଶ ପଢ଼ିଥାନ୍ତି । ଶ୍ରୀମନ୍ଦିରରେ ପାଳିତ ପର୍ବପର୍ବାଣିମାନଙ୍କ ଭିତରେ ଜନ୍ମାଷ୍ଟମୀ ଅନ୍ୟତମ । ଓଡ଼ିଶାରେ ବୈଷ୍ଣବ ମତବାଦର ବହୁଳ ପ୍ରଭାବ ରହିଥିବାରୁ ଏହି ପର୍ବ ଓଡ଼ିଆ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଲୋକମାନେ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ବହି ପାଠ କରିଥାନ୍ତି । ଜନ୍ମାଷ୍ଟମୀର ପରବର୍ତ୍ତୀ ଦିନ ନନ୍ଦୋତ୍ସବ ପାଳନ କରାଯାଏ । ନନ୍ଦରାଜ ଓ ଯଶୋଦାରାଣୀଙ୍କ ଆନନ୍ଦକୁ ମନେ ପକାଇବାପାଇଁ ଏହି ଦିନ ଲୋକେ ଗାୟନ କୀର୍ତ୍ତନ କରିଥାନ୍ତି ଓ ନିଜର ଉପବାସ ଭାଙ୍ଗି ବଡ଼ି ସକାଳୁ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି ଓ ସେବନ କରିଥାନ୍ତି ।

ଏହି ସୁପରହିଟ୍ ର ଅନନ୍ୟ ବିଶେଷତ୍ୱ ହେଉଛି ଜୀବନର ବିପରୀତ ଦିଗରୁ ସଫଳତାର ସହିତ ବଞ୍ଚିବା । କାରଣ କୃଷ୍ଣ ହିଁ ସେ ବିଶ୍ୱର ସବୁଠୁ ବଡ ତଥା ଭୟଙ୍କର ଯୁଦ୍ଧକୁ ଏକ ଅର୍ଥପୂର୍ଣ୍ଣ ଦିଗ ଦେଇଥିଲେ..!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪ ,
(ମୋ) : ୯୦୪୦ ୧୫୧୪୭୫

# ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୁକ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : ଘର ପାଇଁ ଅଗ୍ରିମ ନେବା ମାଲିକଙ୍କୁ ୩୦ ଲକ୍ଷ ୮୦ ହଜାର ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

ଜୟପୁର,୩୧/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୁକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଏକ ମାମଲାର ସମାଧାନ କରି ଆୟୁକ୍ତ ଆପାର୍ଟମେଣ୍ଟ ମାଲିକଙ୍କୁ ଅଗ୍ରୀମ ନେଇଥିବା ଟଙ୍କା ସହ ସୁଧ ଏବଂ ଘରଭଡ଼ା ମଧ୍ୟ ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଆବେଦନକାରୀଙ୍କୁ ପ୍ରତିପକ୍ଷଙ୍କ ତରଫରୁ ପ୍ରାୟ ୩୦ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ ନେଇ ଆଦେଶ ଶୁଣାଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୨୦୨୦ ମସିହା ଜୁନ୍ ୧୨ ତାରିଖ ଦିନ ଜୟପୁର ଏମ.ଜି. ରୋଡ୍ ର କେ.ସୁମନ୍ ସହରର ପାଣିନଳା ସାହି ବି. ଯୋଗେନ୍ଦ୍ରଙ୍କ ସହ ଏକ ଚୁକ୍ତି କରିଥିଲେ । ଚୁକ୍ତି ଅନୁସାରେ ବି. ଯୋଗେନ୍ଦ୍ର ୧୬ ଲକ୍ଷ ଟଙ୍କା କେ.ସୁମନ୍ ଙ୍କ ଠାରୁ ବିଭିନ୍ନ ସମୟରେ ଅଗ୍ରୀମ ନେଇଥିଲେ ଆପାର୍ଟମେଂଟ ତିଆରି କରି ଏକ ଘର ଯୋଗାଇବାକୁ । ଏହି ଘର ଡିସେମ୍ବର ୨୦୨୨ ସୁଦ୍ଧା ଦେବାକୁ ଚୁକ୍ତି ହୋଇଥିବା ବେଳେ ମୋଟ ଉପରେ ୨୧ ଲକ୍ଷ ଟଙ୍କାରେ ଏହା ଧାର୍ଯ୍ୟ ମୂଲ୍ୟ କରିବାକୁ ଉଭୟ ରାଜି ହୋଇଥିଲେ । କିନ୍ତୁ ସମୟ କ୍ରମେ କେ.ସୁମନ୍ ଦେଖିଥିଲେ ଯେ, ଘର ତିଆରି ବିଳମ୍ବ ହୋଇ ଚାଲିଛି । କୋଭିଡ୍-୧୯ ଆଳ ଦେଖାଇ ଘର ହସ୍ତାନ୍ତର କରିବାରେ ବିଳମ୍ବ କରିଥିଲେ ଦିବାକର ଆପାର୍ଟମେଂଟ ମାଲିକ କେ.ଯୋଗେନ୍ଦ୍ର । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ପୁଣି ଯୋଗେନ୍ଦ୍ର ଘରର ଅନ୍ୟାନ୍ୟ ଆନୁସଙ୍ଗିକ ଡିଜାଇନ୍, ଇଂଟେରିୟର୍ କାମ ନିଜେ କରିବାକୁ କେ.ସୁମନଙ୍କୁ ଅନୁମତି ଦେଇଥିଲେ ଏବଂ ସେ ଏଥିରେ ପ୍ରାୟ ୪ ଲକ୍ଷ ଖର୍ଚ୍ଚ ମଧ୍ୟ କରି ହିସାବ ଦେଇଥିଲେ । ଏହାପରେ ବି ଯୋଗେନ୍ଦ୍ର ଘର ରେଜିଷ୍ଟ୍ରେସନ୍ କରିବାକୁ ସହଯୋଗ କରିନଥିଲେ କିମ୍ବା ହସ୍ତାନ୍ତର କରିବାକୁ ଆଗେଇନଥିଲେ । ଏହାକୁ ନେଇ ସୁମନ୍ ପତ୍ର ଦ୍ୱାରା ଯୋଗେନ୍ଦ୍ରଙ୍କୁ ଅବଗତ କଲେ ବି କୌଣସି ଉତର ମିଳିନଥିଲା । ବାଧ୍ୟ ହୋଇ କେ.ସୁମନ୍ ଗତ ୨୦୨୩ ଡିସେମ୍ବର ୨ ତାରିଖ ଦିନ ଜୟପୁର ଠାରେ ରହିଥିବା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ । ଆୟୁକ୍ତଙ୍କ ନିକଟରେ କେ.ସୁମନ୍ ସମସ୍ତ ପ୍ରକାର କାଗଜପତ୍ର ଦାଖଲ କରିଥିଲେ । ଅଗ୍ରୀମ ଦେଇଥିବା ଟଙ୍କାର ରସିଦ, ପରେ ଘର ତିଆରି କରିଥିବା ସଂପର୍କରେ କାଗଜପତ୍ର ସହ ଚୁକ୍ତିନାମା ମଧ୍ୟ ଦାଖଲ କରିଥିଲେ । ଅଦାଲତ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଥିଲେ ଏବଂ ପ୍ରତିଉତର ଦେବାକୁ ସୁଯୋଗ ଦେଇଥିଲେ । କିନ୍ତୁ, ପ୍ରତିପକ୍ଷ କେ.ଯୋଗେନ୍ଦ୍ର ଏହାର କାଉଣ୍ଟର ଫାଇଲ୍ କରିନଥିଲେ । ଏସବୁ ପରେ ଆୟୁକ୍ତ ମାମଲାରେ ପ୍ରତିପକ୍ଷଙ୍କୁ ଏକ୍ସପାର୍ଟି କରି ବୁଧବାର ରାୟ ଶୁଣାଇଛନ୍ତି । ଏଥିରେ ଆୟୁକ୍ତ ପ୍ରତିପକ୍ଷ ତଥା ଆପାର୍ଟମେଂଟ ମାଲିକ କେ.ଯୋଗେନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାୟ ପ୍ରକାଶ ପାଇବାର ମାସକ ମଧ୍ୟରେ ସେ ଆବେଦନକାରୀ କେ.ସୁମନଙ୍କୁ ୨୦ ଲକ୍ଷ ଟଙ୍କା ସହ ଚୁକ୍ତି ଦିନ ଠାରୁ ବର୍ତମାନ ଯାଏଁ ଏହାର ୬ ପ୍ରତିଶତ ସୁଦ୍ଧ ମିଶାଇ ଦେବେ ।

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସେପ୍ଟେମ୍ବର ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ ପ୍ରକାଶ

ବାରିପଦା, ୩୧/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଅନୁକୂଲ୍ୟରେ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ସେପ୍ଟେମ୍ବର ମାସର ପ୍ରଥମ ସୋମବାର ୧ ତାରିଖ ସଦର ମହକୁମା ଉପଖଣ୍ଡ ବାରିପଦାର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ । ସେହିପରି ସେପ୍ଟେମ୍ବର ମାସ ଦ୍ୱିତୀୟ ସୋମବାର ସରକାରୀ ଛୁଟି ଥିବାରୁ, ମଙ୍ଗଳବାର ଅର୍ଥାତ ୧୦ ତାରିଖ ବାମନଘାଟି ଉପଖଣ୍ଡର ୭ଟି ବ୍ଲକର ଜନସାଧାରଣଙ୍କ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସେହିପରି, ତୃତୀୟ ସୋମବାର ମଧ୍ୟ ସରକାରୀ ଛୁଟି ଥିବାରୁ, ତୃତୀୟ ମଙ୍ଗଳବାର ଅର୍ଥାତ ୧୭ ତାରିଖ ପଞ୍ଚପିଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାସର ଚତୁର୍ଥ ସୋମବାର ୨୩ ତାରିଖ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏବଂ ପଞ୍ଚମ ତଥା ମାସର ଶେଷ ସୋମବାର ଅର୍ଥାତ ୩୦ ତାରିଖ ଦିନ ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ କୁସୁମୀ ବ୍ଲକ ଠାରେ ଜନସାଧାରଣଙ୍କ ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଜନ ଶୁଣାଣି ଶିବିର ରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଜଣାଇଛନ୍ତି।

## ଜୟଦେବ ଭବନ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩୧/୮ (ନି.ପ୍ର): ଯୁଗ୍ମ ନିର୍ଦ୍ଦେଶକ ତଥା ରାଜ୍ୟ ସୂଚନ କେନ୍ଦ୍ର, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ସୂର୍ଯ୍ୟ ରଞ୍ଜନ ମହାନ୍ତିଙ୍କୁ ଜୟଦେବ ଭବନ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି । ଏହି ଉପଲକ୍ଷେ ଶନିବାର ଅପରାହ୍ନରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଜୟଦେବ ଭବନର ସମସ୍ତ କର୍ମଚାରୀଙ୍କ ସମେତ ନବନିଯୁକ୍ତ ଉପନିର୍ଦ୍ଦେଶକ ଶ୍ରୀମତି ଦିପ୍ତୀମୟୀ ମହାପାତ୍ର ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ସୁଖମୟ ଅବସର ଜୀବନ କାମନା କରିଥିଲେ । ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଜଣେ କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତି, ମିଷ୍ଟଭାଷୀ ଓ କରିତ୍କର୍ମା ଅଧିକାରୀ ଭାବେ ବେଶ୍ ସୁପରିଚିତ ଥିଲେ । ୨୦୨୦ ମସିହାରୁ ଜୟଦେବ ଭବନ ରେତାଙ୍କର ଉପସ୍ଥାନ ଓ କାର୍ଯ୍ୟଧାରା ବେଶ୍ ପ୍ରଶଂସନୀୟ ଓ ଲୋକାଭିମୁଖୀ ଥିଲା ବୋଲି ବକ୍ତବ୍ୟରେ କର୍ମଚରୀମାନେ ସ୍ମୃତିଚାରଣ କରିଥିଲେ । ବିଦାୟକାଳୀନ ସଭାରେ ନିଜର ଅନୁଭୂତି ବର୍ଣ୍ଣନା କରିବାକୁ ଯାଇ ଶ୍ରୀ ମହାନ୍ତି କହିଲେ ଯେ ଜୟଦେବ ଭବନ ଭଳି ଏକ ପବିତ୍ର ସ୍ଥାନରେ ସରକାରୀ ସେବା କରିବା ମୋ ପାଇଁ ପରମ ସୌଭାଗ୍ୟ ବୋଲି ମନେ କରେ । ବିଭାଗରମୁଖଶାଳାରୂପେ ଅବିହିତଏହି ଅନୁଷ୍ଠାନ ଅଗାମୀ ଦିନରେ ଶୃଙ୍ଖଳିତ ରୂପେ କାର୍ଯ୍ୟ କରୁଏବଂ ପରିସରକୁ ଆସୁଥିବା ବିଦ୍ୟାର୍ଥୀ ପାଠକ ପାଠିକାମାନଙ୍କ ଗୁଣାତ୍ମକ ଶିକ୍ଷାର ଉନ୍ନତି ହେଉ ବୋଲି ବିଦାୟୀ ଯୁଗ୍ମ ନିର୍ଦ୍ଦେଶକ ମତ ବ୍ୟକ୍ତ କରିଛନ୍ତି ।

# ମେଘାସନ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

## ଧ୍ୟାନଚାନ୍ଦଙ୍କୁ ମିଳିଛି ଉପଯୁକ୍ତ ସମ୍ମାନ : ପ୍ରମୋଦ କୁମାର ରାଉତ

ଉଦଳା , ୩୧/୮ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଚଳିତ ଅଗଷ୍ଟ ୩୦ ତାରିଖ ଶୁକ୍ରବାର ଦିନ ଜାତୀୟ କ୍ରିଡ଼ା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ପୁରସ୍କାର ବିତରଣର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଭାରତ ସରକାର ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସଟିକୁ ଜାତୀୟ କ୍ରିଡ଼ା ଦିବସ ରୂପେ ଘୋଷଣା କରି ତାଙ୍କୁ




ଉପଯୁକ୍ତ ସମ୍ମାନର ଅଧିକାରି କରାଇଛନ୍ତି ବୋଲି ବ୍ୟକ୍ତ କରିଥିଲେ । କ୍ରିଡ଼ା ଅଧ୍ୟାପକ ଲେଫ୍ଟନାଂଟ ଅରୁଣ କୁମାର ଜେନା, ଛାତ୍ର ଛାତ୍ରୀ ମାନେ ଖେଳ ମାଧ୍ୟମରେ କିପରି ନିଜର କ୍ୟାରିଅର ଗଠନ କରିପାରିବେ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରଶାସନିକ ଅଧିକାରୀ ଡ଼କ୍ଟର ନିରଂଜନ ପାଠୀ, ଧ୍ୟାନଚାନ୍ଦଙ୍କ ଜୀବନ ଇତିହାସ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ । ପ୍ରାଧ୍ୟାପକ ନକୁଳ ଜେନା, ସରୋଜ କୁମାର ମହାନ୍ତି ଓ ଫନିଭୂଷଣ ପୁଥାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଜାତୀୟ କ୍ରିଡ଼ା ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ପୂର୍ବରୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରକାର କ୍ରିଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଅଧ୍ୟାପକ ସନ୍ତୋଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

**SOCIAL ORGANISATION ON VARIOUS ASPECTS (SOOVA)**
**Brundagadi, Athapada, Bcpur, Udala, Mayurbhanj**

**Invitation for Quotation**

**Subject: Fully Automatic Setter cum Hatcher Machine**
We invite quotations for the supply of a Fully Automatic Setter cum Hatcher Machine with a capacity of 2,500 eggs. The machine should be compatible with both solar power and a Diesel Generator (DG) set for uninterrupted

**Technical Specifications:**
(i)Capacity: 2,500 eggs(ii) Function: Setter and Hatcher combined
(iii)Power Support: Compatible with Solar Power and DG set
(iv) Automation.- Fully automatic with digital control panel
(v) Temperature & Humidity Control:- Precise, adjustable, and uniform
(vi) Material:-Durable, corrosion-resistant, and easy to clean
(vii) Additional Features:- Alarms for temperature/humidity deviation, energy-efficient, low maintenance
**Quotation Requirements:**
(i) Cost Breakdown: Include unit price, delivery charges, installation costs, and any additional expenses.
(ii) Warranty Information:- Outline warranty coverage and terms of after-sales support.
(iii) Delivery Time: Indicate the expected delivery and installation timeline.
**Submission Details:-**
(i) Deadline: One week from the date of advertisement.
(ii) Contact:-Ranjan Kumar Mishra, Mob-9937260313
(iii) Submission: Quotations must be submitted via email to **soovaodisha@gmail.com** by 05:00 pm on the deadline date.

Suppliers with proven experience and references in similar equipment supply are encouraged to participate. We look forward to receiving your competitive quotations.

**Social Organisation On Various Aspects Brundagadi, Athapada, Bcpur, Udala, Mayurbhanj Mob-9937260313,**
**Mail- soovaodisha@gmail.com**

## ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ନବୀକରଣ

ଭୁବନେଶ୍ୱର, ୩୧/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ଓଡ଼ିଶା ସରକାରଙ୍କ ତରଫରୁ ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟବୀମା ଯୋଜନାର ଅବଧି ୧ ସେପ୍ଟେମ୍ବର ୨୦୨୪ରୁ ୩୧ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ନବୀକରଣ ହୋଇଛି । ବାର୍ଷିକ ପ୍ରିମିୟମ୍ ବାବଦରେ ୮ କୋଟି ୫୫ ଲକ୍ଷ ୭୬ ହଜାର ୩୧୪ ଟଙ୍କା ଓରିଏଂଟାଲ୍ ଇନ୍ସ୍ୟୁରାନ୍ସ କମ୍ପାନୀକୁ ପ୍ରଦାନ କରାଯିବା ସହିତ ଏ ସଂକ୍ରାନ୍ତରେ ଇନ୍ସ୍ୟୁରାନ୍ସ କମ୍ପାନୀ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପ୍ରାଥମିକ ଭାବେ ଏହି ବୀମା ଯୋଜନାରେ ୭୦୪୧ ଜଣ ସାମ୍ବାଦିକ ଆସନ୍ତା ଏକ ବର୍ଷ ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି । ନୂତନ ଭାବେ ଏହି ଯୋଜନାରେ ପଞ୍ଜିକୃତ ହେବା ପାଇଁ ଆବେଦନ କରୁଥିବା ସାମ୍ବାଦିକମାନଙ୍କ ପାଇଁ ସୂଚନା ଓ ଲୋକସଂପର୍କ ବିଭାଗର ପୋର୍ଟାଲ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଖୋଲିବ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ...

କେବଳ ସର୍ଫେସ ସର୍ଭେ କରାଯିବ । ଇଞ୍ଜଓ ଆଇଆଇଟି ସହ ସହବନ୍ଧିତ ହୋଇ ତେଲ ଖଣିରେ ସର୍ଭେ ଭଳି ଏଠାରେ ସର୍ଭେ କରିବାର ଯୋଜନା ଚାଲିଛି । ମରାମତି ଆରମ୍ଭ ପୂର୍ବରୁ ଏ କାମ କରିବା ପାଇଁ ଡିଜି ଇଞ୍ଜଓକୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି । ଏଥିସହ କହିଛନ୍ତି ଯେ, ରତ୍ନଭଣ୍ଡାର ଚାବି ହଜିବା ବାବଦରେ ରିପୋର୍ଟ ଆମେ ସାମ୍ନାକୁ ଆଣିପାରୁ । ନ ହେଲେ ଆଉ ଗୋଟିଏ କମିଶନ କରିପାରୁ । କିନ୍ତୁ ଚାବି କିଏ ହଜାଇଲା କାହିଁକି ହଜିଲା ତାର ରେସପନ୍ସବିଲିଟି ଫିକ୍ସ ହେବ । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଆଲୋଚନା କରିଥିଲେ ଓଟିଭି ପ୍ରତିନିଧି ସ୍ୱାଧୀନ ରାଉତ ।

### ବିଧାନସଭାରେ ଛତୁଆ...

ବ୍ଲକ୍ କାର୍ଯ୍ୟାଳୟରେ ବିରୋଧାଭାଷ ଦେଖିବାକୁ ମିଳିଥିଲା । ଏଠି ପଞ୍ଚାୟତ ସମିତି ବୈଠକରେ ଛତୁଆର ମାନକୁ ନେଇ ବିଡିଓ ଓ ଚେୟାରମ୍ୟାନଙ୍କ ଆଗରେ ପ୍ରଶ୍ନ ଉଠାଇଥିଲେ କିଛି ସରପଞ୍ଚ । ସେହିଭଳି ଚାନ୍ଦବାଲି ବ୍ଲକ୍ ତେନ୍ତୁଳିଆରୁ ବି ଗତମାସ ୩୧ ତାରିଖରେ ଆସିଥିଲା ଏଭଳି ନିମ୍ନ ମାନର ଛତୁଆକୁ ନେଇ ସାଂଘାତିକ ଅଭିଯୋଗ । ଏ ନେଇ କିଛି ଲୋକ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ଏଯାଏଁ ଫଳ ଶୁନ୍ । ଆଉ ଯାଜପୁର ରସୁଲପୁର ବ୍ଲକ୍ ପରିସରର ଦାମୋଦରପୁର ଓ ଚିତ୍ରକୁଳ ସାହିରେ ପୋକ ସାଲୁବାଲୁ ଛତୁଆ ଯୋଗାଣ ହୋଇଥିବା ଅଭିଯୋଗରେ ଛତୁଆ ପ୍ରସ୍ତୁତକାରୀ ଓ ସିଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଡିଓଙ୍କୁ ଦାବିପତ୍ର ଦେଇଥିଲା ଏକ ସଂସ୍ଥା । ସେହିଭଳି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ ମାଆ ଓ ଶିଶୁଙ୍କ ପାଇଁ ସରକାର ଯୋଗାଇ ଦେଉଛନ୍ତି ନିକୃଷ୍ଟ ମାନର ଛତୁଆ । ଯାହାକୁ ନେଇ ତାତିଛନ୍ତି ସାଧାରଣ ଲୋକେ । ଛତୁଆ ଦୁର୍ନୀତି ଆଜିକାଲିର ନୁହେଁ, ବର୍ଷ ବର୍ଷ ତଳର । ହେଲେ ଏ ଚେରମଡ଼ା ଦୁର୍ନୀତି ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଥିବାରୁ ଏହାର ଅନ୍ତ କେବେ ହେଉଛି, ଆଉ ପୁଷ୍ଟି ନାଁରେ ମାଆ ଓ ଶିଶୁଙ୍କୁ ପ୍ରକୃତ ପୁଷ୍ଟିକର ଖାଦ୍ୟ କେବେ ମିଳୁଛି, ତାହା ଦେଖିବାକୁ ବାକି ରହିଲା ।

### ମାଡ଼ି ଚାଲିଛି....

ପୁରୀ ଜିଲ୍ଲା । ଭୁବନେଶ୍ୱରରେ କିନ୍ତୁ କଂପନ । କେଉଁଠି ଗ୍ରାହକ ଡରିଲେଣି ଚିକେନ୍ ଆଉ ଅଣ୍ଡା ଖାଇବାକୁ । ଆଉ କେଉଁଠି ବ୍ୟବସାୟୀ କହିଲେଣି ଚିକେନ୍ ବେପାର ପୁରା ଡାଉନ୍ । ମାଡ଼ି ଚାଲିଥିବା ବାର୍ଡ ଫ୍ଲୁର ସିଧା ପ୍ରଭାବ ପଡ଼ିଛି ରାଜଧାନୀର ଆମିଷ ମାର୍କେଟ ଉପରେ । ମାଛ ନଚେତ୍ ମଟନ୍ ସେଣ୍ଟରରେ ବାର ଦେଖି ପୂର୍ବ ଅପେକ୍ଷା ଆମିଷ ପ୍ରେମୀଙ୍କର ଭିଡ଼ ରହୁଛି, ହେଲେ ଚିକେନ୍ ସେଣ୍ଟର କିନ୍ତୁ ଖାଁ ଖାଁ । ଯେଉଁଠି ଦିନେ କିଲୋ ପିଛା ୨୪୦ରୁ ୨୫୦ ଥିଲା ଚିକେନ୍ ରେଟ୍, ବାର୍ଡ ଫ୍ଲୁ ପରେ ୨ଶହ ତଳକୁ ଖସି ଆସିଛି ଦର । ଆହୁରି ବି ଦର ଖସନ୍ତା, କିନ୍ତୁ ବହୁଳ ମାତ୍ରାରେ କୁକୁଡ଼ା ଚାଷ ହେଉଥିବା ପୁରୀ ଜିଲ୍ଲାର ପିପିଲି, ନିମାପଡ଼ା ଏବଂ ଡେଲାଙ୍ଗ ଆଦି ଅଞ୍ଚଳରେ ବାର୍ଡ ଫ୍ଲୁ ବ୍ୟାପି ଥିବାରୁ ପଡ଼ୋଶୀ ରାଜ୍ୟରୁ ଅଣାଯାଉଛି କୁକୁଡ଼ା ଆଉ ଅଣ୍ଡା । ବିଶେଷ କରି ଆନ୍ଧ୍ର, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରୁ ମାଲ୍ ଅଣାଯାଉଛି, ତେଣୁ ଘାଟା ସହିବାକୁ ପଡୁଥିବା କହିଛନ୍ତି ବ୍ୟବସାୟୀ । ଏଣେ ପଡ଼ୋଶୀ ପୁରୀ ଜିଲ୍ଲାରେ ବାର୍ଡ ଫ୍ଲୁ ଆତଙ୍କ ପରେ ରାଜଧାନୀରେ ଆକ୍ସନ ମୋଡକୁ ଆସିଛନ୍ତି ଇଗଉ କର୍ତ୍ତୃପକ୍ଷ । ବାର୍ଡ ଫ୍ଲୁ ପ୍ରଭାବିତ ଅଞ୍ଚଳରୁ ଚିକେନ ଆଣି ବିକିଲେ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ଚେତାବନୀ ଶୁଣାଇଛନ୍ତି ବିଏମ୍ସି କମିଶନର । କେବଳ ଏତିକି ନୁହେଁ, ଚିକେନ ଖାଉଥିବା ଓ ବ୍ୟବସାୟ ସହ ଜଡ଼ିତ ଲୋକଙ୍କୁ ବାର୍ଡ ଫ୍ଲୁ ସଂପର୍କରେ ସଚେତନତା ପାଇଁ ବିଜ୍ଞପ୍ତି ବି ଜାରି କରାଯାଇଛି । ସେହିପରି ଅସ୍ୱାଭାବିକ ଭାବେ ଯଦି କେଉଁଠି କୁକୁଡ଼ା ଅସୁସ୍ଥ ହେଉଛନ୍ତି ଅବା ମୃତ୍ୟୁ ହେଉଛି, ସେ ସଂପର୍କରେ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ର ନଚେତ୍ ୱାର୍ଡ ଅଫିସରେ ଜଣାଇବାକୁ କହିଛନ୍ତି । କୁକୁଡ଼ା ସଂସ୍ପର୍ଶରେ ଆସି କୌଣସି ବ୍ୟକ୍ତି କିମ୍ବା ଶିଶୁ ଜ୍ୱର, ଛିଙ୍କ, କାଶ ଲାଗିରହିଲେ ଡାକ୍ତରଙ୍କୁ ତୁରନ୍ତ ପରାମର୍ଶ କରିବାକୁ ବି କହିଛନ୍ତି । ଏସବୁ ଭିତରେ ମେୟରଙ୍କ ପରାମର୍ଶ, ରାଜଧାନୀବାସୀ କିଛିଦିନ ପାଇଁ ଚିକେନ ନ ଖାଇଲେ ଭଲ । ସେପଟେ କିନ୍ତୁ ବାର୍ଡ ଫ୍ଲୁର ହଟସ୍ପଟ ପୁରୀ ଜିଲ୍ଲାରେ ସ୍ଥିତି କାବୁ ହେଉନି । ପିପିଲିରୁ କ୍ରମେ ଡେଲାଙ୍ଗ, ପରେ ନିମାପଡ଼ା ଅଞ୍ଚଳକୁ ବ୍ୟାପିଲାଣି । ଜିଲ୍ଲାପାଳ କହିଛନ୍ତି, ସବୁଠି କଣ୍ଟେନମେଣ୍ଟ କରାଯାଉଛି । ପୋଲିସ ପକ୍ଷରୁ ତନଖି ସହ ଗ୍ରାହକ ଏବଂ ବ୍ୟବସାୟୀଙ୍କୁ ସଚେତନ କରାଯାଉଛି ।

### ନୂଆ ଅବକାରୀ ନୀତିରେ...

ସଚେତନତା କାର୍ଯ୍ୟକ୍ରମ କରାଯିବ । ଏଥିପାଇଁ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ । ସେହିପରି ଭାଙ୍ଗ, ତାଡ଼ି ଓ ପୋଚ ପାଇଁ ବି ନିୟମ କଡାକଡି କରାଯାଇଛି । ବିନା ଅନୁମତିରେ ବିକ୍ରି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ । ଅନ୍ୟପକ୍ଷରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପେସା ଆଇନକୁ କଡାକଡି ଲାଗୁ କରାଯିବାକୁ ନିର୍ଦ୍ଦେଶ ରହିଛି । ଆସନ୍ତାକାଲିଠାରୁ ୨୦୨୫ ମାର୍ଚ୍ଚ ୩୧ ଯାଏ ଏହି ଅବକାରୀ ନୀତି ବଳବତ୍ତର ରହିବ । ନୂଆ ଅବକାରୀ ନୀତିରେ ସରକାର ନିଶା କାରବାରକୁ ନିୟନ୍ତ୍ରଣ କରିବାକୁ ଅନେକ ପଦକ୍ଷେପ ନେଇଥିବା କହିଛନ୍ତି ପୂର୍ବତନ ଅବକାରୀ କମିଶନର । ସେପଟେ ଅବକାରୀ ନୀତି ଆସିବା ପରେ ତେଜିଛି ରାଜନୀତି । ବିଜେଡି ଓ କଂଗ୍ରେସ, ସରକାରଙ୍କୁ ଶାଣିତ ଆକ୍ରମଣ କରିଛନ୍ତି । ବିଜେଡି କହିଛି, ବିଜେପି ସରକାର ନିଶା ମୁକ୍ତ ଓଡ଼ିଶା ଗଠନ ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ତାହା ହେଲାନାହିଁ । ସରକାର ଆଗାମୀ ଦିନରେ ମଦର ବନ୍ୟା ସୃଷ୍ଟି କରିବେ । କଂଗ୍ରେସ୍ କହିଛି, ଅବକାରୀ ନୀତିରେ ମଦ ତଥା ଅନ୍ୟ ନିଶା ସାମଗ୍ରୀକୁ ପ୍ରୋତ୍ସାହନ ଦେଇଛନ୍ତି ସରକାର । ଜବାବରେ ବିଜେପି କହିଛି, ନିଶାକୁ ନିୟନ୍ତ୍ରଣ କରିବାକୁ ପଲିସି ଆସିଛି । ଧୀରେ ଧୀରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବେ ସରକାର । ବିଧାନସଭାର ତଥ୍ୟ ଅନୁଯାୟୀ, ୧୯୯୨ ରୁ ୨୦୧୯ ଭିତରେ ବିଷାକ୍ତ ମଦ ନେଇଛି ୨୩୧ ମୁଣ୍ଡ । ମଦ ମୃତ୍ୟୁ ରୋକିବାକୁ ଅବକାରୀ ନୀତିରେ ଅନେକ ସଂସ୍କାର ଅଣାଯାଇଛି । ଅନ୍ୟପଟେ ନବୀକରଣ କରି ନଥିବା ୫୦ରୁ ଅଧିକ ବାରକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିଦେଇଛନ୍ତି ସରକାର । ସହରାଞ୍ଚଳରେ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନରୁ ୩୦୦ ମିଟର ଓ ଗ୍ରାମାଞ୍ଚଳରେ ୫୦୦ ମିଟର ପରିଧିରେ ଯେପରି ମଦ ଦୋକାନ ନରହିବ ସେଥିପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଏହାବ୍ୟତୀତ ରାଜ୍ୟର ୧୬ଟି ସ୍ଥାନରେ ୨୫ଟି ନୂଆ ଅବକାରୀ ଥାନା ଖୋଲିବା ପାଇଁ ସବୁ ଅବକାରୀ ଅଧୀକ୍ଷକଙ୍କୁ ଚିଠି ଲେଖିଛି ଅବକାରୀ ନିର୍ଦ୍ଦେଶାଳୟ ।

### ରାଜ୍ୟରେ ଆରମ୍ଭ ହେଲା...

ଉଦ୍ୟମରେ ଶିକ୍ଷାକୁ ଅଗ୍ରାଧିକାର ଦିଆଯିବ । ଓଡ଼ିଆ ଅସ୍ମିତାର ମୂଳ ବିଷୟ ହେଲା ରାଜ୍ୟର ବୌଦ୍ଧିକ କ୍ଷମତା । ୨୦୩୬ ସୁଦ୍ଧା ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ । ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରିବ । ଏହି ସମୟ ସୀମା ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିରେ ଗୁଣାତ୍ମକ ଶିକ୍ଷା ଆଧାରରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ । ବୈଷୟିକ ଶିକ୍ଷା, ମେଡିକାଲ ଶିକ୍ଷା ଏବଂ ସ୍କିଲ୍ ଶିକ୍ଷା ଉପରେ ଜୋର ଦିଆଯିବ ।

### ଲାଞ୍ଚ ନେବା ବେଳେ...

ଅଭିଯୁକ୍ତଙ୍କଠାରୁ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ । ଏହା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଦୁଇଟି ଠିକଣାରେ ଚଢ଼ାଉ କରାଯାଇଥିଲା । ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା । ସୂଚନାଯୋଗ୍ୟ,ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ରଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ବ୍ରହ୍ମପୁରରେ ତାଙ୍କର ଏକ ଦୁଇ ମହଲା କୋଠା ଥିବା ବେଳେ ପୋଲସରରେ ତାଙ୍କର ଦୁଇଟି କୋଠା ଅଛି । ତାଙ୍କ ଘରୁ ନଗଦ ୬ ଲକ୍ଷ ୫୦ ହଜାର ଟଙ୍କା ମିଳିଥିବା ବେଳେ ତାଙ୍କର ଗୋଟିଏ ଚାରି ଚକିଆ ଓ ୨ଟି ଦୁଇ ଚକିଆ ଗାଡ଼ି ରହିଛି ।

# ‘ସୁଭଦ୍ରା’ ଫର୍ମ ବିତରଣ ଆରମ୍ଭ

ଭଦ୍ରକ, ୩୧/୮ (ନି.ପ୍ର): ମହିଳା ସଶକ୍ତିକରଣ ତଥା ସେମାନଙ୍କର ଅର୍ଥନୈତିକ ସ୍ୱାବଲମ୍ବନ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଯାଉଥିବା ଐତିହାସିକ ଏବଂ ଯୁଗାନ୍ତକାରୀ ଯୋଜନା ‘ସୁଭଦ୍ରା’ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆବେଦନ ଫର୍ମ ବିତରଣ ଆରମ୍ଭ ହୋଇଯାଇଛି । ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଥିବା ଏହି ଫର୍ମ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଉପଲବ୍ଧ କରାଯିବ । ଜିଲ୍ଲାର ବ୍ଲକ ମାନଙ୍କରେ ଫର୍ମ ବିତରଣ କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖାଯାଇଛି । ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା ମାନଙ୍କୁ ଛାଡ଼ି ୨୧ ରୁ ୬୦ ବର୍ଷ ବୟସ୍କ ମଧ୍ୟରେ ଥିବା ସମସ୍ତ ମହିଳା ଏହି ଯୋଜନା ସହିତ ଯୋଡ଼ି ହୋଇ ସୁଯୋଗ ଲାଭ କରିବା ନେଇ ବ୍ୟବସ୍ଥା ସମ୍ବନ୍ଧରେ ସଚେତନ କରାଯିବା ନେଇ ପ୍ରଶାସନ ତରଫରୁ ପ୍ରୟାସ ଜାରି ରହିଛି । ସମସ୍ତେ ଜାଣି ରଖିବା ଉଚିତ୍ ଯେ ଏହି ଯୋଜନାରେ ଆବେଦନ ପାଇଁ ଆଧାର ଅନିବାର୍ଯ୍ୟ । ମୋବାଇଲ ନମ୍ବର ସହ ଆଧାର ସଂଯୋଗ ନଥିଲେ ଆଧାର କେନ୍ଦ୍ର ଯାଇ ପ୍ରଥମେ ଆଧାର ସଂଯୋଗ କରାଇବାକୁ ହେବ । ଜଣେ ବି ଯୋଗ୍ୟ ମହିଳା ଯେପରି ଏହି ଯୋଜନାର ଲାଭ ଉଠାଇବାରୁ ବଞ୍ଚିତ ନହୁଏ ସେଥିପାଇଁ ସଂପୃକ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଆବେଦନକାରୀ ମାନେ ଯେପରି କୌଣସି ଅସୁବିଧାରେ ନ ପଡ଼ନ୍ତି ସେଥିପାଇଁ ସମସ୍ତ କ୍ଷେତ୍ର ସ୍ତରୀୟ କର୍ମଚାରୀ ମାନଙ୍କୁ ସହଯୋଗ ଓ ସହୃଦୟତାର ଆବଶ୍ୟକ ବୋଲି ପରାମର୍ଶ ପ୍ରଦାନ କରାଯାଇଛି । ବର୍ଷକୁ ୧୦ ହଜାର ଟଙ୍କାକୁ ୨ଟି କିସ୍ତିରେ ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ମା’ମାନଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବାକୁ ଥିବା ଏହି ଅର୍ଥରାଶି ପ୍ରଥମ କିସ୍ତି ଆକାରରେ ସେପ୍ଟେମ୍ବର ୧୭ ତାରିଖରେ ଓଡ଼ିଶା ଆଗମନ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଯାଇ ଚୟନ କରାଯାଇଥିବା ଯୋଗ୍ୟା ମହିଳାମାନଙ୍କ ଆକାଉଣ୍ଟକୁ ପ୍ରେରଣ କରାଯିବ । ସୂଚନା ଯୋଗ୍ୟ କି ଭଦ୍ରକ ଜିଲ୍ଲାରେ ଥିବା ସମୁଦାୟ ୨୪୩୫ ଟି ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହି ଆବେଦନ ଫର୍ମ ଉପଲବ୍ଧ କରାଯିବା ନେଇ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ସକ୍ରିୟ କରାଯାଇଛି ।

# ମନ୍ମଥ-ମନୋଜ ସ୍ମାରକୀର କାର୍ଯ୍ୟକାରିତା ଓ ସୁପରିଚାଳନା ନିମନ୍ତେ ଅନ୍ତରୀଣ ପରିଚାଳନା କମିଟି ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୩୧/୮ (ନି.ପ୍ର): ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସକାଳ ଘ. ୧୧ ମି ସମୟରେ ଶଙ୍ଖାରିସ୍ଥିତ ମନ୍ମଥ-ମନୋଜ ସ୍ମାରକୀର କାର୍ଯ୍ୟକାରିତା ଓ ସୁପରିଚାଳନା ନିମନ୍ତେ ଏକ ଅନ୍ତରୀଣ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଏଡିଇଓ, ଜିଲ୍ଲା ପରିଷଦ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ବିଡିଓ, ଭୋଗରାଇ ଶ୍ରୀ ହିମାଂଶୁ ଶେଖର ଗିରି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ମନ୍ମଥ-ମନୋଜ ସ୍ମାରକୀର ପରିଚାଳନାଗତ ଢାଞ୍ଚା ପ୍ରତିଷ୍ଠା ଲାଗି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଥିଲା ଓ ସେଥିମଧ୍ୟରେ ସ୍ମାରକୀର ହସ୍ତାନ୍ତର ଓ ଅଧିଗ୍ରହଣ, ସୋସାଇଟି ପଞ୍ଜୀକରଣ ଆଇନ ୧୮୬୦ ଅନୁଯାୟୀ ଏହାର ପଞ୍ଜୀକରଣ, କାର୍ଯ୍ୟକାରିଣୀ ସଦସ୍ୟଙ୍କ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି, ମାନବ ସମ୍ବଳ ନିୟୋଜନ ଏବଂ ଅନ୍ୟାନ୍ୟ ଦିଗ ବିଷୟରେ ପ୍ରମୁଖ ଆଲୋଚନା କରାଯାଇଥିଲା ।

# ରାଗଧା ସାହିତ୍ୟ ଘର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବେତନଟୀ , ୩୧/୮ (ନି.ପ୍ର): ବେତନଟୀ ଥାନା ଅଧୀନ ଶ୍ରୀ ରାମଚନ୍ଦ୍ରଭଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଗଧା ପରିସରରେ ରାଗଧା 'ସମ୍ବାଦ' ସାହିତ୍ୟଘର ପକ୍ଷରୁ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ର ଅଧ୍ୟାପକ ତଥା ସାହିତ୍ୟ ଘର ର ସମ୍ପାଦକ ଦୀପ୍ତି ପ୍ରକାଶ ମହାନ୍ତ ଙ୍କ ସଂଯୋଜନାରେ ଓ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବେତନଟୀ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ଜୀ ଯୋଗଦାନ କରି ବୃକ୍ଷରୋପଣ ସମ୍ବନ୍ଧ ରେ ଛାତ୍ରଛାତ୍ରୀ ମାନଙ୍କୁ ନିଜ ବକ୍ତବ୍ୟ ରେ ଜଣାଇଥିଲେ । ସମ୍ମାନୀତ ଅତିଥି ଭାବରେ ପଦ୍ମମାଳି ମହିଳା ସଂଗଠନ ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତିଞ୍ଜଳି ଭୂୟାଁ, ଅନନ୍ଦୀତା ସାହୁ, ମନିଲତା ବଳ , ଯୁବ ସଂଗଠକ ଚନ୍ଦ୍ର ଶେଖର ଦ୍ୱେରା ବିଦ୍ୟାଳୟର ଅଧ୍ୟାପିକା ଲିଲି ରାଣୀ ନାୟକ , ରେଣୁବାଳା ମହାନ୍ତ , ଶିପ୍ରା ମଡୁଆଳ , ମନୋରଞ୍ଜନ ନନ୍ଦୀ , ମୁରଲୀଧର ମହାନ୍ତ ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ବୃକ୍ଷରୋପଣରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଡକ୍ଟର ହାଡିବନ୍ଧୁ ଦ୍ୱେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଣେଶ ପୂଜା ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଶାନ୍ତି କମିଟି ବୈଠକ



ବାଲେଶ୍ୱର, ୩୧/୮ (ନି.ପ୍ର): ଆସନ୍ତା ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଆଜି ଅପରାହ୍ନ ୫ ଘଟିକା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ସାଂସଦ (ବାଲେଶ୍ୱର) ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ (ସଦର) ଶ୍ରୀ ମାନସ ଦତ୍ତ, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲାପରିଷଦ ଶ୍ରୀ ନାରାୟଣ ପ୍ରଧାନ, ମାନନୀୟା ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ଦୁଲାଳସେନ ଜଗତ ଦେଓଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ କିଭଳି ସୁରୁଖୁରୁରେ ଗଣେଶ ପୂଜା ଆୟୋଜିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ ପୂର୍ବ ବର୍ଷର ବିବରଣୀ ପାଠ କରିବା ସହିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ସେପ୍ଟେମ୍ବର ୭ ତାରିଖ ଦିନ ପାଳନ ହେବାକୁ ଥିବା ଗଣେଶ ପୂଜା ଲାଗି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଆଇନଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ଲୁପ୍ରିଂଟ ତିଆରି କରାଯିବା ସହିତ ସେପ୍ଟେମ୍ବର ୯, ୧୧ ଓ ୧୪ ତାରିଖ ଦିନ ଭଷାଣୀ ଯାତ୍ରା ପାଇଁ ଧାର୍ଯ୍ୟ କରାଯାଇଛି । ପୂଜା ମଣ୍ଡପ ଓ ଭସାଣି ବେଳେ ବଫର ଓ ଲେଜର ଲାଇଟ ଉପରେ କଟକଣା ଲଗାଯାଇଛି ଓ ଶବ୍ଦର ତୀବ୍ରତା ୬୫ଡେସିବଲ ମଧ୍ୟରେ ସୀମିତ ରହିବ ଏବଂ ଏହାର ଉଲ୍ଲଙ୍ଘନ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ । ଏହି ପରିପ୍ରେକ୍ଷୀରେ ପାରମ୍ପରିକ ବାଦ୍ୟ ଓ ସଙ୍ଗୀତକୁ ପ୍ରୋତ୍ସାହିତ କରିବା ପାଇଁ ମଞ୍ଚସ୍ଥ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ଅନୁରୋଧ କରିଥିଲେ ଓ ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତଶସ୍ତ୍ର ବ୍ୟବହାର ଓ ଆତସବାଜି ନ ହୁଏ ସେଥିପାଇଁ କମିଟିଗୁଡିକ ଯତ୍ନବାନ ହେବା ସହ ପୋଲିସ ତନଖି କରିବାକୁ ମତପ୍ରକାଶ ପାଇଥିଲା। ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ସମସ୍ତ କଟକଣାକୁ ମଧ୍ୟ ପୂଜା କମିଟିମାନଙ୍କୁ ମାନିବାକୁ ପଡିବ। ସରକାରୀ ନିୟମାବଳୀର କିଭଳି ପାଳନ ହୋଇପାରିବ ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ପୂଜା କମିଟିମାନେ ନେବେ । ସମସ୍ତ ନୀତି ନିୟମ ମଧ୍ୟରେ ରହି ଗଣେଶ ପୂଜା ପାଳନ ନିମନ୍ତେ ଉପସ୍ଥିତ ପୂଜା କମିଟି ସଦସ୍ୟମାନଙ୍କୁ ଜିଲ୍ଲାପାଳ ଶ୍ରୀ ବିକାଶ ପରାମର୍ଶ ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ବିଷାକ୍ତ ମଦ ନେଇଛି ୨୩୧ ମୁଣ୍ଡ: ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର, ୩୧/୮ (ନି.ପ୍ର): ୧୯୯୨ ଠାରୁ ଏଯାବତ୍ ବିଷାକ୍ତ ମଦ ପିଇ ୨୩୧ ଜଣଙ୍କ ମୃତ୍ୟୁ ଘଟିଛି ବୋଲି ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ଦେଇଛନ୍ତି । ସେ କହିଛନ୍ତି ଯେ, ୧୯୯୨ରେ କଟକରେ ସର୍ବାଧିକ ୧୩୪ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୧୨ରେ ଭୁବନେଶ୍ୱର ଉପକଣ୍ଠ ଟୁକୁଲିପଡ଼ାରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୦୧ରେ ପୁରୀରେ ୨୦, ୨୦୦୬ରେ ଗଞ୍ଜାମରେ ୧୯ ଜଣଙ୍କ ମୃତ୍ୟୁ । ନିର୍ବାଚନ ବେଳେ ଭଦ୍ରକ ତିହିଡ଼ିରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା । ସେ କହିଛନ୍ତି ଯେ ଗ୍ରାମାଂଚଳରେ ୪୩୩ଟି ଦେଶୀଭାଟି ଅଛି । ୨୨୭ କୋଟିର ରାଜସ୍ୱ ଆଦାୟ ହୋଇଛି । ପାଉଚ ଉତ୍ପାଦନ ପାଇଁ ୪୯୦ ମଦଭାଟିକୁ ଲାଇସେନ୍ସ ଦିଆଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ୨୩ କୋଟି ଲିଟର ମହୁଲି ମଦ ପ୍ରସ୍ତୁତ ହୋଇଥିବା ସେ କହିଛନ୍ତି ।

# ନୀଳଗିରି ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ




ନୀଳଗିରି, ୩୧/୮ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି।ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ ଜାତୀୟ ପତାକା ଉତ୍ତୋଳନ କରି, ନୀଳଗିରି ସହରକୁ ସରସ ସୁନ୍ଦର ଗଢ଼ିତୋଳିବା ପାଇଁ , ଏନଏସି ବାସୀଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ।ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏନଏସି ତରଫରୁ ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୀଳଗିରିର ପ୍ରଥମ ଏନଏସି ଅଧ୍ୟକ୍ଷ କ୍ଷିତିଶ ଚନ୍ଦ୍ର ରାୟଙ୍କ ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ବାଇପାସ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ କାଉନସେଲର କମଳା ପଣ୍ଡା,ଏନଏସି ସଦସ୍ୟ ଉପେନ୍ଦ୍ର ଦାସ,ମନୋଜ କୁମାର ଦାସ, ନରେନ୍ଦ୍ର ଗୋଚ୍ଛାୟତ, ଅନନ୍ତ ସେଠୀ, ଦେବେନ୍ଦ୍ର ଦାସବାବୁ, ସିଓ ମମତା ପଣ୍ଡା , ଜେଇ ବୁଦ୍ଧିରାମ ସିଂ ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ନିର୍ବାହୀ ଅଧିକାରୀ ସମେତ କେତେକ କାଉନସିଲର ଅନୁପସ୍ଥିତ ଥିବା ଦେଖାଯାଇଛି।

# ଉପାନ୍ତ ଅଞ୍ଚଳରେ ମଶାରୀ ବଣ୍ଟନ କଲେ ଯୁବ ସମାଜସେବୀ ରଞ୍ଜିତ



ନୀଳଗିରି, ୩୧/୮ (ନି.ପ୍ର): ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ବିଷ୍ଣୁପଦ ପଣ୍ଡିତଙ୍କ ପୁଅ ତଥା ଯୁବ ସମାଜସେବୀ ରଣଜିତ କୁମାର ପଣ୍ଡିତ ନୀଳଗିରି ଉପାନ୍ତ ଅଞ୍ଚଳ ଜୁଣିଆ ଗ୍ରାମରେ ଯାଇ ଗରିବ ଲୋକମାନଙ୍କୁ ମସାରୀ ବଣ୍ଟନ କରିବା ସହ ତାର ବ୍ୟବହାର ସମ୍ପର୍କରେ ଅବଗତ କରିଛନ୍ତି।ସାରା ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ନୀଳଗିରି ଏକ ପାହାଡିଆ ଓ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ଜଙ୍ଗଲ ନିକଟରେ ରହୁଥିବା ଲୋକମାନଙ୍କୁ ଡେଙ୍ଗୁ ରୋଗରୁ କିପରି ବଞ୍ଚିତ ରହିବେ ସେ ବାବଦରେ ଅବଗତ କରିବା ସହ ୫୦ ରୁ ଉର୍ଦ୍ଧ୍ୱ ମସାରୀ ବଣ୍ଟନ କରିଥିଲେ।

# ଗଛ ଲଗାଅ ପୃଥିବୀ ବଞ୍ଚାଅ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ

ନୀଳଗିରି , ୩୧/୮ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ପ୍ରାଥମିକ ବିଦ୍ୟାଳୟରେ ଯୁବ ସମାଜସେବୀ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ "ଗଛ ଲଗାଅ ପୃଥିବୀ ବଞ୍ଚାଅ" ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଛି । ବିଚାରକ ଭାବେ ପ୍ରଧାନଶିକ୍ଷୟତ୍ରୀ ସତ୍ୟବତୀ ମହାନ୍ତି ଓ ଶିକ୍ଷୟତ୍ରୀ ଉର୍ମିଳା ମହାନ୍ତି ଉପସ୍ଥିତ ରହିଥିଲେ।ପଞ୍ଚମ ଶ୍ରେଣୀ ର ଛାତ୍ରୀ ହିମାଂଶି ସୈନି ପ୍ରଥମ ସ୍ଥାନ ଅଧିକାର କରିଥିଲେ ବେଳେ ପଞ୍ଚମ ଶ୍ରେଣୀର ଛାତ୍ରୀ ମନିଷା ସଲ, ତୃତୀୟ ଶ୍ରେଣୀର ଛାତ୍ରୀ ସୃଷ୍ଟିପ୍ରଲିପ୍ତା ମଲିକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୁବ



ସମାଜସେବୀ କମଳଲୋଚନ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ତଥା ମହାବିଦ୍ୟାଳୟରେ ପରିବେଶର ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରୁଛନ୍ତି। ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ। ଏହି କାର୍ଯ୍ୟକ୍ରମକୁ ଉମେଶ ପ୍ରଧାନ, ବନଲତା ପାତ୍ର, ଗୁନଗୁନ ମହାଳିକ, ଋତୁରାଜ ସଲ, ଭବାନୀ ଶଙ୍କର ପାତ୍ର, ତୃପ୍ତିରେଖା ସଲ ପ୍ରମୁଖ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

# ଜଳେଶ୍ୱର ପୌରପାଳିକା ଆନୁକୂଲ୍ୟରେ ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ

ଜଳେଶ୍ୱର, ୩୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌର ପରିଷଦ ୧୭ଗୋଟି ରାଜସ୍ୱ ଗ୍ରାମକୁ ନେଇ ୧୯୬୪ ମସିହାରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଦ୍ୱାରା ଏନ.ଏ.ସି. (ବିଜ୍ଞାପିତ ଅଂଚଳ ପରିଷଦ) ଭାବରେ ଗଠିତ ହୋଇଥିଲା ଏବଂ ତାହା ୨୦୧୪ ମସିହାରେ ପୌର ପରିଷଦ ଭାବରେ ମାନ୍ୟତା ଲାଭ କରିଥିଲା।୨୦୧୧ ମସିହା ଜନଗଣନା ଅନୁଯାଇ ୨୫,୭୪୭ ଲୋକ ସଂଖ୍ୟା ଥିବା ବେଳେ ଏହାର ପରିସିମା ୧୭.୨୫ ବର୍ଗ ମିଟର ପରିମିତ ଅଟେ।ପରିଷଦର ୧୭ ଗୋଟି ୱାର୍ଡକୁ ନେଇ ପ୍ରତକ୍ଷ ଭାବରେ ନଗରପାଳ ନିର୍ବାଚନରେ ନିର୍ବାଚିତ ହୋଇଥିବା ବେଳେ ଉପ-ନଗରପାଳ ପରିଷଦକୁ ପରୋକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ପରିଷଦର ଇଲାକାରେ ବର୍ତମାନର ଜନ ସଂଖ୍ୟା ପ୍ରାୟ ୩୫ ହଜାରରୁ ଅଧିକ ହେବ ବୋଲି କୁହାଯାଉଛି। ଜଳେଶ୍ୱର ନଗରପାଳ ଶ୍ରୀଯୁକ୍ତ ପ୍ରତୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମନ୍ୟବର ବାଲେଶ୍ୱରର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲା ବେଳେ ଜଳେଶ୍ୱର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ତହସିଲଦାର ସତ୍ୟଜିତ



ମହାନ୍ତି,ପୂର୍ବତନ ନଗରପାଳ ଜଳେଶ୍ୱର ବିଜ୍ଞାପିତ କ୍ଷେତ୍ର ପରିଷଦ,ସୁନୀଲ କୁମାର ପରିଡ଼ା ପୂର୍ବତନ ନଗରପାଳ ଜଳେଶ୍ୱର ବିଜ୍ଞାପିତ କ୍ଷେତ୍ର ପରିଷଦ,ପ୍ରବୀର କୁମାର ପ୍ରଧାନ ପୂର୍ବତନ ନଗରପାଳ ଜଳେଶ୍ୱର ବିଜ୍ଞାପିତ କ୍ଷେତ୍ର ପରିଷଦ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।ପ୍ରାତଃ ୫ ଘଟିକା ସମୟରେ ରାମଧୂନ୍ ପରେ ପରେ ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ ସହିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରାଯିବା ସହିତ ଅଧ୍ୟକ୍ଷ,ଉପାଧ୍ୟକ୍ଷା,ପାରିଷଦବୃନ୍ଦ ଓ ନିବାହୀ ଅଧିକାରୀଙ୍କ ଦ୍ୱାରା ଜି.କେ, ଭଞ୍ଜର ହସପିଟାଲ, ଭିନ୍ନକ୍ଷମ ସ୍କୁଲ ଓ ଗାନ୍ଧି ଆଶ୍ରମରେ ପିଲାମାନଙ୍କ ପାଇଁ ଫଳ ବଣ୍ଟନ କରାଯାଇ ଥିଲା।ଆମ୍ବେଦକର ପାର୍କ ଓ ସ୍ମାର୍ଟ ଶ୍ମସାନ ଗୃହର ଶୁଭ ଉଦ୍‌ଘାଟନ ଏବଂ ଆଧୁନିକ ମାଛ ମାର୍କେଟ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।ଏହି ସାଧାରଣ ସଭାରେ ପୂର୍ବତନ ପୌର କାର୍ଯ୍ୟନିର୍ବାହୀ ଅଧିକାରି ଅଜୟ କୁମାର ମହାପାତ୍ର,ନିମାଇଁ ଚରଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବତନ ପୌର ପରିଷଦ ଅଧକ୍ଷ ସୁଭାଷିନୀ ସିଂ, ପ୍ରବୀର କୁମାର ପ୍ରଧାନ, ସୁନୀଲ କୁମାର ପରିଡ଼ା, ଶିପ୍ରାରାଣୀ ପରିଡ଼ା, ପୂର୍ବତନ ପୌର ପରିଷଦ ଉପାଧକ୍ଷ ଦେବୀଦାସ ଗିରି, ମଲ୍ଲି ସୋରେନ, ମିହିର ଦାସ,ଦୂଲାଲ ଦାସ, ରାଧାକୃଷ୍ଣ ଗିରି,ସବିତା ବ୍ରହ୍ମ ସେହିପରି ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ହସପିଟାଲ କର୍ମଚାରୀ ମଣିକମଳା ମହାନ୍ତି, ଆଇନ ଶୃଙ୍ଖଳା ବିଭାଗ କ୍ଷେତ୍ରରେ ଜଳେଶ୍ୱର ଥାନାର ସବ ଇନ୍ସପେକ୍ଟର ଚିରଞ୍ଜିବ ରାଉତ୍, ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଙ୍ଘ,ସମାଜ ସେବା କ୍ଷେତ୍ରରେ ହରିଶଙ୍କର ପଣ୍ଡା,ପୌର ପରିଷଦ ସବୁଠାରୁ ଭଲ କର୍ମଚାରୀ ତାପସ ରଂଜନ ମହାପାତ୍ର ଶହ ବିଭିନ୍ନ ସ୍କୁଲ ଓ କଲେଜର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହିସବୁ କାର୍ଯ୍ୟକ୍ରମରେ କାଉନସିଲର ସେକ ସଇଫୁଦ୍ଦିନ, ସୁରଜ କୁମାର ଚୌରାଶିଆ, ସ୍ୱାଗତିକା ପାଳ, କବିତା ସାହୁ, ଚନ୍ଦନ କୁମାର ଦାସ, ମୀର ଆବାସ ଅଲ୍ଲୀ, ଚିତ୍ତରଞ୍ଜନ ମହାନ୍ତି,ଗୋବିନ୍ଦ ସାହୁ,କବିତା ଧଳ,ସୁଷମା କର, ଶିବନାରାୟଣ ମହାପାତ୍ର,ସସ୍ମିତା ପାତ୍ର, ସତ୍ୟବତୀ ଗିରି,ଉମା ହେମ୍ବ୍ରମ,ଲକ୍ଷ୍ମଣ ସୋରେନ,ରଶ୍ମୀ ନନ୍ଦୀଙ୍କ ସହ ପୌର ପରିଷଦ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଭରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁନିୟର ଇଞ୍ଜିନିୟର ସୁଶିଲ କୁମାର ମୁର୍ମୁ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିବା ବେଳେ ପୌର ପରିଷଦର ଉପାଧକ୍ଷା ପୁଷ୍ପପ୍ରିୟା କାମି କାମୀଳ। ସ୍ୱ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଲାୟନ୍ସ କ୍ଲବ ବାଲିଆପାଳର ନବମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୩୧/୮ (ନି.ପ୍ର): ଲାୟନ୍ସ କ୍ଲବ ବାଲିଆପାଳର ନବମ ଅଧିଷ୍ଠାନ ଉତ୍ସବ ଶୁକ୍ରବାର ବାଲିଆପାଳ ବ୍ଲକ ଛକ ସ୍ଥିତ ହୋଟେଲ ଶୁଭମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବର ସଭାପତି ତଥା ଜୁନ ଚେୟାରପର୍ଶନ ଲାୟନ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିଷ୍ଠାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରିଥିଲେ।ସମ୍ମାନିତ ଅତିଥି ଭାବରେ ତହସିଲଦାର ଜନକ କୁମାର ନାୟକ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି କ୍ଲବର ସଦସ୍ୟ ମାନଙ୍କ ଜନସେବାକୁ ପ୍ରଶଂସା କରିଥିଲେ। ଇଣ୍ଡକ୍ସନ ଅଫିସର ଭାବେ ଭିଡିଜି ୧ ଲାୟନ ମମତା ଦାସ କ୍ଲବର ସମସ୍ତ ସଦସ୍ୟ ମାନଙ୍କ ଦାୟିତ୍ୱ,କର୍ତ୍ତବ୍ୟ ଓ ମୂଲ୍ୟବୋଧ ବୁଝାଇବା ସଙ୍ଗେ ସଙ୍ଗେ ନୂତନ ସଦସ୍ୟଙ୍କୁ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଥିଲେ।ଇନିଷ୍ଟଲେସନ ଅଫିସର ଭାବେ ଡିଷ୍ଟ୍ରିକ୍ଟ ୩୨୨ସି୫ର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ପ୍ରକାଶ ଜେନା ୨୦୨୪-୨୫ ବର୍ଷ ପାଇଁ ନୂତନ ସଭାପତି ଭାବେ ଲାୟନ ତରୁଣ କୁମାର ମହାପାତ୍ର,ସମ୍ପାଦକ ଲାୟନ ତାରାକାନ୍ତ ଜେନା, ଟ୍ରେଜେରାର ଲାୟନ ଭୁବନ ମୋହନ ପିଳା,ଉପସଭାପତି ଲାୟନ ଅମିତ କୁମାର ପଟନାୟକ ଓ ଅନ୍ୟ ସଦସ୍ୟଙ୍କୁ ତାଙ୍କ କାର୍ଯ୍ୟ ଓ ଦାୟିତ୍ୱ ବିଷୟରେ ବୁଝାଇବା ସହିତ ଶପଥ ପାଠ କରାଇଥିଲେ।ରିଜନ ଚେୟାରପର୍ଶନ ଲାୟନ ଭୁବନ ମୋହନ ପିଳା,ବରିଷ୍ଠ ସଦସ୍ୟ ଲାୟନ ରାଜେନ୍ଦ୍ର ରଣା ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଲାୟନ ସଞ୍ଜୟ କୁମାର ଜେନା ଏବଂ ଲାୟନ ଡ.ସୁଶାନ୍ତ କୁମାର ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଲାୟନ ଝାଡେଶ୍ୱର ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।ଲାୟନ ଗୋବିନ ପ୍ରସାଦ ଦାସ ଶାନ୍ତି ପାଠ କରିଥିବା ବେଳେ ଲାୟନ ନବୀନ କୁମାର ପାତ୍ର ନୀତିବାଣୀ ପାଠ କରିଥିଲେ।ଏହି ଅବସରରେ କ୍ଲବର ପ୍ରତିଷ୍ଠାତା ସଦସ୍ୟ ଓ ଅତିଥି ମାନଙ୍କୁ ମୋମେଣ୍ଟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲାୟନ୍ସ କ୍ଲବ ଜଳେଶ୍ୱରର ସମ୍ପାଦକ ସମରେଶ ଦିନ୍ଦା,ରୋଟାରୀ କ୍ଲବ ବାଲିଆପାଳର ପୂର୍ବତନ ସଭାପତି ଡ.ସନ୍ତୋଷ କୁମାର ଦାସ କାର୍ଯ୍ୟକ୍ରମ ରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।କ୍ଲବର ସମ୍ପାଦକ ତାରାକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ସଂଗ୍ରାମୀ ଯୁବ ଛାତ୍ର ସଂଗଠନର ଦ୍ୱିତୀୟ ବାର୍ଷିକ ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର, ୩୧/୮ (ନି.ପ୍ର): ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଗ୍ରାମୀ ଯୁବ, ଛାତ୍ର ସଂଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ଚିତ୍ରକୋଣ୍ଡାର ମାନ୍ୟବର ବିଧାୟକ ମଙ୍ଗୁ ଖିଲ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର, ସମାଜସେବୀ ନିବେଦିତା ଶତପଥୀ, ଏସ୍.କେ. ଅବଦୁଲ୍ ସାବିଦ୍ ଓ ବିନୋଦ କୁମାର ରାଉତ ଅତିଥି ରୂପେ ଯୋଗଦେଇ ଦେଶ ଓ ଜାତିର ସ୍ୱାର୍ଥ ଦୃଷ୍ଟିରେ ଯୁବ ସମାଜ ଦାୟିତ୍ୱବୋଧ ହେବା ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ପରିତାପର ବିଷୟ ଯେ ଆଜିର ଯୁବ ସମାଜ ନିଜର ଅଧିକାର ପାଇବା ସମ୍ବନ୍ଧେ ଯେତେ ସଚେତନ ନିଜ ଦାୟିତ୍ୱକୁ ନିର୍ବାହ କରିବା ପାଇଁ ସେତେଟା ସଚେତନ ନୁହଁ । ଏଣୁ ଆମେ ମନେ ରଖିବା ଉଚିତ୍ ଦେଶ ଓ ଜାତିର ବୃହର ସ୍ୱାର୍ଥକୁ ଆଖି ଆଗରେ ରଖି ଯୁବ ସମାଜ ନିଜ ର୍କବ୍ୟ ନିଷ୍ଠାର ସହ ପାଳନ କରିବା ସହ ନିଶାଠାରୁ ନିଜକୁ ଦୂରେଇ ରଖିବା ଅତ୍ୟନ୍ତ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo